RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -263 ସଂଖ୍ୟା-୨୬୩
ଭୁବନେଶ୍ୱର, ଶନିବାର ୦୩ ଜାନୁଆରୀ ୨୦୨୬
Bhubaneswar, Saturday 03 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ଅନ୍ୟାୟ ଓ ଅତ୍ୟାଚାର ବିରୋଧୀ ସଂଗ୍ରାମର ଡିଏନଏ ଥିଲେ ମହତାବ

ଭୁବନେଶ୍ୱର, ୨।୧ (ନି.ପ୍ର.): ଡକ୍ଟର ମହତାବଙ୍କ ଜୀବନ କାଳ ମଧ୍ୟରେ ସ୍ୱାଧୀନତା ଆନ୍ଦୋଳନ ଏବଂ ତା ପରବର୍ତ୍ତୀ ପର୍ଯ୍ୟାୟରେ ଓଡିଶାରେ ଯେ କୌଣସି ଆନ୍ଦୋଳନ ହୋଇଛି କିମ୍ବା ପ୍ରତିବାଦର ସ୍ୱର ଉଠିଛି, ତା'ର ନେତୃତ୍ୱ ମହତାବ ନେଇଛନ୍ତି କିମ୍ବା ସେହି ଆନ୍ଦୋଳନ ପଛରେ ଡକ୍ଟର ମହତାବଙ୍କ ଦୃଢ ପ୍ରେରଣା ରହିଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡକ୍ଟର ମହତାବଙ୍କ ଶ୍ରାଦ୍ଧ ବାର୍ଷିକୀ ତଥା ୩୯ତମ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ ଅବସରରେ କହିଛନ୍ତି।

ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଡକ୍ଟର ମହତାବଙ୍କ ମହାପ୍ରୟାଣ ଦିବସରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଦିବସ ପାଳନ କରାଯିବା ଏକ ଅପୂର୍ବ ସଂଯୋଗ ଏବଂ ଏହା ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଦେଶର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ମଧ୍ୟରେ ଡକ୍ଟର ମହତାବଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି।

ଏହି ଅବସରରେ ଭୁବନେଶ୍ୱର ମଧ୍ୟବର୍ତ୍ତୀ ଅଞ୍ଚଳରେ ଡକ୍ଟର ମହତାବଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତୀ ସ୍ଥାପନ ସହିତ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ବର୍ଗଙ୍କ ପାଇଁ କୁଟୁମ୍ବ ଯୋଜନା ପ୍ରକ୍ରିୟାରେ



ରହିଛି, ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ସେ କହିଥିଲେ ବରପୁତ୍ର ମାନଙ୍କୁ ସମ୍ମାନ ଦେବା ହେଉଛି ଆମର ନୈତିକ ଦାୟିତ୍ୱ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ପ୍ରେରଣାରେ ଆମ ସରକାର ରାଜ୍ୟର ବରପୁତ୍ର ଓ ମହାମନିଷୀଙ୍କୁ ଯଥୋଚିତ ସମ୍ମାନ ଦେବା ପାଇଁ ପ୍ରଥମ ଦିନରୁ ଉଦ୍ୟମରତ ଅଛି। ବରପୁତ୍ର ଓ ମହାମନିଷୀଙ୍କ ଗ୍ରାମକୁ ଯାଇ ତାଙ୍କର ଜୟନ୍ତୀ ଓ ପୁଣ୍ୟତିଥି ଦିବସ ସେଠାରେ ପାଳନ କରାଯାଉଛି।

ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଏବଂ ସେମାନଙ୍କ ପରିବାର ବର୍ଗଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସରକାର ରାଜ୍ୟର ସମସ୍ତ ସ୍ୱାଧୀନତା ସଂଗ୍ରାମୀ ତଥା ଜରୁରୀକାଳୀନ ପରିସ୍ଥିତିରେ ଲଢେଇ କରିଥିବା ସଂଗ୍ରାମୀ ମାନଙ୍କୁ ଯଥୋଚିତ ସମ୍ମାନ ଦେଉଛନ୍ତି। ବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ପେନସନ ୧୦ ହଜାର ଟଙ୍କାରୁ ୨୦ ହଜାର ଟଙ୍କା କରାଯାଇଛି। ସେମାନଙ୍କ ଅନ୍ତେ ତାଙ୍କ ପତ୍ନୀ ଓ ଅବିବାହିତ ଝିଅ ମଧ୍ୟ ଏହି ସୁବିଧା ପାଇବେ। ସେହିପରି ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀଙ୍କ ମାସିକ ପେନସନକୁ ୯ ହଜାର ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି। କେନ୍ଦ୍ର ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ପ୍ରତୀକ ଭତ୍ତା ଭାବେ ମାସିକ ୧୦ ହଜାର ଟଙ୍କା ପ୍ରଦାନ କରାଯାଉଛି। ଏଥିସହିତ ଜରୁରୀ କାଳୀନ ପରିସ୍ଥିତି ସମୟରେ ମିଶା ଆଇନ୍‌ରେ ଗିରଫ ହୋଇଥିବା ୧୫୨ ଜଣ ଲୋକତନ୍ତ୍ର ସେନାନୀଙ୍କ ପାଇଁ ମଧ୍ୟ ମାସିକ ୨୦ ହଜାର ଟଙ୍କାର ପେନସନ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଅଧିକ ଲୋକତନ୍ତ୍ର ସେନାନୀଙ୍କୁ ପେନସନ ଦିଆଯିବ ବୋଲି ସେ କହିଥିଲେ।

ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀ ପରିବାରର ଦାୟଦ ଏବଂ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇ କହିଥିଲେ ଆଜି ସ୍ୱାଧୀନତା ଆନ୍ଦୋଳନର ଆବଶ୍ୟକତା ନାହିଁ। କିନ୍ତୁ ଏବେ ଆଉ ଏକ ସଂଗ୍ରାମର ଆବଶ୍ୟକତା ରହିଛି। ତାହା ହେଉଛି ଭାରତକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସଂଗ୍ରାମ। ଏଥିରେ ସମସ୍ତେ ସାମିଲ ହେବା ପାଇଁ ସେ କହିଥିଲେ। କାର୍ଯ୍ୟକ୍ରମରେ ପୂର୍ତ୍ତ, ଆଇନ୍ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଓଡିଶାରେ ଯଦି ଡକ୍ଟର ମହତାବ ଜନ୍ମ ନେଇନଥାନ୍ତେ ତେବେ ଓଡିଶା ପ୍ରଦେଶର ଆମେ ଯେଉଁ ମାନଚିତ୍ର ପାଇଛୁ, ତାହା ଦେଖିବାକୁ ମିଳିନଥାନ୍ତା। ଓଡିଶାରେ ଭିତ୍ତିଭୂମି, ଶିଳ୍ପ, କୃଷି, ଜଳସେଚନ ଆଦି ପ୍ରତ୍ୟେକ କ୍ଷେତ୍ରର ବିକାଶର ମୂଳଦୁଆ ସ୍ଥାପନ କରିଥିଲେ ଡକ୍ଟର ମହତାବ।

# ବଡ଼ ଦାଣ୍ଡରେ ସିରିଜ୍ ଦୁର୍ଘଟଣା

ପୁରୀ, ୨।୧ (ନି.ପ୍ର): ପୁରୀ ବଡ଼ ଦାଣ୍ଡରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ବୋଲେରୋ ସିରିଜ୍ ଦୁର୍ଘଟଣା ଘଟାଇଛି । ବୋଲେରୋ ଗାଡ଼ି ଧକ୍କାରେ ଜଣେ ଶିଶୁର ମୃତ୍ୟୁ ହୋଇଛି । ଶିଶୁଟିର ବୟସ ମାତ୍ର ପାଞ୍ଚ ବର୍ଷ ହୋଇଥିବା ଜଣାପଡ଼ିଛି । ଯାହାକୁ ନେଇ ଉତ୍ତେଜନା ଦେଖା ଦେଇଛି ।

ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ବୋଲେରୋ ଧକ୍କାରେ ଶିଶୁ ମୃତ

## ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା

ଗଭୀର ଶୋକ ପ୍ରକାଶ କରିବା ସହ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ନିଜ ରିଲିଫ ପାଣ୍ଠିରୁ ମୁଖ୍ୟମନ୍ତ୍ରୀ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି।

ଆଜି ସକାଳୁ ସକାଳୁ ପୁରୀ ବଡ଼ ଦାଣ୍ଡରେ ଜଣେ ବ୍ୟକ୍ତି ତାଙ୍କର ଦୁଇ ନାତିଙ୍କୁ ଏକ ସ୍କୁଟିରେ ଧରି ଜଳଖିଆ କିଣିବାକୁ ଆସୁଥିଲେ । ଏହି ସମୟରେ ଏକ ବୋଲେରୋ ଗାଡ଼ି (ଓଡି୨୨ଏସି୩୦୪୮) ବଳଗଣ୍ଡି ଛକ ନିକଟରେ ସ୍କୁଟିକୁ ଧକ୍କା ଦେଇଥିଲା । ଫଳରେ ତିନି ଜଣ ସ୍କୁଟି ଆରୋହୀ ତଳେ ପଡ଼ି ଗୁରୁତର ହୋଇଯାଇଥିଲେ । ଉପସ୍ଥିତ ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ନାବାଳକର ମୃତ୍ୟୁ ହୋଇଛି । ଜେଜେ ଏବଂ ଆଉ ଜଣେ ନାବାଳକ ଏବେବି ଚିକିତ୍ସାଧୀନ ଅଛନ୍ତି ।





ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ବୋଲେରୋ ଏବଂ ସ୍କୁଟି ଉଭୟ ଡାକ୍ତରଖାନା ଆଡୁ ମନ୍ଦିର ରାସ୍ତା ଅଭିମୁଖେ ଯାଉଥିଲା । ବୋଲେରୋ ଗାଡ଼ିଟି ସ୍କୁଟିକୁ ପଛପଟୁ ଧକ୍କା ଦେଇ ଶିଶୁ ଏବଂ ସ୍କୁଟି ଚାଳକଙ୍କୁ ଘୋଷାଡ଼ି ନେଇଥିଲା । ଧକ୍କା ଦେବା ପରେ ମଧ୍ୟ ବୋଲେରୋ ଗାଡ଼ି ଅଟକି ନ ଥିଲା। ଯଦ୍ୱାରା ଶିଶୁଟିର ମୃତ୍ୟୁ ହେଲା ବୋଲି ପ୍ରତ୍ୟକ୍ଷଦର୍ଶ କହିଛନ୍ତି। ଏହା ସହିତ ବୋଲେରୋ ଜଣେ ସାଇକେଲ ଆରୋହୀଙ୍କୁ ମଧ୍ୟ ଧକ୍କା ଦେଇଥିବା ସୂଚନା ମିଳିଛି। ନବକିଶୋର ମହାରଣା ନାମକ ଜଣେ ବ୍ୟକ୍ତିଙ୍କୁ ଗାଡ଼ିଟି ଧକ୍କା ଦେଇଥିଲା। ନବକିଶୋର ମଧ୍ୟ ତଳେ ପଡ଼ି ଯାଇଥିଲେ । ସ୍ଥାନୀୟ ଲୋକେ ଉକ୍ତ ଗାଡ଼ିକୁ ଅଟକ ରଖି ଭଙ୍ଗାରୁଜା କରିଥିଲେ । କୁମ୍ଭାରପଡ଼ା ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ବୋଲେରୋକୁ ଜବତ କରିବା ସହିତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରୁଛି।

# ସେନା ଶିବିରରେ ଭୟଙ୍କର ଅଗ୍ନିକାଣ୍ଡ

ନୂଆଦିଲ୍ଲୀ, ୨।୧ (ନି.ପ୍ର.): ଉତ୍ତରାଖଣ୍ଡର ଜୋଶୀମଠରେ ଏକ ସେନା ଶିବିର ଭିତରେ ଥିବା ଏକ ଦୋକାନରେ ହଠାତ୍ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା । ଫଳରେ ସମ୍ପୂର୍ଣ୍ଣ ଦୋକାନଟି ଜଳିଯାଇଥିଲା । ସେନା କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ପ୍ରୟାସ କରୁଛନ୍ତି ।

ଶିବିରର ଷ୍ଟୋରେଜ୍ ଅଞ୍ଚଳରେ ଅପରାହ୍ନ ପ୍ରାୟ ୨ଟା ସମୟରେ ନିଆଁ ଲାଗିଥିଲା । ସ୍ପାର୍କ ଯୋଗୁଁ ନିଆଁ ଲାଗିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣା ପଡିଛି । ଅଗ୍ନିକାଣ୍ଡ ପରେ ନିଆଁ ଦ୍ରୁତ ଗତିରେ ବ୍ୟାପିଥିଲା । ସେଠାରେ ଗଚ୍ଛିତ ସାମଗ୍ରୀ, ଉପକରଣ ଏବଂ ଅନ୍ୟାନ୍ୟ



ସାମଗ୍ରୀ ଜଳି ଯାଇଥିଲା । ତୁରନ୍ତ ସେନା ଅଧିକାରୀ ସ୍ଥାନୀୟ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । କିନ୍ତୁ ପ୍ରତିକୂଳ ଭୂମି ଯୋଗୁଁ ସହାୟତା ପହଞ୍ଚିବାରେ ବିଳମ୍ବ ହୋଇଥିଲା । ସେନା କର୍ମଚାରୀମାନେ ନିଜେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରୁଛନ୍ତି । ପାଣି ଟ୍ୟାଙ୍କର ଏବଂ ମାନୁଆଲ୍ ଉପକରଣ ସମେତ ଶିବିରରେ ଥିବା କିଛି ଉପକରଣ ବ୍ୟବାହାର କରି ନିଆଁକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି । ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, "ପରିସ୍ଥିତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆଣିବା ପାଇଁ ସମସ୍ତ ପ୍ରୟାସ କରାଯାଉଛି । ତେବେ ଅଗ୍ନିକାଣ୍ଡରେ କେହି ମୃତାହତ ହୋଇନଥିବା ସୂଚନା ରହିଛି । ଅଗ୍ନିକାଣ୍ଡର ତୀବ୍ରତା ଯୋଗୁଁ ପରିସ୍ଥିତି ସଙ୍କଟାପର୍ଣ୍ଣ ରହିଛି । ଘଟଣାସ୍ଥଳରୁ ମିଳିଥିବା ଦୃଶ୍ୟଗୁଡ଼ିକ ଦର୍ଶାଉଛି ଯେ ସୈନିକମାନେ ନିଆଁକୁ ନିୟନ୍ତ୍ରଣ କରିବା ଜାରି ରଖିଥିବା ବେଳେ ଉକ୍ତ ସ୍ଥାନରୁ ଘନ ଧୂଆଁ ବାହାରୁଛି।

# ଲୋକସେବା ଭବନରେ ରିଲସ୍‌କୁ ନେଇ ଉଦ୍‌ବେଗ

ଭୁବନେଶ୍ୱର ୨।୧ (ନି.ପ୍ର.): ଲୋକସେବା ଭବନରେ ରିଲ୍ସ କରିବାକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଲୋକସେବା ଭବନରେ ରିଲ୍ସ ପାଇଁ ଗୃହ ବିଭାଗ ଗାଇଡ୍‌ଲାଇନ୍ ଆଣିବ। ଲୋକସେବା ଭବନରେ ରିଲ୍ସ କରିବା ଠିକ୍ କଥା ନୁହେଁ, ସେଥି କାର୍ଯ୍ୟ କରୁଥିବା ବ୍ୟକ୍ତି ହୁଅନ୍ତୁ କି ବାହାର ଲୋକ, ରିଲ୍ସ ମନା। ଲୋକସେବା ଭବନରେ ରିଲ୍ସର କୌଣସି ଅବକାଶ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଆଗକୁ ଗୃହ ବିଭାଗ ଲୋକସେବା ଭବନ ସୁରକ୍ଷାକର୍ମୀଙ୍କୁ ଏ ବାବଦରେ କଡ଼ା ତାଗିଦ କରିବ। ରିଲ୍ସ ହେଉଥିଲେ ଲୋକସେବା ଭବନ ସୁରକ୍ଷାକର୍ମୀ ଓ ପୋଲିସ ତୁରନ୍ତ ପଦକ୍ଷେପ ନେବେ। ଲୋକସେବା ଭବନରେ ରିଲ୍ସ ମୋ' ନଜରକୁ ଆସି ନ ଥିବା ପ୍ରତିକ୍ରିୟାରେ କହିଛନ୍ତି ମନ୍ତ୍ରୀ।

# ଆରପାରିରେ ପୂର୍ବତନ ବିଧାୟକ ଅକ୍ଷୟ ଆଚାର୍ଯ୍ୟ

ଭୁବନେଶ୍ୱର, ୨।୧ (ନି.ପ୍ର.): ଆରପାରିରେ ପୂର୍ବତନ କଂଗ୍ରେସ ବିଧାୟକ ଅକ୍ଷୟ ଆଚାର୍ଯ୍ୟ। କାହାଲିଆ ସ୍ଥିତ ବାସଭବନରେ ସେ ତାଙ୍କର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତେବେ ସେ ଦୀର୍ଘ ଦିନ ଧରି କର୍କଟ ରୋଗରେ ପୀଡ଼ିତ ଥିଲେ। ତେଣୁ କର୍କଟ ରୋଗ ପାଇଁ ତାଙ୍କର ଚିକିତ୍ସା ଚାଲିଥିଲା। ହେଲେ ଚିକିତ୍ସିତ ଅବସ୍ଥାରେ ଆଜି ସକାଳୁ ସକାଳୁ ସେ ଆଖି ବୁଜିଛନ୍ତି। ତେବେ ତାଙ୍କର ଦେହାନ୍ତରେ ଶୋକର ଛାୟା ଖେଳିଯାଇଛି।



ଅକ୍ଷୟ କୁମାର ଆଚାର୍ଯ୍ୟ ୧୯୬୯ ମସିହାରେ ଭାରତୀୟ କଂଗ୍ରେସ ଯୋଗ ଦେଇଥିଲେ। ଅକ୍ଷୟ ୧୯୮୦ ମସିହାରେ ଆଚାର୍ଯ୍ୟ ଦୁଇଥର କଂଗ୍ରେସ ପ୍ରାର୍ଥୀ ଭାବରେ ନୀଳଗିରି ନିର୍ବାଚନମଣ୍ଡଳୀରୁ ପ୍ରତିନିଧିତ୍ୱ କରିଥିଲେ। ଓଡ଼ିଶା ବିଧାନସଭାରେ ତାଙ୍କ କାର୍ଯ୍ୟକାଳ ତାଙ୍କ ନିର୍ବାଚନମଣ୍ଡଳୀ ଏବଂ ରାଜ୍ୟର କଲ୍ୟାଣ ପାଇଁ ତାଙ୍କ ପ୍ରତିବଦ୍ଧତା ଦ୍ୱାରା ଚିହ୍ନିତ ହୋଇଥିଲା। ତାଙ୍କ ରାଜନୈତିକ ଜୀବନରେ ସେ ଜନପ୍ରିୟ ନେତା ଥିଲେ। ନୀଳଗିରିର ବିକାଶକୁ ପ୍ରୋତ୍ସାହିତ କରିବାରେ ତାଙ୍କ ପ୍ରୟାସ ସର୍ବଦା ସ୍ମରଣୀୟ ରହିବ। ତେବେ ଅକ୍ଷୟ ଆଚାର୍ଯ୍ୟଙ୍କ ଦେହାନ୍ତରେ ତାଙ୍କ ସମର୍ଥକ ଏବଂ ସହକର୍ମୀମାନଙ୍କୁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଅନେକ ରାଜନୈତିକ ନେତା, ଶୁଭେଚ୍ଛୁ ଏବଂ ସ୍ଥାନୀୟ ଲୋକ ସେମାନଙ୍କ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ପରଲୋକରେ ରାଜ୍ୟବ୍ୟାପୀ ଶୋକ ପ୍ରକାଶ କରାଯାଉଛି। ସ୍ଥାନୀୟ ଶାସନ ପ୍ରତି ତାଙ୍କର ଅବଦାନ ଏବଂ ଜନସେବା ପ୍ରତି ତାଙ୍କର ଉତ୍ସର୍ଗ ଆଗାମୀ ବର୍ଷ ପାଇଁ ମନେ ରହିବ।

# ଓଭରଟେକ ହେଲା କାଳ, ୩ ମୃତ

ରାଇରଙ୍ଗପୁର, ୨।୧ (ନି.ପ୍ର.):: ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଓଭର୍ ଟେକ୍ କରିବା ବାଇକ୍ ଆରୋହୀଙ୍କ ପାଇଁ କାଳ ହୋଇଯାଇଛି । ବାଇକ୍ ଓ ବସ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଘଟଣା ସ୍ଥଳରେ ହିଁ ୩ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି ।

ମିଳିଥିବା ପ୍ରାଥମିକ ସୂଚନା ମୁତାବକ, ରାଇରଙ୍ଗପୁର ଟାଉନ୍ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୨୦ର ରାଣୀବନ୍ଧ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । 'ଶ୍ରୀ ଦୁର୍ଗା' ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ଯଶୀପୁର ଅଭିମୁଖେ ଯାଉଥିଲା । ସେହି ସମୟରେ ସାମ୍ନା ପଟୁ ଏକ ବାଇକ୍ ଆସିଥିଲା । ବାଇକରେ ୩ ଜଣ ଥିଲେ । ବାଇକ୍ ଚାଳକ ଏକ ଟ୍ରକକୁ ଓଭରଟେକ୍ କରୁଥିବାବେଳେ ବସ ସହ ସାମ୍ନାସାମ୍ନି ପିଟି ହୋଇଥିଲେ । ଫଳରେ ବାଇକଟି ବସ୍ ଚକାତଳେ ଆସିଯାଇଥିଲା ଏବଂ ବସ୍ ବାଇକ ଚାଳକଙ୍କୁ କିଛି ବାଟ ଘୋଷାଡ଼ି ନେଇଥିଲା । ଫଳରେ ତିନି ଯୁବକଙ୍କର ମୃତ୍ୟୁ



ହୋଇଥିଲା । ଖବର ପାଇ ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଁଚି ମୃତ ଦେହଗୁଡ଼ିକୁ ବସ ତଳୁ ଉଦ୍ଧାର କରିଛି । ଖବର ଲେଖାଯିବା ବେଳକୁ ୩ ଯୁବକଙ୍କ ପରିଚୟ ମିଳିପାରି ନଥିଲା।

# ଆଜି ଦେଖାଯିବ ସୁପରମୁନ୍

ଭୁବନେଶ୍ୱର ୨।୧ (ନି.ପ୍ର.):: ଆସନ୍ତକାଲି ଅର୍ଥାତ ଜାନୁଆରୀ ୩ତାରିଖ ଦିନ ପୌଷ ପୂର୍ଣ୍ଣମୀରେ ଦେଖାଯିବ ସୁପରମୁନ୍ । ପୂର୍ଣ୍ଣମୀ ସମୟରେ ଚନ୍ଦ୍ର ପ୍ରାୟ ୩ଲକ୍ଷ ୬୨ହଜାର କିମି ନିକଟରେ ରହିବ ଓ ସାଧାରଣ ଦିନର ପୂର୍ଣ୍ଣ ଚନ୍ଦ୍ର ଠାରୁ ପ୍ରାୟ ୧୪ପ୍ରତିଶତ ବଡ ସହ ୩୦ପ୍ରତିଶତ ଉଜ୍ଜ୍ୱଳ ଦେଖାଯିବ। ୨୦୨୬ ମସିହାରେ ଦ୍ୱିତୀୟ ସୁପରମୁନ୍ ନଭେମ୍ବର ୨୪ ଓ ଶେଷ ସୁପରମୁନ୍ ଡିସେମ୍ବର ୨୩ରେ ଦେଖାଯିବ । ଚଳିତ ବର୍ଷ ତିନି ଥର ସୁପରମୁନ୍ ଦେଖିବାକୁ ମିଳିବ। ସେହିଭଳି ୨୦୨୬ ମସିହାରେ ପୃଥିବୀଠାରୁ ଦୂରରେ ଥିବାବେଳେ ୩ଟି ପୂର୍ଣ୍ଣମୀ ପଡୁଥିବାରୁ ମେ ୧ ଓ ମେ ୩୧ ଏବଂ ଜୁନ୍ ୨୯ ତାରିଖରେ ମାଇକ୍ରୋମୁନ୍ ବା ଛୋଟ ମୁନ୍ ଦେଖାଯିବ । ଏଗୁଡିକ ଗୋଟିଏ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ ଯାହାକୁ ଖାଲି ଆଖିରେ ଦେଖିହେବ । ଆକାଶ ମେଘ ତଥା କୁହୁଡି ମୁକ୍ତ ରହିଲେ



କାଲି ସୁପରମୁନକୁ ସୂର୍ଯ୍ୟାସ୍ତ ପରଠାରୁ ସାରା ରାତି ଓଡିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ । ସୁପରମୁନ ଏକ ସାଧାରଣ ମହାଜାଗତିକ ଘଟଣା ଓ ଏହାର କୌଣସି ପ୍ରଭାବ ପୃଥିବୀ ତଥା ଆମ ଉପରେ ପଡେ ନାହିଁ । ସୁପରମୁନ୍ ଶବ୍ଦ ଟି ପ୍ରଥମେ ଆମେରିକାର ଜ୍ୟୋତିଷ ରିଚାର୍ଡ ନଲ ୧୯୭୯ ମସିହାରେ ପ୍ରଚଳନ କରିଥିଲେ । ଧୀରେ ଧୀରେ ସୁପରମୁନ୍ ଶବ୍ଦ ଟି ଖୁବ ଲୋକପ୍ରିୟ ହୋଇ ଏବେ ବହୁଳ ଭାବରେ ବ୍ୟବହାର ହେଉଛି ।

# ୧୦ରୁ ମିଳିବ ଗ୍ରୀନ୍ ଷ୍ଟିକର

ଭୁବନେଶ୍ୱର, ୨।୧ (ନି.ପ୍ର.): ଓଡ଼ିଶା ରାଜ୍ୟ ପରିବହନ କର୍ତ୍ତୃପକ୍ଷ ରାଜ୍ୟ ସାରା ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ସହଜ କରିବା ପାଇଁ ଏକ ପିୟୁସିସି ବୈଧତା ଷ୍ଟିକର, ଯାହାକୁ ସାଧାରଣତଃ 'ଗ୍ରୀନ୍ ଷ୍ଟିକର' କୁହାଯାଏ, ପ୍ରଚଳନ କରିବା ପାଇଁ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଜାନୁଆରୀ ୧୦, ୨୦୨୬ ଠାରୁ ରାଜ୍ୟ ସାରା ଆରଟିଓ ଗୁଡ଼ିକରେ ଏହି ଷ୍ଟିକର ମାଗଣାରେ ଯୋଗାଇ ଦିଆଯିବ।

ନୂଆ ନିର୍ଦ୍ଦେଶାବଳୀ ଅନୁଯାୟୀ, କେବଳ ବୈଧ ପିୟୁସିସି ଥିବା ଯାନବାହାନଗୁଡ଼ିକୁ ହିଁ ସବୁଜ ଷ୍ଟିକର୍ ପ୍ରଦାନ କରାଯିବ। ଷ୍ଟିକର୍ ଜାରି କରିବା ପୂର୍ବରୁ ଆରଟିଓ ଅଧିକାରୀମାନେ ଯାନର ପ୍ରଦୂଷଣ ପ୍ରମାଣପତ୍ର, ପଞ୍ଜୀକରଣ ବିବରଣୀ ଏବଂ ବାହାନ ଡାଟାବେସ୍‌ରେ ଥିବା ରେକର୍ଡକୁ ଯାଞ୍ଚ କରିବେ।

ସବୁଜ ଷ୍ଟିକରଟି ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ସହିତ ଲିଙ୍କ୍ ହୋଇଛି। ଏଥିରେ ଯାନବାହାନ ପଞ୍ଜିକରଣ ନମ୍ବର, ପିୟୁସିସି ବୈଧତା ଅବଧି ଏବଂ




ଅଧିକୃତ ପିୟୁସି ପରୀକ୍ଷା କେନ୍ଦ୍ରର ନାମ ଭଳି ପ୍ରମୁଖ ବିବରଣୀ ପ୍ରଦର୍ଶିତ ହେବ। ଅପବ୍ୟବହାର ରୋକିବା ପାଇଁ ଷ୍ଟିକରରେ ଏକ ଅନନ୍ୟ କ୍ରମିକ ନମ୍ବର ଏବଂ ସୁରକ୍ଷା ବୈଶିଷ୍ଟ୍ୟ ରହିବ।

ଏହି ଷ୍ଟିକରଟି ସମସ୍ତ ଆଭ୍ୟନ୍ତରୀଣ ଦହନ ଇଞ୍ଜିନ୍ ଯାନ ପାଇଁ ଉପଲବ୍ଧ ହେବ। ତଥାପି, ଏହା ଯାନ ମାଲିକମାନଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ ଏହି ଷ୍ଟିକରଟି କେବଳ ଯାଞ୍ଚ ସମୟରେ ପ୍ରବର୍ତ୍ତନ ଅଧିକାରୀମାନଙ୍କୁ ପିୟୁସିସି ସ୍ଥିତି ଶୀଘ୍ର ଯାଞ୍ଚ କରିବାରେ ସାହାଯ୍ୟ କରିବା ପାଇଁ ଉଦ୍ଦିଷ୍ଟ।

ଜାନୁଆରୀ ୯, ୨୦୨୬ ପର୍ଯ୍ୟନ୍ତ ପରୀକ୍ଷିତ ଯାନଗୁଡ଼ିକ ପାଇଁ, ସମ୍ପୃକ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ପିୟୁସିସି ବୈଧତା ଷ୍ଟିକର ଜାରି କରାଯିବ। ପ୍ରତ୍ୟେକ ଆରଟିଓ ଷ୍ଟିକର ଜାରି କରିବା ପାଇଁ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲିବ। ଷ୍ଟିକର ଜାରି କରିବା ପୂର୍ବରୁ, ଆରଟିଓ ବାହାନ ଡାଟାବେସ୍‌ରୁ ପିୟୁସିସି ବିବରଣୀ ଯାଞ୍ଚ କରିବ, ଆରଟିଓ ପରୀକ୍ଷା କେନ୍ଦ୍ରଟି ଅନୁମୋଦିତ କି ନାହିଁ ତାହା ନିଶ୍ଚିତ କରିବ ଏବଂ ପଞ୍ଜିକରଣ ପ୍ରମାଣପତ୍ର ସହିତ ଯାନବାହନ ବିବରଣୀ ଯାଞ୍ଚ କରିବ। ପରିବହନ ମନ୍ତ୍ରୀ ବିଭୂତି ଜେନା ପୂର୍ବରୁ ସ୍ପଷ୍ଟ କରିଥିଲେ ଯେ ଯାନବାହନରେ ସବୁଜ ଷ୍ଟିକର ଲଗାଇବା ବାଧ୍ୟତାମୂଳକ ନୁହେଁ। ତଥାପି, ବିଭାଗ କହିଛି ଯେ ଷ୍ଟିକର ସିଷ୍ଟମ ରାସ୍ତାପାଖ ଯାଞ୍ଚ ଏବଂ ପ୍ରବର୍ତ୍ତନ ଅଭିଯାନ ସମୟରେ ପିୟୁସିସି ଅନୁପାଳନର ଯାଞ୍ଚକୁ ଦ୍ରୁତ ଏବଂ ଅଧିକ ଦକ୍ଷ କରିବ।

# ଇଡିକୁ ବଡ ସଫଳତା

ନୂଆଦିଲ୍ଲୀ, ୨।୧: ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପଳାତକ ଗ୍ୟାଙ୍ଗଷ୍ଟର ଇନ୍ଦରଜିତ ସିଂ ଓ ତାଙ୍କ ସିଣ୍ଡିକେଟ୍ ବିରୋଧରେ ନିଜର କାର୍ଯ୍ୟାନୁଷ୍ଠାନ ଜୋରଦାର କରିଛି । ଦିଲ୍ଲୀରେ ୨୦୨୫ ଡିସେମ୍ବର ୩୦ରୁ ୨୦୧୬ ଜାନୁଆରୀ ୧ ପର୍ଯ୍ୟନ୍ତ ଚାଲିଥିବା ଚଢଉରେ ଇଡି ୬.୨୪ କୋଟି ନଗଦ ଟଙ୍କା ଓ ୧୭.୪ କୋଟି ଟଙ୍କାର ସୁନା-ହୀରା ଆଭୂଷଣ ଜବତ କରିଛି । ଏହା ବ୍ୟତୀତ ୩୫ କୋଟି ଟଙ୍କାର ଅଚଳ ସଂପତ୍ତି ସଂପର୍କିତ କାଗଜ ପତ୍ର ଜବତ କରିଛି । ଇଡି ଗୁରୁଗ୍ରାମ ଜୋନାଲ ୟୁନିଟ ଦିଲ୍ଲୀର ଅନେକ ଠିକଣାରେ ଚଢାଉ କରିଛି । ତଦନ୍ତରୁ ଜଣା ପଡିଛି ଯେ, ଇନ୍ଦରଜିତର ସହଯୋଗୀ ଅମନ କୁମାର ଯିଏ ବ୍ୟକ୍ତିଗତ ଫାଇନାନ୍‌ସର ଏବଂ ଅପରାଧରର ଆୟକୁ ଲୁଚାଇବାକୁ ଉଦ୍ୟମ କରିଥିଲା । ଦିଲ୍ଲୀର ସର୍ବପ୍ରିୟ ବିହାର ସ୍ଥିତ ପରିସରରୁ ୫.୧୨ କୋଟି ଟଙ୍କାର ନଗଦ ଓ ୮.୮୦ କୋଟି ଟଙ୍କାର ଗହଣା ମିଳିଥିଲା ।

# ଏଟିଏମ୍ ଲୁଟିନେଲେ ଦୁର୍ବୃ□

ବିଞ୍ଝାରପୁର, ୨।୧ (ନି.ପ୍ର.): ବର୍ଷ ଆରମ୍ଭରୁ ଯାଜପୁର ପୁଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ । ଲୁଟି ନେଲେ ଟଙ୍କା ବୋଝେଇ ଏଟିଏମ୍। ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ମଇଁଦା ବଜାରରୁ ଏକ ଡାଲା ଅଟୋରେ ଏଟିଏମ୍ ଲୁଟ ହୋଇଥିବା ସିସିଟିଭିରେ କଏଦ ହୋଇଛି । ମଇଁଦା ଛକଠାରେ ଥିବା ଏଚ୍‌ଡିଏଫସି ବ୍ୟାଙ୍କର ଏଟିଏମ୍ ମେସିନକୁ ଲୁଟେରାମାନେ ସମ୍ପୂର୍ଣ୍ଣଭାବେ ଉଠାଇ ନେଇ ନିକଟରେ ଥିବା ଏକ ଡାଲା ଅଟୋରେ ଚୋରୀ କରି ନେଇଥିବା ଅଭିଯୋଗ ହୋଇଛି । ଘଟଣା ଜଣାପଡିବା ପରେ ପୁଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରୁଛି । ସିସିଟିଭି ଫୁଟେଜରୁ ଜଣାପଡିଛି କି ଗତକାଲି ବିଳମ୍ବିତ ରାତିରେ ଲୁଟେରାମାନେ




ଏଟିମଏ ଲୁଟ କରିବା ପରେ ବିଲରେ ଫିଙ୍ଗି ଦେଇଛନ୍ତି । ଏଟିଏମରେ ଥିବା ସମସ୍ତ ଟଙ୍କା ଲୁଟ କରି ଫେରାର ହୋଇଯାଇଛନ୍ତି ଲୁଟେରା । ବିଞ୍ଝାରପୁର ପୁଲିସ ପହଞ୍ଚି ତଦନ୍ତ କରି ବିଲରୁ ଖାଲି ଏଟିଏମ ମେସିନକୁ ଉଦ୍ଧାର କରିଛି ।

# ଖଣ୍ଡଗିରି ମେଳାରେ ହେବନି ଅଶ୍ଳୀଳ ନୃତ୍ୟ : ମେୟର

ଭୁବନେଶ୍ୱର ୨।୧ (ନି.ପ୍ର.): ଖଣ୍ଡଗିରିରେ ମାଘ ମେଳା ଆୟୋଜନ ନେଇ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ସାଧୁସନ୍ଥଙ୍କ ରହଣିଠାରୁ ଆରମ୍ଭ କରି ସୁରକ୍ଷା ବ୍ୟବସ୍ଥା ଉପରେ ଅନେକ ଗୁରୁତ୍ୱ ପୂର୍ଣ୍ଣ ଆଲୋଚନା ହୋଇଯାଇଛି।

ଚଳିତ ବର୍ଷ ମାଘ ମେଳାରେ ୧୦୦ଟି ସିସିଟିଭି କ୍ୟାମେରା ଲଗାଯିବ । ମେଳାରେ ଚୋରି ଏକ ବଡ଼ ସମସ୍ୟା । ତେଣୁ ଚୋରି ରୋକିବା ପାଇଁ ଅଧିକରୁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବ। ସେହିପରି ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ସାଧୁସନ୍ଥଙ୍କ ପାଇଁ ରହିବା, ଖାଇବା ଓ ଶୌଚାଳୟର ବ୍ୟବସ୍ଥା କରାଯିବ । ମୋଟ୍ ୭ଟା ପେଣ୍ଡାଲରେ ଯାତ୍ରା ପରିବେଷଣ ହେବ । ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଯାତ୍ରାରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ କଟକଣା ଲାଗୁ କରାଯାଇଛି । ଯାତ୍ରାରେ କୌଣସି ପ୍ରକାର ଅଶ୍ଳୀଳ ନୃତ୍ୟ ପରିବେଷଣ ହେବ ନାହିଁ ବୋଲି କହିଛନ୍ତି ମେୟର ସୁଲୋଚନା ଦାସ ।

# ୪୦କୋଟି ଠକେଇ: ଜଣଙ୍କୁ ବାନ୍ଧିଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, ୨।୧ (ନି.ପ୍ର.): ସେୟାର ଟ୍ରେଡିଂ ନାଁରେ ୪୦କୋଟି ଠକେଇ ଅଭିଯୋଗରେ ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ । ପଶ୍ଚିମବଙ୍ଗ ବାଙ୍କୁରାର ଅମିତ ମଣ୍ଡଳ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି ଓଡିଶାର ଅର୍ଥନୈତିକ ଅପରାଧ ଶାଖା। ସେୟାର ଟ୍ରେଡିଂରେ ହାଇ ରିଟର୍ଣ୍ଣର ଲୋଭ ଦେଖାଇ ଅମିତ ଲୋକମାନଙ୍କୁ ଠକୁଥିବାର ଅଭିଯୋଗ ହୋଇଥିଲା । ଓଡିଶାର ୫୦୦, ପଶ୍ଚିମବଙ୍ଗର ୧୦୦ ଜମାକାରୀଙ୍କ ଠାରୁ ଆଦାୟ କରିଥିଲା ୧୨୦କୋଟି ଟଙ୍କା । ମୁଖ୍ୟ ଅଭିଯୁକ୍ତ ଅମିତ ମଣ୍ଡଳ ଘର ପଶ୍ଚିମବଙ୍ଗ ସୋନାମୁଖୀ ଜିଲା ବାଙ୍କୁରା ଅଞ୍ଚଳର ବୋଲି ଜଣାପଡିଛି । ଗିରଫ ଅଭିଯୁକ୍ତକୁ ମାନ୍ୟବର ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା ଏବଂ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇଥିଲା । ଆଜି ତାଙ୍କୁ କଟକର ସ୍ୱତନ୍ତ୍ର କୋର୍ଟରେ ହାଜର କରାଯିବ । ଏହି ମାମଲାଟି ଖୋର୍ଦ୍ଧା ଜିଲ୍ଲା ବାଲିପାଟଣାର ମୁଣ୍ଡାହାଣା ପାଟନାର ସୁଶାନ୍ତ କୁମାର ଦାସଙ୍କ ଲିଖିତ ରିପୋର୍ଟ ଉପରେ ପଞ୍ଜିକୃତ ହୋଇଥିଲା । ଯେଉଁଥିରେ ଅଭିଯୋଗ କରାଯାଇଥିଲା ଯେ ଅଭିଯୁକ୍ତ ଅମିତ ମଣ୍ଡଳ ଏବଂ ତାଙ୍କ ସହଯୋଗୀମାନେ ତାଙ୍କୁ ପ୍ରତି ମାସରେ ୩.୫% – ୭% ଉଚ୍ଚ ରିଟର୍ଣ୍ଣ ପାଇଁ ସେୟାର ଟ୍ରେଡିଂ ପାଇଁ ତାଙ୍କ ସହିତ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ବିଶ୍ୱାସ ଜିତିବା ପାଇଁ, ଅଭିଯୁକ୍ତ ତାଙ୍କ ସହିତ ପିଡିସି ଜାରି କରିବା ସହିତ ଚୁକ୍ତିନାମା ମଧ୍ୟ କରିଥିଲେ। ପ୍ରେରଣା ପାଇ ସୂଚନାଦାତା ୧୦୦୦ ଟଙ୍କା ଜମା କରିଥିଲେ। ୨୦୨୨ ରୁ ୨୦୨୪ ମଧ୍ୟରେ ୮.୫ ଲକ୍ଷ ଟଙ୍କା ଆଦାୟ



କରାଯାଇଥିଲା। ଅଭିଯୁକ୍ତ ଅମିତ ମଣ୍ଡଳଙ୍କ ବ୍ୟକ୍ତିଗତ ଆକାଉଣ୍ଟ ମାଧ୍ୟମରେ ଜମା କରାଯାଇଥିଲା । ଯିଏ "କଳ୍ପନା ଫାଇନାନ୍ସିଆଲ୍ ସର୍ଭିସେସ୍" ନାମକ ଏକ ସଂସ୍ଥା ଥିବା ଦାବି କରୁଥିଲେ। ପ୍ରାରମ୍ଭରେ କିଛି ମାସ ପାଇଁ କିଛି ରିଟର୍ଣ୍ଣ ଦିଆଯାଇଥିଲା, କିନ୍ତୁ ପରେ ତାହା ବନ୍ଦ ହୋଇଗଲା ଏବଂ ଅଭିଯୁକ୍ତ ଅମିତ ମଣ୍ଡଳ ଫେରାର୍ ହୋଇଗଲା। ପରବର୍ତ୍ତୀ ସମୟରେ, ସୂଚନାଦାତା ଜାଣିବାକୁ ପାଇଲେ ଯେ ଅଭିଯୁକ୍ତ ଅମିତ ମଣ୍ଡଳ ଓଡ଼ିଶାର ଅନେକ ଲୋକଙ୍କଠାରୁ କୋଟି କୋଟି ଟଙ୍କା ସଂଗ୍ରହ କରିଛନ୍ତି ଏବଂ ଜମା ହୋଇଥିବା ପରିମାଣରୁ ସେମାନଙ୍କୁ ଠକି ଦେଇଛନ୍ତି ଏବଂ ଏହାକୁ ଆତ୍ମସାତ କରିଛନ୍ତି।



# କର୍ପୋରେଟର ସବିତା ସାହୁଙ୍କୁ ଜିଲ୍ଲା ସାଙ୍ଗଠନିକ ସମ୍ପାଦକ ଦାୟିତ୍ୱ

ବ୍ରହ୍ମପୁର,୨।୧:(ମନ୍ଥନ)ଭାରତୀୟ ଜନତା ପାର୍ଟିର ସାଙ୍ଗଠନିକ ଜିଲ୍ଲା ଗୁଡିକର ତାଲିକା ପ୍ରକାଶ ପାଇ ଥିବା ବେଳେ, ଇଂରାଜୀ ନବ ବର୍ଷର ପ୍ରାରମ୍ଭରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଗଞ୍ଜାମ ସାଙ୍ଗଠନିକ ଜିଲ୍ଲାର ତାଲିକା ପ୍ରକାଶ ପାଇଛି । ତେବେ ପୂର୍ବରୁ ଦଳର ବରିଷ୍ଠ ନେତା ସରୋଜ ସାବତଙ୍କୁ ଜିଲ୍ଲା ସଭାପତି ଦାୟିତ୍ୱ ନ୍ୟସ୍ତ କରାଯାଇଥିବା ବେଳେ, ଆଜି ପ୍ରକାଶ ପାଇଥିବା ତାଲିକାରେ ଉପ ସଭାପତି ଭାବେ ସାଧାରଣ ସମ୍ପାଦକ ଓ ସମ୍ପାଦକ ପଦବୀ ପୂରଣ ହୋଇଯାଇଛି । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହାନଗର ନିଗମର ୩ ନମ୍ବର କର୍ପୋରେଟର ଶ୍ରୀମତୀ ସବିତା ସାହୁଙ୍କୁ ପଞ୍ଚମ ସ୍ଥାନରେ ଜିଲ୍ଲା ସମ୍ପାଦିକା ରୂପେ ଦାୟିତ୍ୱ ପ୍ରଦାନ ହୋଇଥିବା ରାଜ୍ୟ ବିଜେପି ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ପ୍ରକାଶ ରହିଛି । ତେବେ ପ୍ରକାଶ ଯୋଗ୍ୟ ଯେ, ଶ୍ରୀମତୀ ସାହୁ ନୂତନ ରୂପେ ରାଜନୀତିରେ ପାଦ ଥାପି ଥିବା ବେଳେ, ନିଜ ଅଞ୍ଚଳରେ ସେ ବେଶ୍ ପ୍ରିୟ ନେତ୍ରୀ ରୂପେ କାର୍ଯ୍ୟ କରିଥିବା ସହ ୱାର୍ଡବାସୀଙ୍କ ବିକାଶ ଓ ଉନ୍ନତି ମୂଳକ କାର୍ଯ୍ୟ ତତ୍ପରତା ଜାରି ରହିଥିବା ଦେଖିବାକୁ ମିଳିଛି । ସେ ପୂର୍ବରୁ ଜିଲ୍ଲା ମହିଳା ଉପ ସଭାନେତ୍ରୀ ପଦରେ କାର୍ଯ୍ୟ ତୁଲାଇ ଥିବା ବେଳେ, ଦଳ ତାଙ୍କ ଆସ୍ଥା ରଖି ସଙ୍ଗଠନର ଜିଲ୍ଲା ସମ୍ପାଦିକା ରୂପେ ନିଯୁକ୍ତି କରିଥିବା ନେଇ ସେ ରାଜ୍ୟ ସଭାପତି, ସମ୍ପାଦକ, ସାଙ୍ଗଠନିକ ସମ୍ପାଦକ, ଜିଲ୍ଲା ସଭାପତି ଶ୍ରୀ ସାବତ, ସାଂସଦ ଡ଼ା ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ବିଧାୟକ କେ ଅନିଲ କୁମାରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି । ଏହାସହ ସେ ପ୍ରତିଶ୍ରୁତି ଦେଇଛନ୍ତି ଯେ, ସାଙ୍ଗଠନିକ ଦାୟିତ୍ୱରେ ରହି ଦଳ ଓ ଜିଲ୍ଲା ସଭାପତିଙ୍କ ଯାହା ନିର୍ଦ୍ଦେଶ ରହିବ ସେନେଇ କାର୍ଯ୍ୟଭାର ତୁଲାଇବା ପାଇଁ ଯଥା ପ୍ରଚେଷ୍ଟା କରିବି ବୋଲି ପ୍ରତିକ୍ରିୟା ରଖିଛନ୍ତି । ଏହି ଅବସରରେ କର୍ପୋରେଟର ଶ୍ରୀମତୀ ସାହୁଙ୍କୁ ଦଳର ନେତା ଓ କର୍ମୀ ମାନଙ୍କୁ ଠାରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିବା ସହ ନିଜ ୱାର୍ଡବାସୀ ମଧ୍ୟ ଫୁଲତୋଡ଼ା ଦେଇ ଅଭିନନ୍ଦନ ଜଣାଇଛନ୍ତି । ତେବେ ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଏହି ତାଲିକାରେ ୭ଜଣଙ୍କୁ ଉପ ସଭାପତି, ୩ଜଣଙ୍କୁ ସାଧାରଣ ସମ୍ପାଦକ, ୮ ଜଣଙ୍କୁ ସମ୍ପାଦକ ସହ କୋଷାଧ୍ୟକ୍ଷ ଘୋଷଣା କରାଯାଇଛି ।

# ଜିଲ୍ଲାସ୍ତରୀୟ ଅଭିସରଣ କମିଟି ବୈଠକ

ଖୋର୍ଦ୍ଧା, ୨।୧:(ମନ୍ଥନ)ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ ରତୁରାଜ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ପୋଷଣ କାର୍ଯ୍ୟକ୍ରମ ପରିଚାଳନା ଅଧିନ ଜିଲ୍ଲାସ୍ତରୀୟ ଅଭିଶରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ମଞ୍ଚାସିନ ଥିଲେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ସଭାରେ ପାୱାର ପଏଣ୍ଟ ଉପକରଣରେ ପୋଷଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଙ୍କୁ ଓ ସମସ୍ତ ମଞ୍ଚାସିନ ଅତିଥି ଏବଂ ସଭାରେ ଯୋଗ ଦେଇଥିବା ସମସ୍ତ ସଦସ୍ୟା ସଦସ୍ୟ ମାନଙ୍କୁ ଉଦେଶ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ ଅବଗତ କରାଇଥିଲେ । ଶିଶୁର ଓଜନ ଅଭିବୃଦ୍ଧି ନିମନ୍ତେ ଜିଲ୍ଲାରେ ଜାନୁୟାରୀ ୧ ତାରିଖ ରୁ ୨୫ ତାରିଖ ପର୍ଯ୍ୟନ୍ତ ଓଜନ ଉତ୍ସବ ପ୍ରତ୍ୟେକ ଭି ଏଚ୍ ଏନ୍ ଡି କେନ୍ଦ୍ରରେ ଅନୁଷ୍ଠିତ ହେବ । ଏହି ମହାନ ଅଭିଯାନକୁ ସଫଳ ରୂପାୟନ ଦେବାପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନେ ନିଷ୍ଠାର ସହ ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପାଦନ ନିମନ୍ତେ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।



ସେହିପରି ଜନପ୍ରତିନିଧି , ଆଶା, ଅଙ୍ଗନୱାଡ଼ି କର୍ମୀ, ସମସ୍ତେ ଏହି ଅଭିଯାନରେ ସାମିଲ ହେବାସହ ଛୁଆ ଓ ମାଆ ଅଭିବୃଦ୍ଧି ନିମନ୍ତେ କି କି ଯତ୍ନର ଆବଶ୍ୟକତା ଅଛି ସେ ସମ୍ବନ୍ଧୀୟ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଗର୍ଭାବସ୍ଥାରେ ଏବଂ ପ୍ରସୂତୀ ମହିଳା ମାନଙ୍କ ଯତ୍ନ ବ୍ୟାପକ କରି ଖୋର୍ଦ୍ଧା ଜିଲ୍ଲାରେ କୌଣସି ଗର୍ଭାବସ୍ଥାରେ ଗର୍ଭସ୍ଥ ଶିଶୁର ଅସୁବିଧା, ମା ମାନଙ୍କ ଅସୁବିଧା ନହୁଏ ସେଥିପାଇଁ ଆଶା, ଅଙ୍ଗନୱାଡ଼ି କର୍ମୀ, ଅଙ୍ଗୱାଡ଼ି ପରିଦର୍ଶିକା ,ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ସମସ୍ତେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଗର୍ଭବତୀ ଓ ପ୍ରସୂତି ମହିଳା ଙ୍କୁ ସ୍ୱାସ୍ଥ୍ୟ ଶିକ୍ଷ୍ୟା ପ୍ରଦାନ କରିବା, ରକ୍ତହୀନତା ଓ ଉଚ୍ଚ ରକ୍ତଚାପ ଥିବା ଗର୍ଭବତୀ ମହିଳା ଙ୍କ ପ୍ରସବ ସରକାରୀ ଡାକ୍ତରଖାନା ମାନଙ୍କରେ କରାଇବା ସହ ଯେଉଁଠାରେ ରକ୍ତ ମିଳିବାର ସୁବିଧା ରହିଛି ସେହି ସବୁ ସ୍ଥାନ ମାନଙ୍କୁ ଅଗ୍ରାଧିକାର ଦେବାକୁ ଆଶା ଦିଦି, ସ୍ୱାସ୍ଥ୍ୟ କର୍ମୀ ମାନେ ଗର୍ଭବତୀ ମହିଳା ସେମାନଙ୍କ ଅଭିଭାବକ ଉଭୟ ଙ୍କୁ ସୂଚନା ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଯେଉଁ ଘରୋଇ ଚିକିତ୍ସାଳୟ ଗୁଡ଼ିକ ପ୍ରସବ ଜନିତ ପ୍ରମାଣକ ସଞ୍ଚାଳନ ପଦ୍ଧତି (ଏସ ଓ ପି) ମାନୁ ନାହାନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସେମାନଙ୍କ ଅନୁମତି ପତ୍ର ରଦ୍ଦ କରିବାକୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ, ପରିବାର ମଙ୍ଗଳ ଡାକ୍ତର ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିଜୟ କୁମାର ବେହେରା , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ,ଡି ଏମ, ଆର ସି ଏଚ, ରୋଜାଲିନ ମହାପାତ୍ର, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲିପ କୁମାର ହାଆଲ, ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଡି ପି ଏମ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶୁଭକାନ୍ତ ଗନ୍ତାୟତ,ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଙ୍କ ସମେତ ସମସ୍ତ ବ୍ଲକର ସି ଡି ପି ଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇଥିଲେ ।

# ବୁଗୁଡ଼ା ଅଞ୍ଚଳରେ ଶୀତର ପ୍ରଭାବ ଜାରି , ସକାଳ ୯ଟା ପର୍ଯ୍ୟନ୍ତ କୁହୁଡି ରହୁଛି ଘେରି

ବୁଗୁଡ଼ା,୨।୧:(ମନ୍ଥନ)ଗତ କିଛି ସପ୍ତାହ ହେଲା ପାରଦ ତଳକୁ ଖସୁଥିବାବେଳେ ସୀମାନ୍ତ ବୁଗୁଡା ଅଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି ଯ ଫଳରେ ସହରରେ ଜାଡ଼ର ପ୍ରକୋପ ବଢୁଥିବା ସହ ସକାଳ ୯ଟା ପର୍ଯ୍ୟନ୍ତ ଘନକୁହୁଡ଼ି ଅନୁଭୂତ ହେଉଥିବା ଫଳରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହେଉଛି । ସଂପ୍ରତି ଦିନସାରା ମେଘୁଆ ପାଗ ସହ ଥଣ୍ଡା ଅନୁଭୂତ ହେଉଥିବା ବେଳେ ରାତିରେ ତାପମାତ୍ରା ୧୨ ଡିଗ୍ରି ତଳକୁ ଖସୁଛି । ଅପରାହ୍ନରୁ ଧିରେ ଧିରେ କୋହଲା ପବନ ହେଉଥିବା ବେଳେ ସନ୍ଧ୍ୟା ପରେ ଶୀତର ପ୍ରକୋପ ବଢ଼ି ଅସହ୍ୟ ଥଣ୍ଡା ହେଉଛି । ଏଥି ସହ ରାତିରେ କୁହୁଡ଼ି ଆଚ୍ଛାଦିତ ହୋଇ ରହୁଛି ଏବଂ ପାହାନ୍ତିଆ ବେଳକୁ ଘନକୁହୁଡ଼ି କାରଣରୁ ଗାଡ଼ି ଦୁର୍ଘଟଣା ଘଟିବାର ସମ୍ଭାବନା ସୃଷ୍ଟି କରୁଛି । ଏଥିପାଇଁ ଲୋକେ ବିଳମ୍ବରେ ଘରୁ ବାହାରୁଛନ୍ତି । ତେବେ ଗାଡ଼ି ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବାକୁ ପରିବହନ ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ସ୍ଥାନୀୟ ଲୋକେ ଶୀତର ମଜା ଉଠାଉଛନ୍ତି । ଖେଳପଡ଼ିଆ ଓ ଚାହା ଦୋକାନରେ ଭିଡ଼ ଜମୁଛି । ଶୀତବସ୍ତ୍ର ପିନ୍ଧି ଲୋକେ ଦଳଦଳ ହୋଇ ପ୍ରାତଃଭ୍ରମଣରେ ବାହାରୁଛନ୍ତି । ସେହିପରି ସନ୍ଧ୍ୟା ଓ ସକାଳେ ବିଭିନ୍ନ ସ୍ଥାନରେ ଲୋକେ ଶୀତରୁ ରକ୍ଷା ପାଇବାକୁ ନିଆଁ ଜାଳୁଛନ୍ତି । ଗତ କିଛି ବର୍ଷ ହେଲା ଏଭଳି ଶୀତ ଉଭେଇ ଯାଇଥିଲା । କିନ୍ତୁ ଚଳିତ ବର୍ଷ ଶୀତ ଅନୁଭୂତ ହେଉଥିବା ବେଳେ ଆଗକୁ ବି ଏହାର ପ୍ରକୋପ ବଢ଼ିବ ବୋଲି ପାଣିପାଗ ବିଭାଗ ଆକଳନ କରିଥିବା ଜଣାଯାଇଛି ।



# ନାବାଳିକା ଦୁଷ୍କର୍ମ ଘଟଣା ଅଭିଯୁକ୍ତକୁ କୋର୍ଟଚାଲାଣ

ଡେଲାଙ୍ଗ,୨।୧:(ମନ୍ଥନ)ଡେଲାଙ୍ଗ ଅଂଚଳର ଜଣେ ନାବାଳିକାକୁ ଜଣେ ବିବାହିତ ପୁରୁଷ ଭୁବନେଶ୍ୱରକୁ ନେଇ ଏକ ଭଡାଘରେ ଦୁଷ୍କର୍ମ କରିଥିବା ନାବାଳିକା ଜଣକ ଥାନାରେ ଅଭିଯୋଗ କରିଥିଲେ । ଡେଲାଙ୍ଗ ପୋଲିସ ମାମଲା ରୁଜୁ କରିବାରେ ବିଳମ୍ବ କରିଥିଲେ ସୁଧା ଅଭିଯୋଗ କୁ ଭିତିକରି ଏନେଇ ୪୭୩୨୫ରେ ମାମଲା ରୁଜୁ ହୋଇଥିଲାଯ ୩ଦିନ ତଳେ ଅଭିଯୁକ୍ତକୁ ପୋଲିସ ଗିରଫ କରିଥିବା ବେଳେ ଆଜି ପୁରୀ ପୋକ୍ସ କୋର୍ଟରେ ହାଜର କରିଥିବା ପୋଲିସ ଠାରୁ ସୁଚନା ମିଳିଛି । ଗିରଫ ଅଭିଯୁକ୍ତ ହେଲେ ନୟାଗଡ ଜିଲ୍ଲା ଇଟାମାଟି ଅଂଚଳ ଆଶୁତୋଷ ମଲ୍ଲିକ ବୋଲି ପୋଲିସ କହିଛି । ମାନ୍ୟବର କୋର୍ଟ ଜାମିନି ନାମଞ୍ଜୁର କରିବା ପରେ ଅଭିଯୁକ୍ତ କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ତେବେ ମିଳିଥିବା ପୋଲିସ ସୁଚନା ମୁତାବକ ଉଭୟଙ୍କ ଡାକ୍ତରୀ ମାଇନା ସରିଥିବା ବେଳେ ନାବାଳିକାକୁ ଶୁଶୁ ସୁରକ୍ଷା ମଙ୍ଗଳ କମିଟି ବିଭାଗରେ ରଖାଯାଇଛି । ଶନିବାର ଦିନ ନାବାଳିକାର ବୟାନ ରେକର୍ଡ କରାଯିବ ବୋଲି ଥାନା ଅଧିକାରୀ ଶ୍ୟାମଘନ ବାରିକ ସୁଚନା ଦେଇଛନ୍ତି ।

# କବି ମଣୀନ୍ଦ୍ରକୁମାର ମେହେରଙ୍କୁ କବିଗୋରବ ପଣ୍ଡିତ ନାରାୟଣ ସ୍ମୃତି ସମ୍ମାନ

ଖୋର୍ଦ୍ଧା,୨।୧:(ମନ୍ଥନ) ମହାପୁରୁଷଙ୍କ ଆଦର୍ଶ ଓ ତ୍ୟାଗ ସମ୍ପର୍କରେ ଭବିଷ୍ୟତର ଉତ୍ତର ପୀଢ଼ିଙ୍କୁ ଅବଗତ କରିବାକୁ ହେଲେ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରିବାକୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରପୌତ୍ର ତଥା ଖ୍ୟାତନାମା କବି, ଲେଖକ ପ୍ରଫେସର ମଣୀନ୍ଦ୍ରକୁମାର ମେହେର ଆହ୍ୱାନ ଦେଇଛନ୍ତି । ଓଡ଼ିଆ ସାହିତ୍ୟ ଏକାଡ଼େମୀ ଓ ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ କବିଗୋରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ୧୧୦ ତମ ଜୟନ୍ତୀ ପରିପ୍ରେକ୍ଷୀରେ ‘ଓଡ଼ିଆ ସାହିତ୍ୟକୁ କବିଗୋରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ଅବଦାନ’ ଶୀର୍ଷକ ସମ୍ମାନରେ ବିଶିଷ୍ଟ ଅତିଥି ରୂପେ ଯୋଗଦେଇ ପ୍ରଫେସର ମେହେର ତାଙ୍କ ପଣିବାପା ଗଙ୍ଗାଧରଙ୍କ ସ୍ମୃତିଚାରଣ କରିବା ସହ ପଣ୍ଡିତ ମିଶ୍ରଙ୍କ ଦ୍ୱାରା ଲିଖିତ ‘ଚିଲିକା ଦର୍ଶନ’, ‘ପୁଣ୍ୟଶ୍ଳୋକ’, ‘ଭୋଟରଭାବନା’ ଓ ‘ଦଶଦିଗ’ ଆଦି କାବ୍ୟ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି କହିଥିଲେ ଯ ବରେଣ୍ୟ ଅତିଥି ରୂପେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ଗୋପାଳକୃଷ୍ଣ ଦାସ ଯୋଗଦେଇ ରାଧାନାଥ ଓ ଗୋପବନ୍ଧୁ ‘ଚିଲିକା’ ସମ୍ପର୍କରେ ଲେଖିଥିବାବେଳେ ପଣ୍ଡିତ ନାରାୟଣ ସେଥିରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି ବୋଲି କହିଥିଲେ । ସମ୍ମାନିତ ଅତିଥି ରୂପେ କ୍ୟାପିଟାଲ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ଼.ବୃନ୍ଦାବନ ପଣ୍ଡା ଓ ବରିଷ୍ଠ ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ପ୍ରମୁଖ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ବାଣୀଭଣ୍ଡାରକୁ ଯେଉଁ ମହାର୍ଘ୍ୟ କାବ୍ୟ ଦାନ କରିଯାଇଛନ୍ତି, ସେ ସମ୍ପର୍କରେ ଅବତାରଣା କରିଥିଲେ । ମୁଖ୍ୟବକ୍ତା ରୂପେ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରବକ୍ତା ଡ଼.ଗୁରୁପ୍ରସାଦ ମହାପାତ୍ର ଯୋଗଦେଇ ପଣ୍ଡିତ ମିଶ୍ରଙ୍କ କାବ୍ୟାବଳୀ ସମ୍ପର୍କରେ ଆଲୋକପାତ କରିବା ସହ ଏହି କାଳଜୟୀ କାବ୍ୟ ଯେଭଳି ପ୍ରତିଟି ସ୍ତରର ଲୋକଙ୍କ ନିକଟରେ ପହଞ୍ଚିପାରିବ ସେଥିନେଇ ଆଲୋକପାତ କରିଥିଲେ । ସଭାମୁଖ୍ୟ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜବାହାରଲାଲ ସୁବୁଦ୍ଧି ଏଥିରେ ଅଧ୍ୟକ୍ଷତା କରି ପଣ୍ଡିତ ମିଶ୍ରଙ୍କ ଠାରେ ସ୍ୱାଧୀନତା ସଂଗ୍ରାମ, ସାହିତ୍ୟ ସାଧନା ଓ ସମାଜସେବା ଆଦି ମହାନ୍ ପ୍ରତିଭା ଦେଖିବାକୁ ମିଳିଥିଲା ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ କବିଗୋରବ ପଣ୍ଡିତ ନାରାୟଣ ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଏଥିରେ ଆମରିସତ୍ୟର ପ୍ରତିଷ୍ଠାତା ଡ଼.ପ୍ରମୋଦଚନ୍ଦ୍ର ଦାଶ, ଆଡ଼ଭୋକେଟ ନୃସିଂହନାଥ ମିଶ୍ର, ବିଜେପି ନେତା ରାଜୀବଲୋଚନ ଷଡ଼ଙ୍ଗୀ, ସମାଜସେବୀ ଇତିଶ୍ରୀ ସାହୁ, ସାମ୍ବାଦିକ ପ୍ରଦୀପ ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଡ଼.ଚପଳା ପଣ୍ଡା, ବରିଷ୍ଠ ଆଡ଼ଭୋକେଟ ଶକ୍ତିଶଙ୍କର ମିଶ୍ର, କୃଷ୍ଣଚନ୍ଦ୍ର ହରିଚନ୍ଦନ ପ୍ରମୁଖ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ଉପରେ କହିଥିଲେ । ପଣ୍ଡିତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପ୍ରଫେସର ମେହେର ମାଲ୍ୟାର୍ପଣ କରିଥିଲେ । ଏଥିରେ ପଣ୍ଡିତ ମିଶ୍ରଙ୍କ ପୁତ୍ରବଧୂ ମନୋରମା ନନ୍ଦ (ମିଶ୍ର) ଥିଲେ । ଶେଷରେ ମା ମଙ୍ଗଳା ଆଦିବାସୀ ମହିଳା ସମିତିର ସମ୍ପାଦିକା ସୁକାନ୍ତି ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟ ଫେଡେରେସନ ଉଷୁ କପ ପ୍ରତିଯୋଗିତା

ବଲାଙ୍ଗିର,୨।୧:(ମନ୍ଥନ)ଜାତୀୟ ଫେଡେରେସନ ଉଷୁ କପ ପ୍ରତିଯୋଗିତା ଛତିଶଗଡ ଠାରେ ୨୪ ରୁ ୩୦ ଡିସେମ୍ବର ୨୦୨୫ ଇତିମଧ୍ୟରେ ଶେଷ ହୋଇଯାଇଛି । ଏଥିରେ ଓଡିଶା ଦଳ ମୋଟ ୩୨ଟି ପଦକ ପାଇଛନ୍ତି । ଏହି ଦଳରେ ବଲାଙ୍ଗିର ରୁ ୫ଜଣ ଖେଳାଳି ଅଂଶ ଗ୍ରହଣ କରିଥିଲେ । ଏଥିରୁ ନୟନ ରାୟ କାଂସ୍ୟ ପଦକ ଓ ଅଂଶୁମାନ ସାହୁ ଏ ସ୍ୱର୍ଣ୍ଣ ପଦକ ଆଣି ବଲାଙ୍ଗିର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଖେଳାଳିମାନଙ୍କୁ ଏବଂ କୋଚ ଯୁଧିଷ୍ଠିର ଗୁରହାଣ୍ଡି ଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଜି ଅତିରିକ୍ତ ଜିଲ୍ଲା ପାଳ ବିଜୟାନନ୍ଦ ଠେ, ଖେଳ ଅଧିକାରୀ ପରସର ବାଗ, ବିଜେପି ନେତା ଗୋପାଳଜୀ ପାଣିଗ୍ରାହି ସମ୍ବର୍ଦ୍ଧନା ଦେଇଥିଲେ ଏବଂ ବଲାଙ୍ଗିର ଜିଲ୍ଲା ଉଷୁ ସଂଘ ସଭାପତି ତପନ୍ ପାଣିଗ୍ରାହୀ ଶୁଭେଚ୍ଛା ଜଣାଇଛନ୍ତି ।

# ଯାତ୍ରୀ ବିଶ୍ରାମଗାର ପୁନରୁଦ୍ଧାର ନିମନ୍ତେ ଦାବି

ଖଣ୍ଡପଡ଼ା, ୨।୧:(ମନ୍ଥନ)ଖଣ୍ଡପଡ଼ା ବ୍ଲକ କୋସକା ପଞ୍ଚାୟତ ଅଧୀନ ଅଁଳାପଟା ଗ୍ରାମରେ ଥିବା ଯାତ୍ରୀ ବିଶ୍ରାମଗାରର ପୁନରୁଦ୍ଧାର ନିମନ୍ତେ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା ।ମିଳିଥିବା ସୂଚନା ଅନୁସାରେ ଦୀର୍ଘବର୍ଷ ତଳୁ ଅଁଳାପଟା ଗ୍ରାମରେ ଥିବା ଏହି ଯାତ୍ରୀ ବିଶ୍ରାମଗାର ପରିତ୍ୟକ୍ତଅବସ୍ଥାରେ ପଡିରହିଥିବା ବେଳେ ଏହାର ପୁନରୁଦ୍ଧାର ପାଇଁ ଦାବି ହୋଇଆସୁଛି । ଦୁଇ ବର୍ଷ ତଳେ ବ୍ଲକ ଅଧୀନ ବିଭିନ୍ନ ସ୍ଥାନକୁ ଲକ୍ଷ୍ମୀ ବସ ଚଳାଚଳ ଆରମ୍ଭ ହୋଇଥିବା ବେଳେ ନୂତନ ମିନି ବସଷ୍ଟାଣ୍ଡ ମାନ ନିର୍ମାଣ କରାଯାଉଛି । ତେବେ ଅଁଳାପଟା ଗ୍ରାମର ପୂର୍ତ୍ତବିଭାଗ ମୁଖ୍ୟ ରାସ୍ତା କଡରେ ଥିବା ଏହିପୁରାତନ ଘରଟି ଯାତ୍ରୀ ବିଶ୍ରାମଗାର ଭାବେ ପୂର୍ବରୁ କାର୍ଯ୍ୟକ୍ଷମ ଥିଲା । ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଏହି ପୁରାତନ ଗୃହଟି ପୁନରୁଦ୍ଧାର କରାଯାଇ ବସ ରହଣିସ୍ଥଳରେ ପରିଣତ କରାଗଲେ ରାମଚନ୍ଦ୍ରପୁର, ଶରଧାପୁର, ଅଁଳାପଟାର ଶତାଧିକଲୋକେ ଉପକୃତ ହୋଇପାରିବେ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ କୋସକା ସରପଞ୍ଚ ମାମୁନି ଜେନା ଏହାର ପୁନରୁଦ୍ଧାର କିମ୍ବା ନୂତନ ବସ ରହଣିସ୍ଥଳ ନିମନ୍ତେ ଦାବି କରିଛନ୍ତି । ସ୍ଥାନୀୟ ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

# ଅବସରପ୍ରାପ୍ତ ଓ ବରିଷ୍ଠ ସଂଘ ପକ୍ଷରୁ ନୂତନ ବର୍ଷ କ୍ୟାଲେଣ୍ଡ ଉନ୍ମୋଚନ

କୁକୁଡାଖଣ୍ଡି,୨।୧:(ମନ୍ଥନ)କୁକୁଡାଖଣ୍ଡି ବ୍ଲକ ର କୁକୁଡାଖଣ୍ଡି ଯୁବ ଜ୍ୟୋତି ପରିସରରେ ଅବସରପ୍ରାପ୍ତ ଓ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଇଂରାଜୀ ନୂତନ ବର୍ଷ-୨୦୨୬ ଅବସରରେ ନୂତନ ବର୍ଷର କ୍ୟାଲେଣ୍ଡ ଉନ୍ମୋଚନ କରାଯାଇଛିଯ ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ଉତ୍ସବରେ ବହୁ ଅବସରପ୍ରାପ୍ତ କର୍ମଚାରୀ, ବରିଷ୍ଠ ନାଗରିକ ଓ ସମାଜସେବୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇ.ଓ.ବି. ବ୍ୟାଙ୍କ କୁକୁଡାଖଣ୍ଡି ଶାଖା ପ୍ରବନ୍ଧକ ଦେବଜାନୀ ଦାସ ଯୋଗ ଦେଇ କ୍ୟାଲେଣ୍ଡକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ଏହି ଅବସରରେ ସେ ସମସ୍ତ ଅବସରପ୍ରାପ୍ତ ଓ ବରିଷ୍ଠ ନାଗରିକଙ୍କୁ ଇଂରାଜୀ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଅନୁଭବ, ଜ୍ଞାନ ଓ ସମାଜ ପ୍ରତି ଅବଦାନକୁ ସ୍ମରଣ କରିଥିଲେ । ବରିଷ୍ଠ ନାଗରିକମାନେ ସମାଜର ମାର୍ଗଦର୍ଶକ ବୋଲି କହି ସେମାନଙ୍କ ସହଯୋଗ ନୂତନ ପିଢ଼ି ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ ।ଏହି କାର୍ଯ୍ୟକ୍ରମରେ ନିତ୍ୟାନନ୍ଦ ଦଳେଇ, ଡି. ଧରମ ରାଓ, ମାଗୁଣି ପାତ୍ର ଓ ସଂଘର କୋଷାଧ୍ୟକ୍ଷ ଅଦଳ ନନ୍ଦକିଶୋର ମଞ୍ଚାସୀନ ରହିଥିଲେ । ସଭାକୁ ଇଞ୍ଜିନିୟର ଶ୍ରୀନିବାସ ରାଉତ ଅଧ୍ୟକ୍ଷତା କରିଥିଲେ । ସେ ତାଙ୍କ ଅଧ୍ୟକ୍ଷୀୟ ଭାଷଣରେ ସଂଘର ଗତ ବର୍ଷର କାର୍ଯ୍ୟକଳାପ ସହ ଆଗାମୀ ଦିନରେ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସଚେତନତା ପାଇଁ ନିଆଯିବା କାର୍ଯ୍ୟଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ସଂଘର ସମ୍ପାଦକ ଏ. ସନ୍ୟାସୀ, ଏ. ଚିନ୍ତାମଣି, ଏ. ଧରମା ରାଓ, ପ୍ରକାଶ ଦୋରା, ପି. ମାଧବ ରାଓ ଦୋରାଙ୍କ ସହ ବହୁ ବୁଦ୍ଧିଜୀବୀ ଓ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେଯ କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କ ମଧ୍ୟରେ ନୂତନ ବର୍ଷର କ୍ୟାଲେଣ୍ଡ ବଣ୍ଟନ କରାଯାଇଥିଲା ।

# ସମାଜ ପାଇଁ ଉଦାହରଣ ସୃଷ୍ଟି କଲେ ଆହ୍ୱାନ ଫାଉଣ୍ଡେସନ

ପାରାଦୀପ,୨।୧:(ମନ୍ଥନ)ସମାଜସେବା କ୍ଷେତ୍ରରେ ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ‘ଅହ୍ୱାନ ଫାଉଣ୍ଡେସନ’ ଅନେକ ଜନ ହିତକର କାର୍ଯ୍ୟକରି ପ୍ରଶଂସା ସାଉଁଟି ଥିଲାବେଳେ ନୂତନବର୍ଷ ରେ କଟକ ସେଣ୍ଟ୍ରାଲ ରେଡ୍ କ୍ରସ ବ୍ଲଡ୍ ବ୍ୟାଙ୍କ ସହଯୋଗରେ ମେଗା ରକ୍ତଦାନ ଶିବିର ଆଣି ଦେଇଛି ସ୍ୱତନ୍ତ୍ର ପରିଚୟ । ପ୍ରତିବର୍ଷ ପରି ନୂତନ ବର୍ଷ ଜାନୁଆରୀ ୧ ତାରିଖ ଗୁରୁବାର ଦିନ ଏକ ମେଗା ରକ୍ତଦାନ ଶିବିର ବୃନ୍ଦାବନ କଲୋନୀ ସ୍ଥିତ ଡକ କର୍ମଚାରୀ ରିକ୍ରେସନ କ୍ଲବ ପରିସରରେ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିର ରେ ସର୍ବମୋଟ ୧୬୧ ୟୁନିଟ୍ ରକ୍ତ ସଂଗୃହିତ କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ଏହି ଶିବିରରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ପ୍ରାଧିକରଣ ର ମୂଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ ସାହୁ, ବରିଷ୍ଠ ଉପ-ଆର୍ଥିକ ପରାମର୍ଶଦାତା ରୁଦ୍ର ନାରାୟଣ ମିଶ୍ର ଏବଂ ଉପ-ମୁଖ୍ୟ ହିସାବ ଅଧିକାରୀ ପ୍ରଶାନ୍ତ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ଇଫ୍କୋ ର ମୁଖ୍ୟ ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ବେଉରା, ଅଞ୍ଚଳର ଜଣାଶୁଣା ଚିକିତ୍ସକ ଡା. ରାଜ କିଶୋର ମଲିକ, ପାରାଦୀପ ପୌରପାଳିକା



ଅନ୍ତର୍ଗତ ୯ ନମ୍ବର ୱାର୍ଡର ପାରିଷଦ ସୁବ୍ରତ ପ୍ରଧାନ, ଶ୍ରମିକ ନେତା ତଥା ସମାଜସେବୀ ରାକେଶ ପଟ୍ଟନାୟକ ଏବଂ ୧୦ ନମ୍ବର ୱାର୍ଡର ପୂର୍ବତନ ପାରିଷଦ ଶଙ୍କର ରାଉତ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ପାରାଦୀପର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆୟୋଜକ ଏବଂ ରକ୍ତଦାତାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି କାର୍ଯ୍ୟକ୍ରମ କୁ ଆହ୍ୱାନ ଫାଉଣ୍ଡେସନ ର ସଭାପତି ସାଗର ବିଶ୍ୱାଳ ଓ ସମ୍ପାଦକ ପ୍ରଭାସ ରଞ୍ଜନ ସ୍ୱାଇଁ ସଫଳତାର ସହ ପରିଚାଳନା କରିଥିବା ବେଳେ ସମସ୍ତ ସଭ୍ୟ ଓ ସଭ୍ୟା ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

# ଅବକାରୀ ବିଭାଗର ଚଢ଼ାଉ ,୩ ଗିରଫ



ଯୋଡ଼ା,୨।୧:(ମନ୍ଥନ)କେନ୍ଦୁଝର ଜିଲ୍ଲା ମୁଖ୍ୟ ଅବକାରୀ ଅଧିକାରୀ ତେଜ ରାଜ ଯାନୀ ଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ଉପଖଣ୍ଡ ଅବକାରୀ ନିରୀକ୍ଷକ ଇନ୍ସପେକ୍ଟର ଏଚ.ଜଗା ରାଓ ଙ୍କ ତତ୍ୱାବଧାନ ରେ ଯୋଡ଼ା ଅବକାରୀ ଓ.ଆଇ.ସି ସୁଭ୍ରମ ବିଶ୍ୱାଳ, ଏ.ଏସ.ଆଇ ପ୍ରଶାନ୍ତ କୁମାର ପରିଡା ଏବଂ ସହକର୍ମୀ ଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଶୁକ୍ରବାର ଦିନ ବାମୋରୀ ଥାନା ଅନ୍ତର୍ଗତ ବନ୍ଧୁଆବେଡା, ବାମୋରୀ, ପଳସା ,ଜୁରୁଡି,ପଳସା(କ) ଗ୍ରାମରେ ଅଚାନକ ଚାଉ ହୋଇଥିଲା ।ତେବେ ଚଢ଼ାଉ ବେଳେ ୨ ଜଣ ଙ୍କୁ ଦେଶୀ ମଦବିକ୍ରୀ ଏବଂ ଜଣଙ୍କୁ ଚୋରା ମଦ ଚାଲାଣ ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ।ଅଭିଯୁକ୍ତ ମାନେ ହେଲେ ବାମୋରୀ ଅଞ୍ଚଳର ବିଜୟ ମହାକୁଡ଼(୩୯) ବତୀ ମୁଣ୍ଡା (୩୫) ଏବଂ ଜୁରୁଡି ଅଞ୍ଚଳର ବିକାଶ ନାଏକ (୨୨) ବୋଲି ଜଣା ପଡିଛି ।ଦେଶୀ ମଦ ଏବଂ ନକଲି ମଦ କୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଅବକାରୀ ବିଭାଗ ର ସ୍ପେସିଆଲ ଡ୍ରାଇଭ ଚାଲୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବନ୍ଧୁଆବେଡା ଅଞ୍ଚଳରେ ଅଭିଯୁକ୍ତ ବିଜୟ (ଓଡ଼ି.୦୯ଇ୫୫୭୨)ରେ ଦେଶୀ ମଦ ଚାଲାଣ କରୁଥିବା ବେଳେ ଗିରଫ କରିବା ସହ ବାଇକ କୁ ଜବତ କରିଥିଲେ । ସେହିପରି ବେଆଇନ ଭାବେ ଦେଶୀ ମଦ ଚାଲାଣ କରୁଥିବା ବେଳେ ବତୀ ମୁଣ୍ଡା ଏବଂ ବିକାଶ ନାଏକ କୁ ବାମୋରୀ ଅଞ୍ଚଳରୁ ଗିରଫ କରିବା ସହ ଚଢ଼ାଉ ବେଳେ ପ୍ରାୟ ୫୦୦କେ.ଜି ମହୁଲି ପଚ ନଷ୍ଟ କରିବା ସହ ୨୫୦ ଲିଟର ମଦ ଜବତ ହୋଇଥିବା ନେଇ ଏଚ.ଜାଗା.ରାଓ ସୂଚନା ଦେଇଛନ୍ତି ।

# ୬ ବର୍ଷ ହେବ ସରୁନି ମେଗା ପାନୀୟ ଜଳ ପ୍ରକଳ୍ପ

ଖଣ୍ଡପଡ଼ା, ୨।୧:(ମନ୍ଥନ)ଗତ ୬ ବର୍ଷ ହେବ ଜିଲ୍ଲା ବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ଦିନ ଗଡାଇ ଚାଲିଛି ଘରୋଇ ସଂସ୍ଥା । ଅନ୍ୟପଟେ ଜିଲ୍ଲା ପ୍ରଶାସନ ଓ ଗ୍ରାମ୍ୟ ଜଳଯୋଗାଣ ବିଭାଗ ମଧ୍ୟ ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଛି । ମିଳିଥିବା ସୂଚନା ଅନୁଯାୟୀ ଗତବର୍ଷ ଡିସେମ୍ବର ୨୪ ତାରିଖରେ ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳିପୁର ପଞ୍ଚାୟତରେ ନିର୍ମାଣଧୀନ ମେଗା ପାନୀୟଜଳ ପ୍ରକଳ୍ପର ସମୀକ୍ଷା କରିଥିଲେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ କମିଶନର ତଥା ଶାସନ ସଚିବ ଗିରୀଶ ଏସ.ଏନ । ପଞ୍ଚାୟତ ଅଧୀନ ପୁରୁଷୋତ୍ତମପୁରରେ ମେଗା ପାନୀୟ ଜଳ ପ୍ରକଳ୍ପ ଅଧୀନରେ ତିଆରି ହେଉଥିବା ଟ୍ରିଟମେଣ୍ଟ ପ୍ଲାଣ୍ଟ କାମ ବୁଲି ଦେଖିବା ସହିତ ଏହାର ସମୀକ୍ଷା କରିଥିଲେ । ତେବେ ଧୀର ମନ୍ଥର ଗତିରେ କାମ ଯୋଗୁଁ କମିଶନର ଶ୍ରୀ ଏସ ଏନ ଅସନ୍ତୋଷ ପ୍ରକାଶ କରିଥିଲେ । ମାତ୍ର ଘରୋଇ ଜିଭିପିଆର କମ୍ପାନୀ କର୍ତ୍ତୃପକ୍ଷ କିନ୍ତୁ ମୁହଁ ଫୁଟାଣି ମାରିବା ସହିତ ସମୟ ପୂର୍ବରୁ ସାରିଦେବା ନେଇ ଦମ୍ଭୋକ୍ତି ଦେଖାଇଥିଲେ । ଏପରିକି ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ଘରେ ଘରେ ପାଣି ପହଞ୍ଚିବ ବୋଲି ସମ୍ପୃକ୍ତ ସଂସ୍ଥା ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା । ଇତିମଧ୍ୟରେ ବର୍ଷେ ବିତିଥିବା ବେଳେ ପ୍ରକଳ୍ପ ସେହିପରି ଅଧପନ୍ତରିଆ ଅବସ୍ଥାରେ ରହିଥିବା ସୂଚନା ମିଳିଛି । ଏହି ବଡ ପ୍ରକଳ୍ପ ନିମନ୍ତେ ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତର ଆବଶ୍ୟକତା ଥିବାବେଳେ ଏଥିନିମନ୍ତେ ନୟାଗଡ ରାଜପାଟଣା ଗ୍ରୀଡରୁ ପୃଥକ ଭାବେ ବିଦ୍ୟୁତ ଅଣାଯାଉଛି । ୬୦ କିମି ଦୂରରୁ ପ୍ରାୟ ୭ ଶହ ଖୁଣ୍ଟ ଦ୍ୱାରା ବିଦ୍ୟୁତ ସରବରାହ ମନ୍ଥର ଗତିରେ ଜାରି ରହିଛି । ଏହି ପ୍ରକ୍ରିୟା ପାଇଁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଓ ଘରୋଇ ସଂସ୍ଥା ପକ୍ଷରୁ କାମ ଶେଷ ହୋଇନଥିବା ବେଳେ କେବେ ବିଦ୍ୟୁତକରଣ ଶେଷ ହେବ ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଜନପ୍ରତିନିଧି । ଗ୍ରାମ୍ୟ ଜଳଯୋଗାଣ ବିଭାଗ ସୂତ୍ରରୁ ସୂଚନା ଅନୁଯାୟୀ ଘରୋଇ ସଂସ୍ଥା ପ୍ରକଳ୍ପ ବାବଦକୁ ୭୫ ଭାଗ ଅର୍ଥ ଉଠାଇସରିଲାଣି । ଫଳରେ ଗତ ୬ ବର୍ଷ ଧରି କେବଳ ମେଗା ପାନୀୟ ଜଳ ପ୍ରକଳ୍ପ ଆଶାରେ ଥିବା ୫ ବ୍ଲକର ଲକ୍ଷାଧିକ ଲୋକେ ଏବେ ଆଶଙ୍କା ମଧ୍ୟଦେଇ ଗତି କରୁଥିବା ସୂଚନା ମିଳିଛି ।



ଶନିବାର, ୦୩ ଜାନୁଆରୀ ,୨୦୨୬ ଭୁବନେଶ୍ୱର
SATURDAY, 03 JANUARY, 2026, BHUBANESWAR

'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଃପି ସ ଯୋଗୀ ମୟି ବର୍ତ୍ତତେ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ବିଶ୍ୱ ମହାମାରୀ

ଚିକିତ୍ସା ବିଜ୍ଞାନୀଙ୍କ ମତର ସମନ୍ୱିତ ଆହାର ପରେ ପ୍ରାୟ ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ବ୍ୟାୟାମ ଏବଂ ଉତ୍ତମ ନିଦ୍ରା। ପ୍ରତ୍ୟହ ଅଧଘଣ୍ଟାର ବ୍ୟାୟାମ ସହିତ କର୍ମ ତତ୍ପର ଜୀବନ ଏବଂ ସର୍ବନିମ୍ନ ସାତ ଘଣ୍ଟାର ନିଦ୍ରା ହେଉଛି ଏକ ସୁସ୍ଥ ଜୀବନ ଶୈଳୀର ଚିହ୍ନ, ଯଦ୍ଦ୍ୱାରା ପାଚନ, 'ମେଟାବଲିଜମ', ରକ୍ତ ସଂଚାଳନ, ଚର୍ବି ଦହନ ଏବଂ ହରମୋନ ସୃଷ୍ଟି ଓ କ୍ଷରଣ ଭଳି ସୁସ୍ୱାସ୍ଥ୍ୟ ଅନୁକୂଳ କ୍ରିୟା ସୃଷ୍ଟି ହୋଇଥାଏ। 'ୱାର୍ଲଡ ଏପିଡେମିକ ପ୍ରିପେରଡନେସ ଡେ' ବା 'ବିଶ୍ୱ ମହାମାରୀ ପ୍ରସ୍ତୁତି ଦିବସ', ଭାବେ ପାଳନ କରାଯାଉଛି, ଯାହାର ଘୋଷଣା ଆଜିକୁ ମାତ୍ର ପାଞ୍ଚ ବର୍ଷ ତଳେ ଜାତିସଂଘ ଦ୍ୱାରା କରାଯାଇଥିଲା। ୨୦୨୦ ମସିହା ବେଳକୁ ମାନବ ଜାତିକୁ କିଂକର୍ତ୍ତବ୍ୟବିମୂଢ଼ କରି 'କୋଭିଡ୍-୧୯' ମହାମାରୀର ଆବିର୍ଭାବ ଘଟିଥିଲା, ଯାହାର ତାଣ୍ଡବ ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ଚାଲି ରହି ୭୦ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁର କାରଣ ହୋଇଥିଲା। ସୁତରାଂ, ଏଭଳି ବିଭୀଷିକାର ମୁକାବିଲା ଯେ ପ୍ରାକ୍ ପ୍ରସ୍ତୁତି ଲୋଡିଥାଏ, ତାହା ସେହି ସମୟର ହୃଦ୍‌ବୋଧ ହୋଇଥିଲା। କିନ୍ତୁ, ସତ କହିଲେ ୧୯୨୦ରେ ଅର୍ଥାତ୍ ଶହେ ବର୍ଷ ତଳେ 'ସ୍ପାନିସ ଫ୍ଲୁ' ପୃଥିବୀ ସାରା କୋଭିଡ୍ ତୁଲ୍ୟ ଭୟାବହତା ସୃଷ୍ଟି କରିଥିଲା ଏବଂ ଏକବିଂଶ ଶତାବ୍ଦୀରେ ସ୍ୱାଇନ ଫ୍ଲୁ ଓ ସାର୍ସ ଇତ୍ୟାଦି 'ପାନଡେମିକ'ରେ ପରିଣତ ହୋଇ ବିଶ୍ୱବ୍ୟାପୀ ଗଣସଂହାର କରିବାର ସମସ୍ତ ସାମର୍ଥ୍ୟ ବହନ କରିଥିଲେ ହେଁ ପୃଥିବୀ ଅଳ୍ପକେ ବର୍ତ୍ତି ଯାଇଥିଲା। ସୁତରାଂ, ପଶ୍ଚାତ୍ ଦୃଷ୍ଟିରେ ଦେଖିଲେ ବେଳେ ବେଳେ ବିସ୍ମିତ ହେବାକୁ ପଡ ଯେ ଏକ 'ପାନ୍‌ଡେମିକ'ର ଆଶଙ୍କାକୁ ନଜରଅନ୍ଦାଜ କରାଯାଉଥିଲା କାହିଁକି ଏକ 'ଏପିଡେମିକ' ବା 'ପାନଡେମିକ' ନେଇ ଯେ ସର୍ବକାଳୀନ ପ୍ରସ୍ତୁତି ଅନିବାର୍ଯ୍ୟ, ତହିଁରେ ସନ୍ଦେହ ନାହିଁ। ଏବଂ ଏହି ପରିପ୍ରେକ୍ଷୀରେ ଆଉ ଯାହା ମନକୁ ଆସିଥାଏ, ତାହା ହେଲା ହୃଦ୍‌ଘାତ, ମଧୁମେହ, 'ଫ୍ୟାଟି ଲିଭର'(କଲିଜା ଉପରେ ବହଳ ଚର୍ବିର ପରସ୍ତ) ଇତ୍ୟାଦି ଭଳି ରୋଗ, ଯାହା ବୀଜାଣୁ ବା ଭୂତାଣୁ ଜନିତ ନ ହୋଇ ସୁଦ୍ଧା ଅତି ସନ୍ତର୍ପଣରେ 'ଏପିଡେମିକ' ସୁଲଭ ପ୍ରାଣହାନି ଘଟାଇ ଚାଲିଛି, ତାହାର ମୁକାବିଲା ସକାଶେ ମଧ ଆଜିର ଦିବସରେ ଚିନ୍ତନ ଓ ଚର୍ଚ୍ଚାର ଆବଶ୍ୟକତା ରହିଛି। ପ୍ରକାଶ ଥାଉ କି 'ଡବ୍ଲୁ.ଏଚ୍.ଓ.' ପକ୍ଷରୁ ମଧ ଏସବୁ ରୋଗକୁ 'ଏପିଡେମିକ' ବୋଲି ଆଖ୍ୟାୟିତ କରାଗଲାଣି ଏବଂ ଦୁର୍ଭାଗ୍ୟକୁ ଭାରତରେ ଏହାର ଭୀଷଣତା ଅତ୍ୟନ୍ତ ବିସ୍ଫାରକ ସ୍ଥିତିରେ ! ଏଭଳି ପରିସ୍ଥିତି ଲାଗି ଜୀବନଶୈଳୀ ଜନିତ ବିଭ୍ରାଟକୁ ଦାୟୀ କରାଯାଉଥିଲେ ହେଁ ଏହା ପଛରେ ଥିବା ସୂକ୍ଷ୍ମ ବା ଗୂଢ଼ ଜ୍ଞାନର ଅଭାବ ହେତୁ ଏ ସଂପର୍କିତ ସଚେତନତା ଓ ସତର୍କତା ସୃଷ୍ଟି ହୋଇପାରୁନାହିଁ। ତେଣୁ ଏ ସମ୍ବନ୍ଧରେ କେତେକ ସ୍ପଷ୍ଟ ଧାରଣାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ 'ଏପିଜେନେଟିକ୍‌ସ'(ଜିନ୍‌ର ଗଣ ଓ ବିବର୍ତ୍ତନରେ ପରିବେଶ ଓ ପରିସ୍ଥିତିର ପ୍ରଭାବ) କ୍ଷେତ୍ରରେ ଉଚ୍ଚକୋଟୀର ଓ ଦୀର୍ଘକାଳୀନ ଅନେକ ଗବେଷଣାର ନିଷ୍କର୍ଷ କହିଥାଏ ଯେ ବ୍ରିଟିସ ଶାସନ କାଳରେ ହାରାହାରି ପ୍ରତି ଛଅ ବର୍ଷରେ ହେଉଥିବା ଭୟାବହ ଦୁର୍ଭିକ୍ଷ ଏବଂ ସାଧାରଣ ସମୟରେ ମଧ ଯଥେଷ୍ଟ ଖାଦ୍ୟର ଅନୁପଲବ୍‌ଧତା ହେତୁ ଆମ ଶରୀର 'କ୍ଷୁଧା ସହଣି' ହେବା ଦିଗରେ ବିବର୍ତ୍ତିତ ହୋଇଥିଲା; ଯେଉଁ କାରଣରୁ ଭାରତୀୟମାନଙ୍କ ଅଙ୍ଗ ସୌଷ୍ଠବ, ଶରୀରରେ ମାଂସପେଶୀ ଓ ଚର୍ବିର ଆନୁପାତିକ ପରିମାଣ, ଅଗ୍ନ୍ୟାଶୟ (ପାନକ୍ରିଏଜ)ରୁ ଇନସୁଲିନ କ୍ଷରଣର ମାତ୍ରା ଇତ୍ୟାଦି ୟୁରୋପୀୟମାନଙ୍କ ଠାରୁ ଭିନ୍ନ ହୋଇଥାଏ। ପ୍ରକାଶ ଥାଉ କି ସ୍ୱାଧୀନତାର ୭୮ ବର୍ଷ ପରେ, ଅର୍ଥାତ୍ ତିନି ପିଢ଼ି ଭାରତୀୟ ଭୂମିଷ୍ଠ ହୋଇ ସାରିଥିଲେ ହେଁ ବର୍ତ୍ତମାନ ଜନ୍ମ ନେଉଥିବା ଭାରତୀୟ ନବଜାତକମାନଙ୍କ ଶରୀର ପୂର୍ବବତ୍ 'କ୍ଷୁଧା ସହଣି' ଚରିତ୍ର ବହନ କରି ଚାଲିଛି। କିନ୍ତୁ ସଂପ୍ରତି ଯଥେଷ୍ଟ ଖାଦ୍ୟର ଉପଲବ୍‌ଧତା ସହିତ ଅସନ୍ତୁଳିତ, ଅବିଚାରିତ ଓ ଅତିରିକ୍ତ ଭୋଜନ ଅଭ୍ୟାସ ହେତୁ ଶରୀରରେ 'ମେଟାବଲିଜମ'(ଆୟୁର୍ବେଦୀୟ ଅଭିବ୍ୟକ୍ତି ଅନୁସାରେ 'ଚୟାପଚୟ')ରେ ବିଶୃଙ୍ଖଳା ସୃଷ୍ଟି ହୋଇଛି, ଯହିଁରୁ ଏଭଳି ବ୍ୟାଧିଗୁଡିକର ଜନ୍ମ। ତେଣୁ କେବଳ ଖାଦ୍ୟ ବା ଖାଦ୍ୟର ସ୍ୱାଦ ନୁହେଁ, ଖାଦ୍ୟର 'ସାର ' ବା 'ନ୍ୟୁଟ୍ରିସନ' ସଂପର୍କିତ ଧାରଣା ରହିବା ଯେ ଅତ୍ୟନ୍ତ ଆବଶ୍ୟକ, ତାହା ନିଃସନ୍ଦେହ। ତା' ସହିତ ଭୋଜନର ପରିମାଣ ନେଇ ସଚେତନତା ମଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ହେବ ମୁକାବିଲା ଲାଗି ପ୍ରସ୍ତୁତିରେ ପ୍ରଥମ ପଦକ୍ଷେପ।

କୌଣସି ଭୋଜନ 'ସାର'ଗର୍ଭକ ହେବାର ଅର୍ଥ ହେଲା ତହିଁରେ ପୁଷ୍ଟିସାର, ଶ୍ୱେତସାର ଓ ସ୍ନେହସାର ସହିତ ଜୀବନିକା(ଭିଟାମିନ), ତନ୍ତୁ ଏବଂ ଧାତବ ଲବଣର ସମନ୍ୱିତ ଉପସ୍ଥିତି। ଜଣେ ସାଧାରଣ ବ୍ୟକ୍ତି ସକାଶେ ଆଦର୍ଶ ସ୍ଥାନୀୟ ଭୋଜନରେ ୪୦% ଶ୍ୱେତସାର, ୩୫% ପୁଷ୍ଟିସାର ଓ ୨୫% ସ୍ନେହସାରର ଉପସ୍ଥିତି କାମ୍ୟ ହୋଇଥାଏ। କିନ୍ତୁ ଆମ ଦେଶରେ ପାରଂପରିକ ଖାଦ୍ୟ ଅତ୍ୟନ୍ତ ଶ୍ୱେତସାର-କେନ୍ଦ୍ରିକ ହେବା ସହିତ ତହିଁରେ ପୁଷ୍ଟିସାରର ଅନୁପାତ କମ୍ ହୋଇଥାଏ। ଏହା ସମସ୍ତଙ୍କୁ ଜଣା ଯେ ମାଂସପେଶୀର ଗଠନରେ କେବଳ ପୁଷ୍ଟିସାରର ଅବଦାନ ହିଁ ଥାଏ ଏବଂ ଉତ୍କୃଷ୍ଟ ମାଂସପେଶୀର ଅର୍ଥ ଅଧିକ ଜୀବକୋଷର ଉପସ୍ଥିତି, ଯାହା ଉତ୍ତମ 'ମେଟାବଲିଜମ'ର କାରଣ ହୋଇଥାଏ। ଏଣେ, ଖାଦ୍ୟରେ ଅଧିକ ଶ୍ୱେତସାରର ଅଂଶ ରହିଲେ ରକ୍ତ ଶର୍କରାରେ ବୃଦ୍ଧି ଘଟେ; ଯେଉଁ ପରିସ୍ଥିତିରେ ସୁସ୍ଥ ଭାରସାମ୍ୟ ରକ୍ଷା କରିବା ଲାଗି ଅଧିକ ଇନସୁଲିନ କ୍ଷରଣ କରିବାକୁ 'ପାନକ୍ରିଏଜ' ବା ଅଗ୍ନ୍ୟାଶୟ ବାଧ୍ୟ ହୁଏ। ଏଭଳି ଦୀର୍ଘ କାଳ ଧରି ଚାଲିଲେ 'ପାନକ୍ରିଏଜ' କ୍ରମେ କ୍ଲାନ୍ତ ଓ ଦୁର୍ବଳ ହୋଇପଡି ଆବଶ୍ୟକ ପରିମାଣର ଇନସୁଲିନ ଝରାଇ ପାରେନାହିଁ ଏବଂ ଅବଲୀଳା କ୍ରମେ ମଧୁମେହ ସୃଷ୍ଟି ଲାଗି ପଥ ପ୍ରସ୍ତୁତ ହୋଇଯାଏ। ତେଣୁ ଖାଦ୍ୟ ସାର ବିଶାରଦମାନେ ପରାମର୍ଶ ଦିଅନ୍ତି ଯେ ଆମ ଖାଦ୍ୟରୁ ମାତ୍ରାତିରିକ୍ତ ଶ୍ୱେତସାରର ଅପସାରଣ ଘଟାଯାଇ ପୁଷ୍ଟିସାରର ପ୍ରବେଶ କରାଯିବା ଆବଶ୍ୟକ। ଚିକିତ୍ସା ବିଜ୍ଞାନୀମାନଙ୍କ ମତରେ ଜୀବନଶୈଳୀ ଜନିତ ବିଭ୍ରାଟକୁ ସଜାଡିବାରେ ଖାଦ୍ୟର ପ୍ରକାର ଓ ପରିମାଣ ପ୍ରାଥମିକତା ପାଇବା ଆବଶ୍ୟକ, ଯାହାର ଗୁରୁତ୍ୱ ୫୦ ପ୍ରତିଶତ। ସେମାନଙ୍କ ମତରେ ସମ୍ୟକ ଆହାରର ଅର୍ଥ ହେଉଛି ମାତ୍ର ସେତିକି ଖାଦ୍ୟ, ଯେତିକିରେ କ୍ଷୁଧା ମୋଚନ ହେବ ସତ, କିନ୍ତୁ ପରିପୂର୍ଣ୍ଣ ଉଦରର ଭାରର ଆଭାସ ଶରୀରକୁ ମିଳିବ ନାହିଁ। ଚିକିତ୍ସା ବିଜ୍ଞାନୀଙ୍କ ମତର ସମନ୍ୱିତ ଆହାର ପରେ ପ୍ରାୟ ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରନ୍ତି ବ୍ୟାୟାମ ଏବଂ ଉତ୍ତମ ନିଦ୍ରା। ପ୍ରତ୍ୟହ ଅଧଘଣ୍ଟାର ବ୍ୟାୟାମ ସହିତ କର୍ମ ତତ୍ପର ଜୀବନ ଏବଂ ସର୍ବନିମ୍ନ ସାତ ଘଣ୍ଟାର ନିଦ୍ରା ହେଉଛି ଏକ ସୁସ୍ଥ ଜୀବନ ଶୈଳୀର ଚିହ୍ନ, ଯଦ୍ଦ୍ୱାରା ପାଚନ, 'ମେଟାବଲିଜମ', ରକ୍ତ ସଂଚାଳନ, ଚର୍ବିଦହନ ଏବଂ ହରମୋନ ସୃଷ୍ଟି ଓ କ୍ଷରଣ ଭଳି ସୁସ୍ୱାସ୍ଥ୍ୟ ଅନୁକୂଳ କ୍ରିୟା ସୃଷ୍ଟି ହୋଇଥାଏ।

# ଅଭାଷଣ ନୀରବ ନୁହଁନ୍ତି

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ମୌନୀ ମାନେ ଭାଷଣ କେବେ ଦିଅନ୍ତି ନାହିଁ ହେଲେ କାଗଜ କଲମ, ବା ସ୍ଲେଟ ଖଡ଼ିରେ ଲେଖି ଆଗନ୍ତୁକ ପୃଚ୍ଛକଙ୍କ ପ୍ରଶ୍ନର ଉତ୍ତର ଲେଖି ଦିଅନ୍ତି। ପୁଣି ତାଙ୍କର ନିଜର ଆବଶ୍ୟକ ଦ୍ରବ୍ୟ ଉଦ୍ଦେଶ୍ୟ ସେହିପରି ଲେଖି ଜଣାନ୍ତି। ପୂର୍ବେ ଲେଖନୀ ଲୁହାର ଥିଲା। ଏହା ସହ ଗୋଟାଳି, କୋଚିଲା ଖଡ଼ିରେ ଲେଖାଯାଉଥିଲା। ତାହା ମୌନୀ ମାନେ ବ୍ୟବହାର କରୁଥିଲେ। ଗୋଟାଳିରେ ଖଡ଼ି ପକାଯାଉଥିଲା। ନବଜାତକଙ୍କର ଟିପଣା ଲେଖା ଆରମ୍ଭ ଗୋଟାଳିରେ କରାଯାଉଥିଲା। ଏ ସମୟରେ ଡଅଟ କଲମ ଦ୍ୱାରା କାଗଜରେ ତାହା ଲେଖାଯାଉଛି, ପ୍ରଥମେ ସ୍ଥୂଳ ଫଳର ଚିନ୍ତନ ତାପରେ ବିଭିନ୍ନ ବିଶେଷ ବିଶେଷ ତଥ୍ୟ ଜାଣିବା ପାଇଁ ଅନେକ ପ୍ରକାର ଚକ୍ରର ଆଶ୍ରୟ ନିଆଯାଏ। ବହୁ ତଥ୍ୟ ସେହି ନୀରବ ଚକ୍ରରେ ଉଙ୍କି ମାରୁଥାଏ। ସେମାନେ ଅଭାଷଣ ମାତ୍ର ସେମାନେ ସେ ଲେଖାରେ ସାଙ୍କେତିକ ଅସଂଖ୍ୟ ସୂଚନା ଦେଉଥାନ୍ତି।

ହେଇ ଦେଖନ୍ତୁ ୨୦୨୬ ମସିହାର ପ୍ରବେଶ କାଳର ଟିପଣା ସ୍ଥୂଳରେ ବିଶ୍ୱସାରା ଏକାଗ୍ରହ ଭାରତ ପାଇଁ ଏକ ଲଗ୍ନ ସ୍ଥିତି, ମାତ୍ର କେବଳ ଲଗ୍ନ ସ୍ଥିତି ଏକ ରାଶିରେ ରହି ବିଭିନ୍ନ ରାଜ୍ୟ ଓ ଭାରତର ରାଜଧାନୀ ନୂଆଦିଲ୍ଲୀ ପାଇଁ ଅଲଗା ଅଂଶ ହୋଇଯାଉଛି ଆମେରିକାର ରାଜଧାନୀ ପାଇଁ ଚନ୍ଦ୍ର ସ୍ଫୁଟ ବଦଳି ଆଗ ନକ୍ଷତ୍ର ହୋଇଯାଉଛି। ଅଗ୍ନୀ ଅଧିକାର ନକ୍ଷତ୍ର କୃତ୍ତିକା, ଋକ ବେଦର ଆଦିମନ୍ତ୍ର ଅଗ୍ନିଙ୍କ ଉଦ୍ଦେଶ୍ୟରେ ଲିଖିତ ଅଗ୍ନିକୁମାର କାର୍ତ୍ତିକ ଏକ ନକ୍ଷତ୍ରରେ ଜନ୍ମ। ଷଡ଼କୃତ୍ତିକା ତାଙ୍କର ଲାଳନ କରିଥିଲେ। ଆଦ୍ୟ ଅକ୍ଷର ଅ, ଆ ଏଇ ନକ୍ଷତ୍ରରେ ହିଁ ସ୍ଥାନ ପାଇଛି ଖାଲି ଏତିକି ନୁହେଁ, ପରପର ସମସ୍ତ ସ୍ୱର ବର୍ଣ୍ଣର ଅନ୍ୟ ଅକ୍ଷର ଇ, ଉ, ଏ ଓ ହ୍ରସ୍ୱ ଓ ଦୀର୍ଘ ସ୍ୱର ସ୍ତରରେ କୃତ୍ତିକା ରୋହିଣୀ ମଧ୍ୟରେ ଅଛନ୍ତି। ସ୍ୱରବର୍ଣ୍ଣ ବିନା ବ୍ୟଞ୍ଜନ ବର୍ଣ୍ଣ ଉଚ୍ଚାରିତ ହୋଇନପାରେ। ଅତଏବ ଅତି ଗୁରୁତ୍ୱପୂର୍ଣ୍ଣ ଏହି ନକ୍ଷତ୍ର, ଦେବ ସେନାପତି କାର୍ତ୍ତିକଙ୍କ ପାଇଁ ପରମଯୋଗୀଙ୍କ ସହ ପରମା ଯୁବତୀ ରାଜ କୁମାରୀଙ୍କ ମିଳନ ଘଟିଥିଲା, ତ୍ରିପୁରା ଅସୁର, ବିନାଶ ଯାହା ତତ୍କାଳୀନ ଆବଶ୍ୟକ ଥିଲା। ତ୍ରିପୁରା ମାନେ କ'ଣ ଏହା ଖୋଜ କଲେ ବୁଝାପଡ଼ିବ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଏଇତ ତ୍ରିପୁର। ଅନ୍ତରୀକ୍ଷ ପୃଥିବୀର ମାଟି, ଆଉ ସମୁଦ୍ରର ଜଳ, ଏହି ତିନି ଏ ବି ତ୍ରିପୁର। ମର୍ତ୍ତ୍ୟମାନେ ମୃତ୍ୟୁ ଲୋକ ଯେଉଁଠି ମୃତ୍ୟୁ ଅଛି। ଯେ ଜନ୍ମ ତାର ମୃତ୍ୟୁ ହେବ ହିଁ ହେବ। ଏହିତିନ ଏବେ ଭୁଜ ଦର୍ପିଙ୍କର ଦଖଲ ଉଦ୍ୟମ। ଅଯଥା ଅକାଳମୃତ୍ୟୁ ଯୁବକ ମାନଙ୍କର ସଂସାରେ ରଟଣା ଏହି ତ୍ରିପୁର ଅଧିକାରୀଙ୍କ ଚିନ୍ତା ଲାଗୁ ହୋଇ ବହୁ ଆଗରୁ ଆସିଗଲାଣି। ହେଲେ ନବ୍ୟ ଦେବସେନା ପଡ଼ି ଆସିବା ପ୍ରତୀକ୍ଷା ବଡ଼ ଯୁଦ୍ଧ ସୂଚନା ଦେଲେ ବି ସଂସାର ଆଗକୁ ସାର୍ବଜନୀନ ସମ୍ବିଧାନ କାନୁନରେ ଚାଲିବ ଜଣାପଡୁଛି, ଗ୍ରହସ୍ଥିତିର ଉଦଘୋଷ ବୃଷରେ ଚନ୍ଦ୍ର, ମିଥୁନରେ ବୃହସ୍ପତି, ସିଂହରେ କେତୁ, କନ୍ୟାରେ ଲଗ୍ନ, ଧନୁରେ ରବି, ମଙ୍ଗଳ, ବୁଧ, ଶୁକ୍ର, କୁମ୍ଭରେ ରାହୁ, ମୀନରେ ଶନି, ଦ୍ୱାତ୍ରିକ କନ୍ୟରେ ଲଗ୍ନ, ଧନୁରେ ୪ ଗ୍ରହ ମୀନରେ ଶନି ଏକ ଗ୍ରହ ଓ ମିଥୁନରେ ବୃହସ୍ପତି ଅଛନ୍ତି। ହଁ ନାହିଁ, ମରାମରି (ଭୁଲ ଏବଂ ଠିକ) ଯୁଦ୍ଧ ଭାବରେ ସବୁ ଗ୍ରହ। ଆମର ଓଡ଼ିଆ ଲୋକରେ ଏକ କଥା ଅଛି ଅଶରଣ ବେଳେ ଭଉଣୀ ଜ୍ୱାଇଁ ସ୍ୱାମୀ ଯାହା ପରିସ୍ଥିତି ସେପରି କରାଇବାକୁ ବଡ଼ ମୁଣ୍ଡିଆଙ୍କୁ ବାଧ କରିବ, ଧନୁ ମାଳିକ ମିଥୁନ, ମିଥୁନ ମାଳିକ ଧନୁରେ ଏସନ ଆରମ୍ଭ ଦିନରୁ ରହିଛନ୍ତି ଏମାନେ ଉଗ୍ର କ୍ରୁର ଗ୍ରହଙ୍କ କେନ୍ଦ୍ରରେ ପୁଣି ବିପତ୍ତି ରାହୁଙ୍କ ଦୃଷ୍ଟି ବୃହସ୍ପତିଙ୍କ ଉପରେ, ବୃହସ୍ପତି ଏ ଲଗ୍ନର ୪ ର୍ଥ ଓ ୭ମ ପତି, ଏହା ଉପରେ ରାହୁଦୃଷ୍ଟି ଅର୍ଥ ବିଦେଶୀ କାନୁନରେ ଏପରି ଗୁପ୍ତ ଅଭିସନ୍ଧି, ବାଣିଜ୍ୟିକ, ନିୟମ ଲାଗିବ ଯାହା ଦେଶର ଜନତାଙ୍କ ଉପରେ ବୋଝ ଉପରେ ଲଳିତା ବିଡ଼ା ପରି ଲାଗିବ।

ଅଗ୍ନି ରାଶି ସିଂହ ଓ ଧନୁ ଏଥିରେ ବହୁଗ୍ରହ। ମୁଁ କାର କର୍ଣ୍ଣଧାରଙ୍କ ବ୍ୟାପକ ହେବ ରବି ମଙ୍ଗଳ ଯୋଡ଼ି ଅଗ୍ନି ରାଶିରେ ତଥା କେତୁ ଅଗ୍ନିରାଶିରେ ଦଣ୍ଡ ଭେବ ନିତି ରାଜ ପ୍ରଭାବରେ ଉତ୍କଟ ହେବ କପଟକୁ ପଶା ପକାଇବାରେ ବଣିକରାଜମାନେ ନୂଆ ନୂଆ ପ୍ରଚାରରେ ଲୋକଙ୍କୁ ଯୁଆରେ ପକାଇବେ। ପୃଥ୍ୱୀ ରାଶିରେ ଲଗ୍ନ ଓ ଚନ୍ଦ୍ର ଏପରିକି ଦୁଇ ରାଶି ମାଳିକ ବୁଧ ଶୁକ୍ର ଶନିଦୃଷ୍ଟିରେ ଫସଲ ଉତ୍ପାଦନ ଯାହା ହେଉ ଦରଦାମ ବଢ଼ିବ ସପ୍ତମ ଶନି ରପ୍ତାନି ହ୍ରାସ କରାଇବା ସହ ବିଦେଶୀ ପଣ୍ୟ ଆମଦାନୀ ବଢ଼ାଇବ। ଚାଷ ଜମିରେ ଅଦିନିଆ ବର୍ଷା ଫସଲ ହାନି କରାଇବ। ଜଳ ଗ୍ରହ ଚନ୍ଦ୍ର, ଶୁକ୍ର, ଶନି ଦୃଷ୍ଟିରେ ଜଳ ଭଣ୍ଡାର ରାଶି ମୀନ ଏଠାରେ ଶନିଉପସ୍ଥିତି ପ୍ରତିଜଳ ଭଣ୍ଡାରର ପ୍ରତି ଦୃଷ୍ଟି ଶକ୍ତିର କୁନଜର ଅଛି, ଜଳ ସରବରାହରେ ପ୍ରତିବନ୍ଧକ ଲାଗିବ, ବହୁତ ବର୍ଷ ପରେ କୁମ୍ଭ ରାଶିରେ ସ୍ୱ ମୂଳ ତ୍ରିକୋଣ ରାଶିରେ ରାଶିପତି ଶନି ସହ ବନ୍ଧୁତା ରଖି ବଳବାନ ଗୁପ୍ତ ରାଶି କୁମ୍ଭ ରାଶି ଏହାପୁଣି ଖଣିର ରାଶି ଖଣିଜ ତେଲ ବ୍ୟବସାୟୀ ଦେଶ ଗୁପ୍ତ ମନ୍ତ୍ରଣାରେ କୃତ୍ରିମ ଅଭାବ ସୃଷ୍ଟି କରିବେ। ତେଲଦାର ବଢ଼ିବ, ଶକ୍ତି ସଙ୍କଟ ରବିମଙ୍ଗଳ ପ୍ରତି ଶନିଦୃଷ୍ଟି ଯୋଗୁ ଘଟିବ। ବୈଦେଶିକ ନୀତିରେ ବହୁସ୍ତରରେ ପରିବର୍ତ୍ତନ ହେବ, ଶୁକ୍ର ଦିଗବଳୀ ଚନ୍ଦ୍ର ବୃଷରେ ସ୍ଥାନବଳୀ ମାତ୍ର ଶନି ଦୃଷ୍ଟିରେ ଦୁଇଜଣ ଯାକ ଅଛନ୍ତି ଆମ ଦେଶ ଅର୍ଥନୀତି ଉପରେ ବିଦେଶୀ ଚାପ ପଡ଼ିବ। ଦେଶରେ ଦରଦାମ ବଢ଼ିବ, ପର୍ବ ଭୂଖଣ୍ଡ ଭାରତ ବର୍ଷର ଧନୁ ସିଂହସ୍ଥ ଅଗ୍ନି ରାଶିସ୍ଥ ଗ୍ରହଙ୍କ ଯୋଗୁ ପୁଣି ରାଶିପତି ବୁଧ ଅଗ୍ନି ରାଶିରେ ୫ମ ଓ ୬ଷ୍ଠ ପତି ଦୃଷ୍ଟିରେ ଆସୁଥିବାରୁ ବଙ୍ଗୋପସାଗର ପଟ ଅତି ଜରୁରୀ ଚୌକ ଲଗାଇ ନିରାପଦ ରଖାଯିବା ଜରୁରୀ। ଆଲୋକ ପଟରେ ସବୁଗ୍ରହ ଶେଷରେ ଏକମାତ୍ର ବୃହସ୍ପତି। ପାପକ୍ରୁର ଶନିମଙ୍ଗଳ ଦିବା ଆଲୋକ ପଟରେ କେତୁ ଗୁରୁ ଚନ୍ଦ୍ରଙ୍କ ଆଲୋକ ପଟରେ, ଲୁଚି ଛପି ଅଘଟଣ ଧନ ଲୁଟ ବଢ଼ିବ, ମୁଦ୍ରା ନୂଆ ବାହାରିବା ସୂଚନା ମିଳୁଛି ସୁନା ଦର ଆହୁରି ବଢ଼ିବ। ବହୁଜନ କ୍ଷୟ ହେବେ, ସାଙ୍ଘାତିକ ରୋଗର ଔଷଧ ଜଣାପଡ଼ିବ। ଛାତ୍ର ଗଣ୍ଡଗୋଳ ଦାସ ଦାସୀ ବୃତ୍ତିରେ ନିୟୋଗ ମାନେ ବିଦ୍ରୋହୀ ହେବେ। ବିଚାର ବିଭାଗର ନୂଆ କାନୁନ ଉଚ୍ଚ ରାଶି ଗମନ ଉଦ୍ୟମୀ ଶକ୍ତିଶାଳୀ ଦୁଇପୁରୁଷ ଗ୍ରହ ମଙ୍ଗଳ ଗୁରୁଙ୍କ ଯୋଗୁ ଲଗାଇବ। ନୂଆ ନେତା ଆସିବା ଉଚିତ। ପଞ୍ଚାୟତ ନିର୍ବାଚନରେ କାହାରି ମୁଣ୍ଡ ଯିବ, ଶକ୍ତିଶାଳୀ ବୋଲାଇବା ନେତାଙ୍କ ବଡ଼ପଣ ଦୋହଲିବ, ଆହୁରି ଅଛି ଅନ୍ୟ ଲେଖାରେ ଲେଖାଯିବ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଜ୍ଞାନୀ ଜୈଲ ସିଂହ

## ଅକ୍ଷୟ କୁମାର ରାଉତ

ସମୟର ସ୍ରୋତରେ ପ୍ରକୃତି କୋଳରେ କେତେ ସାଧୁ,ସନ୍ଥ, ପଣ୍ଡିତ, ବିଦ୍ୱାନ, କବି, ଲେଖକ,ନାଟ୍ୟକାର, ଦାର୍ଶନିକ,ବୈଜ୍ଞାନିକ, ଜନସେବକ ଓ ରାଜନେତା ଜନ୍ମ ନିଅନ୍ତି ସେମାନଙ୍କ ମଧ୍ୟରୁ ଜ୍ଞାନୀ ଜୈଲ ସିଂହ ଅନ୍ୟତମ। ୧୯୧୬ ମସିହା ମେ ମାସ ୫ ତାରିଖରେ ଫରିଦକୋର୍ଟ ସହରଠାରୁ ୧୦ କି.ମି. ଦୂରରେ ରେଲଲାଇନ କଡର ଛୋଟିଆ ଗାଁ ସନ୍ଧୱାନରେ ଏକ ଶିଖ୍ ପରିବାରରେ ଭାଇ କିଷାନ ସିଂହ ଓ ବିବିଇନ୍ଦ କାଉରଙ୍କ କୋଳମଣ୍ଡନ କରି ଚତୁର୍ଥ ସନ୍ତାନ ଭାବେ ଜନ୍ମ ନେଲେ ଜୈଲ ସିଂହ। କ୍ଷ ଦିନରେ ମା ଛେଉଣ୍ଡ ହୋଇ ମାଉସୀ ବିବିଦୟା କଉରଙ୍କ ସ୍ନେହ ଶ୍ରଦ୍ଧାରେ ବଢିଲେ। ଜୈଲ ସିଂହ ୧୨ବର୍ଷ ପର୍ଯ୍ୟନ୍ତ ଜାଣି ପାରିନଥିଲେ ତାଙ୍କର ପ୍ରକୃତ ମା କିଏ। ବାପାମାଙ୍କ ଧର୍ମ ପରାୟଣତା ତାଙ୍କ ଉପରେ ପ୍ରଭାବ ପକାଇ ଥିଲା। ଅଭାବରୁ ସେ ବେଶି ପାଠ ପଢି ପାରିନଥିଲେ। ପାଂଚ

ବର୍ଷ ବୟସରେ ସେ ଗୁରୁ ଗ୍ରନ୍ଥ ସାହେବ ପଢି ବୁଝି ପାରୁଥିଲେ ଓ ଅନ୍ୟମାନଙ୍କୁ ବୁଝାଉଥିଲେ। ଶିଖ୍ ଧର୍ମ ଉପରେ ଅଗାଧ ପାଣ୍ଡିତ୍ୟଲାଭ କରିଥିବାରୁ ତାଙ୍କୁ ଲୋକେ ଜ୍ଞାନୀ ଡାକିବାରୁ ସେ ଜ୍ଞାନୀ ଜୈଲ

ସିଂହ ଭାବରେ ପରିଗଣିତ ହେଲେ। ଜ୍ଞାନୀ ନିଜ ଉଦ୍ୟମରେ ହିନ୍ଦୀ ଓ ଉର୍ଦ୍ଦୁ ଭାଷା ଶିକ୍ଷା କରି ସ୍ମୃତିଶାସ୍ତ୍ର, ଉପନିଷଦ, କୋରାନ, ଗୀତା, ଭାଗବତ ଓ ବାଇବେଲ ପଢି ବହୁ ଜ୍ଞାନ ଅର୍ଜନ କଲେ। ସେ ସକାଳ ଓ ସନ୍ଧ୍ୟାରେ କୀର୍ତନ୍ କରନ୍ତି, ଅନ୍ୟ ସମୟରେ ଘରେ ଇତିହାସ ଓ ଅନ୍ୟଗ୍ରନ୍ଥ ଅଧ୍ୟୟନ କରନ୍ତି। ୧୨ବର୍ଷ ବୟସରେ ଜ୍ଞାନୀ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଥିଲେ। ପିତା ଭାଇ କିଷାନ ସିଂହ ଗ୍ରନ୍ଥ ସାହେବରୁ ଗୋଟିଏ ପ୍ରାର୍ଥନା ପଢି ଈଶ୍ୱରଙ୍କ ସରଣାପନ୍ନ ହେଲେ। ତାପରେ ଜ୍ଞାନୀଙ୍କର ଦେହ ଭଲ ହୋଇଗଲା। ଜ୍ଞାନୀ କିର୍ତନ କରୁ କରୁ ଦେଶ ସେବାରେ ମନଦେଲେ। ତାଙ୍କ ଉପରେ ଭଗତ ସିଂ ଓ ସନ୍ଥ ଅମର ସିଂହ ତେଗଙ୍କର ପ୍ରଭାବ ପଡିଥିଲା। ସନ୍ଥ ଅମର ସିଂହ ତେଗ ତାଙ୍କୁ ବନ୍ଧୁକଟିଏ ଦେଇ ଆର୍ଶୀବାଦ କରି ଦେଶପାଇଁ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ଲଢିବାକୁ ଶପଥ କରାଇଥିଲେ। ଏହି ସମୟରେ ସେ ବିବିପ୍ରଧାନ କାଉରଙ୍କୁ ସହଧର୍ମିଣୀ ଭାବରେ ଗ୍ରହଣ କଲେ। ଥରେ ଫରିଦ୍ କୋର୍ଟଠାରେ ସବୁ ଧର୍ମ ତରଫରୁ ଗୋଟିଏ ତର୍କ ସଭାର ଆୟୋଜନ କରାଗଲା। ସେଠାରେ ଜ୍ଞାନୀଜୀ ଜଣେ ଶ୍ରୋତା ଭାବରେ ଯାଇଥିଲେ କିନ୍ତୁ ବକ୍ତା ଭାବରେ ଶିଖ୍ ଧର୍ମର ମୌଳିକ ତତ୍ତ୍ୱ ଓ ସାରମର୍ମ କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲେ। ସେତେବେଳେ ସାରା ଭାରତରେ ସ୍ୱାଧିନତା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ। ଜ୍ଞାନୀଜୀ ଫରିଦ୍ କୋର୍ଟରେ ଭାରତୀୟ ଜାତୀୟ କଂଗ୍ରେସର ଏକ ଶାଖାଟିଏ ଖୋଲି ବିଭିନ୍ନ ସ୍ଥାନରେ ସଭାସମିତି କରି ଇଂରେଜ ସରକାର ଓ ରାଜାଙ୍କ ବିରୁଦ୍ଧରେ ଭାଷଣ ଦେବାରୁ ଗିରଫ ହେଲେ। ତାଙ୍କ ସହିତ ସର୍ଦ୍ଦାର ଜଙ୍ଗ ସିଂହ, ମଣି ସିଂୱାଲା ଗିରଫ ହୋଇ ଫରିଦ୍‌କୋର୍ଟ କେନ୍ଦ୍ରୀୟ ଜେଲରେ ପାଂଚ ବର୍ଷ ଜେଲଦଣ୍ଡ ସହିତ ୨୫୦ ଟ. ଜୋରିମାନା ଭୋଗିଥିଲେ। ଜେଲରେ ଥାଇ ଜ୍ଞାନୀଜୀ ବିଭିନ୍ନ ଗ୍ରନ୍ଥ ଅଧ୍ୟୟନ ସହିତ ଜଣେ ସହକାରୀ ଜେଲ ଅଧିକାରୀଙ୍କଠାରୁ ଇଂଗ୍ରାଜୀ ଶିକ୍ଷା କଲେ। ଜେଲରେ ସେ ମାଆଙ୍କ ପାଖକୁ ଖଣ୍ଡେ ଚିଠିଲେଖି ଧରାପଡି ଦଣ୍ଡପାଇଲେ। ମା ପୁଅକୁ ଦେଖା କରିବାକୁ ଯାଇ ଟିକେ ସ୍ନେହରେ କୋଳାଇ ପାରିନଥିଲେ, ଲୁହା ବାଡର ପ୍ରତିବନ୍ଧକ ଯୋଗୁ। ଜେଲରେ ଥିବା ସମୟରେ ସେ ପାଳିତମାଙ୍କୁ ହରାଇଲେ। ଜେଲରୁ

ମୁକୁଳାପରେ ଗାଁରେ ରହି ପାରିନଥିଲେ ଗୁଇନ୍ଦାବିଭାଗର କଡା



ନଜରରୁ, ଭାଇବନ୍ଧୁଙ୍କୁ ଛାଡି ଲାହୋର ସହରକୁ ଚାଲିଗଲେ। ଅକାଳୀ ଦଳର ମୁଖିଆ ତାରା ସିଂକୁ ଦେଖାକରି ଶିଖ୍ ମିଶିନାରୀ କଲେଜରେ

ଯୋଗଦେଇ ମାସିକ ୧୬ ଟଙ୍କା ଭତାରେ ରହିଲେ।କିଛିଦିନ ପରେ ସେ ମାସିକ ୮୧ ଟଙ୍କା ବିନିମୟରେ ଜ୍ଞାନିଜି ହୋସିଆରପୁର ଶିଖ୍ ସଂଘ ସେବାରେ କାର୍ଯ୍ୟକେଲ । ଏହି ସମୟରେ ପଞ୍ଜାବ ପ୍ରଦେଶରେ ପ୍ରଜାମଣ୍ଡଳ ତରଫରୁ ଲେକପ୍ରିୟ ସରକାର ଗଠନ ପାଇଁ ଆନ୍ଦୋଳନ ଚାଲୁ ଥାଏ। ଜ୍ଞାନୀଜୀ ସେଠାରେ ପହଂଚି ଆନ୍ଦୋଳନ ଚାଲୁ ରଖିଲେ ଓ ପଣ୍ଡିତ ନେହେରୁଙ୍କ ସହିତ ଘନିଷ୍ଠ ସମ୍ପର୍କ ରକ୍ଷା କଲେ। ଭାରତ ସ୍ୱାଧୀନ ହେଲା ନେହେରୁ ପ୍ରଧାନମନ୍ତ୍ର. ସର୍ଦ୍ଦାର ବଲ୍ଲଭଭାଇପଟେଲ ଗୃହ ମନ୍ତ୍ରୀ । ସର୍ଦ୍ଦାର ପଟେଲ ଜ୍ଞାନୀଜୀଙ୍କୁ ଦିଲ୍ଲୀ ଡକାଇଲେ। ଜ୍ଞାନୀଜୀଙ୍କ ପାଖରେ ପଇସା ନାହିଁ। ତେଣୁ ସେ ବନ୍ଧୁ ରାମନାଥଙ୍କ ସହିତ ଦୁଇ ମାଇଲର ବାଟ ଚାଲିଚାଲି ପାତିଆଲା ଷ୍ଟେସନରୁ ଶହେ ଟଙ୍କା ଧାର କରି ଦିଲ୍ଲୀ ଗଲେ । ସେଠାରେ ୧୦ ମିନିଟ୍ ବିଳମ୍ବ ଯୋଗୁ ଦେଖା କରି ନ ପାରିବାରୁ ଭୋକ ଉପାସରେ ଅପେକ୍ଷାକଲେ। ପଟେଲଙ୍କ ନିର୍ଦ୍ଦେଶରେ ମନ୍ତ୍ରମଣ୍ଡଳ ଗଠନ ହେଲା। ମୁଖ୍ୟମନ୍ତ୍ରୀ ଜ୍ଞାନୀ ସିଂହ ରାରେୱାଲଙ୍କ ମନ୍ତ୍ରୀମଣ୍ଡଳରେ ରାଜସ୍ୱମନ୍ତ୍ରୀ ଭାବେ ଜ୍ଞାନୀଜୀ ଦାୟିତ୍ୱ ଗ୍ରହଣ କଲେ। ପରେ ପରେ ଦୁଇ

ବର୍ଷପାଇଁ ପେପସୁ ପ୍ରଦେଶର କଂଗ୍ରେସ କମିଟିର ସଭାପତି ଭାବରେ ଜ୍ଞାନୀଜୀ ନିର୍ବାଚିତ ହେଲେ। ୬ ବର୍ଷ ପାଇଁ ସେ ରାଜ୍ୟସଭାର ସଦସ୍ୟ ଭାବରେ ନିର୍ବାଚିତ ହେଲେ। ରାଜ୍ୟସଭାର ସଭ୍ୟଭାବରେ କାର୍ଯ୍ୟକାଳ ପୂରଣ କରି ସେ ପଞ୍ଜାବ ବିଧାନସଭାରୁ ନିର୍ବାଚିତ ହେଲେ। ୧୯୭୧ ମସିହା ଜୁନ୍ ୯ ତାରିଖରେ ପଞ୍ଜାବରେ ରାଷ୍ଟ୍ରପତି ଶାସନ ଜାରି ହେଲା। ଏହି ସମୟରେ ଭାରତ ପାକିସ୍ତାନ ଯୁଦ୍ଧ ଆରମ୍ଭ ହୋଇଗଲା। ଯୁଦ୍ଧ ପରେ ପଞ୍ଜାବ ବିଧାନସଭାର ନିର୍ବାଚନ ହେଲା। ଜ୍ଞାନୀଜୀଙ୍କ ନେତୃତ୍ୱରେ କଂଗ୍ରେସଦଳ ମନ୍ତ୍ରୀମଣ୍ଡଳ ଗଠନ କଲେ। ସେ ହେଲେ ମୁଖ୍ୟମନ୍ତ୍ରୀ। ତାଙ୍କର ଶାସନକାଳକୁ ଲୋକମାନେ ମହାରାଜା ରଣଜିତ୍ ସିଂହଙ୍କ କାର୍ଯ୍ୟ ସହିତ ତୁଳନା କଲେ। ସପ୍ତମ ଲୋକସଭା ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀମଣ୍ଡଳରେ ଜ୍ଞାନୀଜୀ ଘରୋଇ ବିଭାଗର ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କଲେ। ସେ ତାଙ୍କ ରାଜନୈତିକ ଜୀବନ ଆରମ୍ଭରୁ ଏକ 'ଖାଲସ ସେବକ' ନାମରେ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶ କରିଥିଲେ। ପରବର୍ତୀ ସମୟରେ ତାହା ଦୈନିକ ସମ୍ବାଦପତ୍ର ଭାବରେ ଆତ୍ମ ପ୍ରକାଶକଲା। ସେ ଗୃହମନ୍ତ୍ରୀ ହିସାବରେ ସମ୍ପାଦକମାନଙ୍କର ଏକ ସମ୍ମିଳନୀ କରାଇ ସାମ୍ବାଦିକମାନଙ୍କର ସୁରକ୍ଷା ଓ ସ୍ୱାଧୀନତା ସରକାର ବହନ କରିବା ପାଇଁ ଆହ୍ୱାନ ଦେଇଥିଲେ। ୧୯୮୨ମସିହା ଜୁଲାଇ ମାସ ୨୪ ତାରିଖରେ ଜ୍ଞାନୀଜୀ ଭାରତର ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିଥିଲେ। ତାଙ୍କ ନିର୍ଦ୍ଦେଶରେ ' ବ୍ଲୁ ଷ୍ଟାର ଅପରେସନ' କରାଗଲା। ସ୍ୱର୍ଣ୍ଣ ମନ୍ଦିରରେ ସୈନ୍ୟ ବାହିନୀ ପଶି ସନ୍ତ୍ରାସବାଦୀମାନଙ୍କୁ ଧରିଲେ ଓ ଦେଶଟା ବଡ ବିପଦରୁ ରକ୍ଷା ପାଇଗଲା। ୧୯୯୪ ମସିହା ନଭେମ୍ବର ମାସ ୨୯ ତରିଖରେ ଜ୍ଞାନୀଜୀ ଏକ କାରରେ ଆନନ୍ଦପୁର ସାହିବରୁ ଚଣ୍ଡୀଗଡକୁ ଫେରୁଥିଲେ। ହଠାତ୍ ରୋପଡ୍ ଜିଲ୍ଲାର ବୁଙ୍ଗା ସାହିବ ନିକଟରେ ଗୋଟିଏ ଟ୍ରକ ସହିତ କାରଟି ଧକ୍କା ଲାଗିଲା, ସେ ଗୁରୁତର ଆହତ ହେଲେ। ଦୀର୍ଘ ୨୭ ଦିନ ଧରି ମୃତ୍ୟୁ ସହିତ ସଂଗ୍ରାମ କରି ୧୯୯୪ ମସିହା ଡିସେମ୍ବର ମାସ ୨୫ ତାରିଖ ସକାଳ ସାତଟା ଚାଳିଶ ମିନିଟରେ ୭୮ ବୟସରେ ଶେଷ ନିଶ୍ୱାସ ତ୍ୟାଗକଲେ। ଜଣେ ଦେଶ ସେବକ ରାଜନେତା, କବି, ଲେଖକ ଓ ପୂର୍ବତନ ରାଷ୍ଟ୍ରପତିଙ୍କ ମୃତ୍ୟୁରେ ଦେଶରେ ଶୋକର ଛାୟା ଖେଳିଗଲା। କେନ୍ଦ୍ର ସରକାର ୭ ଦିନ ପାଇଁ ଜାତୀୟ ଶୋକ ପାଳିବାକୁ ଘୋଷଣା କଲେ। ଜାତୀୟ ପତକା ଅର୍ଦ୍ଧ ନିମିତ କରାଗଲା। ଦିଲ୍ଲୀର ବିଜୟଘାଟ ନିକଟରେ ଥିବା ଏକତା ସ୍ଥଳରେ ରାଷ୍ଟ୍ରୀୟ ସମ୍ମାନର ସହିତ ଦାହ କରାଗଲା । ଦେଶର ଚାରିଆଡେ " ଜୈଲ ସିଂହ ଅମର ରହେ" ମୁଖରିତ ହେଲା।

ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର

# କୃତ୍ତିବାସ କଟକ

## ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଶ୍ରୀଲିଙ୍ଗରାଜଙ୍କ ନାଆଁ କୃତ୍ତିବାସ। ଲିଙ୍ଗରାଜ ନାମରେ ନାମିତ ହେବା ପୂର୍ବରୁ ସେ ଏହି କୃତ୍ତିବାସ ନାମରେ ପରିଚିତ ଓ ପ୍ରସିଦ୍ଧ ଥିଲେ। ତାଙ୍କ ଏକାମ୍ରକ୍ଷେତ୍ରର ନାଆଁ ମଧ ସେହି ଅନୁସାରେ କୃତ୍ତିବାସ କଟକ ହୋଇଥିଲା। ମାଦଳାପାଞ୍ଜିରେ ଶ୍ରୀଲିଙ୍ଗରାଜଙ୍କର କୃତ୍ତିବାସ ନାମର ଉଲ୍ଲେଖ ଅଛି। ତାଙ୍କ ମନ୍ଦିରର ନିର୍ମାତା ଲଲାଟେନ୍ଦୁ କେଶରୀ ବୋଲି ମଧ ସେଥିରେ ଉଲ୍ଲେଖ ରହିଛି।

ଶ୍ରୀଲିଙ୍ଗରାଜଙ୍କର ଏହି କୃତ୍ତିବାସ ନାମ ଏବଂ ଏକାମ୍ରକ୍ଷେତ୍ରର କୃତ୍ତିବାସ କଟକ ନାମ ପଛରେ ରହିଛି ପୌରାଣିକ ଉପାଖ୍ୟାନ। କେତେକ ଶିଳାଲେଖରେ କୃତ୍ତିବାସ କଟକରୁ କୀର୍ତ୍ତିବାସ କଟକ ମଧ କୁହାଯାଇଛି। ଶବ୍ଦାର୍ଥ ଦୃଷ୍ଟିରୁ ଦେଖିଲେ - କୃତ୍ତି ବା ଚର୍ମ ଯାହାଙ୍କର ବାସ ବା ବସ୍ତ୍ର ସେ କୃତ୍ତିବାସ। ଶିବ ବ୍ୟାଘ୍ର, ମୃଗ ବା ଗଜର ଚର୍ମ ପରିଧାନ କରୁଥିବାରୁ ସେ କୃତ୍ତିବାସ। କିନ୍ତୁ କୀର୍ତ୍ତିବାସ ନାଆଁ ପଛରେ ରହିଛି ଭିନ୍ନ ପୌରାଣିକ କିମ୍ବଦନ୍ତୀ। କୀର୍ତ୍ତିବାସ କୀର୍ତ୍ତି ଏ ଦୁହେଁ ଦୁଇ ଅସୁର ଭ୍ରାତା। କିମ୍ବଦନ୍ତୀ ଅନୁସାରେ, ଏକାମ୍ର କ୍ଷେତ୍ରକୁ ଶିବଙ୍କର ଆଗମନ ପୂର୍ବରୁ ତାହା ଥିଲା ଏହି ଦୁଇ ଅସୁର ଭ୍ରାତାଙ୍କର ବିଚରଣ ଭୂମି। ସେ ଦୁହେଁ ଦ୍ରୁମିଳ ଦୈତ୍ୟର ସନ୍ତାନ। ପିତାଙ୍କ ଦ୍ୱାରା ବିତାଡ଼ିତ ହୋଇ ସେମାନେ ଏଠାରେ ବାସ କରୁଥିଲେ। ପାର୍ବତୀଙ୍କର ରୂପ ଲାବଣ୍ୟରେ ଆକୃଷ୍ଟ ହୋଇ ସେମାନେ ତାଙ୍କ ନିକଟରେ ରତି ଭିକ୍ଷା କରିଥିଲେ। ଦେବୀ ପାର୍ବତୀ ତାହାକୁ ଅସ୍ୱୀକାର ନକରି ଛଳନା କରି ସେଥିରେ ସମ୍ମତ ହେଲେ।

ଦେବୀ କହିଲେ ତୁମେ ଦୁହେଁ ଯଦି ମୋତେ କାନ୍ଧରେ ବସାଇ ବନ ଭ୍ରମଣ କରାଇବ, ତେବେ ମୁଁ ତୁମର ଇଛା ପୂରଣ କରିବି। ରାକ୍ଷସ ଦୁହେଁ ସେଥିରେ ସମ୍ମତ ହେଲେ। ଫଳରେ ଦେବୀ ବାସ କାନ୍ଧରେ ବାମ ପାଦ ଓ କୀର୍ତ୍ତି କାନ୍ଧରେ ଡାହାଣ ପାଦ ରଖି ଦୁହିଁଙ୍କ କାନ୍ଧରେ ବସିଲେ। ତାହାପରେ, ସେ କ୍ରମେ ନିଜର ଓଜନ ବଢ଼ାଇ ବଢ଼ାଇ ଦୁହିଁଙ୍କୁ ମାଟିରେ ଚାପି ମାରିଦେଲେ। ତେଣୁ ତାଙ୍କର ନାମ ହେଲା କୀର୍ତ୍ତିବାସ ବିମର୍ଦ୍ଦିନୀ। ଦୁଇ ରାକ୍ଷସ ଚାପି ହୋଇ ମରିଥିବା ସ୍ଥାନ ହେଲା ଦେବୀ ପାଦହରା। କିନ୍ତୁ ଏହି ଦୁଇ ଅସୁରଭ୍ରାତା କୀର୍ତ୍ତି ଓ ବାସଙ୍କ ନାମ ଅନୁସାରେ ଏକାମ୍ର କ୍ଷେତ୍ରର ନାମ କୀର୍ତ୍ତିବାସ କଟକ ବା କୃତ୍ତିବାସ କଟକ ହୋଇନାହିଁ।

ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩



# ଫ୍ରାନ୍ସରେ ୧୫ ବର୍ଷରୁ କମ୍ ପିଲା ଦେଖିପାରିବେନି ସୋସିଆଲ ମିଡିଆ

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ଅଷ୍ଟ୍ରେଲିଆ ପରେ ଏବେ ଫ୍ରାନ୍ସରେ ପିଲାଙ୍କ ଉପରେ ସୋସିଆଲ ମିଡିଆ କଟକଣା ଲାଗୁ । ଅର୍ଥାତ୍ ୧୫ ବର୍ଷରୁ କମ୍ ବୟସର ପିଲାମାନେ ଫେସବୁକ୍, ଟୁଇଟର,ହ୍ୱାଟସ୍ଆପ୍, ଇନଷ୍ଟାଗ୍ରାମ,ୟୁଟ୍ୟୁବ,ସ୍ନାପଚ୍ୟାଟ, ଟିକଟକ ଓ ଟେଲିଗ୍ରାମ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମ ଆଉ ବ୍ୟବହାର କରିପାରିବେ ନାହିଁ । ଏଥିପାଇଁ ଆଇନ ଆଣିବାକୁ ଯାଉଛନ୍ତି ସରକାର । ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଦେଶବାସୀଙ୍କୁ ନବବର୍ଷର ବାର୍ତ୍ତା ଦେଇ ସେ କହିଛନ୍ତି, ସୋସିଆଲ ମିଡିଆ ପିଲାମାନଙ୍କୁ ନଷ୍ଟ କରିଦେଉଛି । ସେମାନଙ୍କୁ ରକ୍ଷା କରିବା ଆମର ପ୍ରାଥମିକତା । ଦେଶର ୭୯ ପ୍ରତିଶତ ଲୋକ ପିଲାଙ୍କ ପାଇଁ ସୋସିଆଲ ମିଡିଆ ବ୍ୟାନ କରାଯିବା ଉପରେ ମତ ଦେଇଛନ୍ତି । ସେଥିପାଇଁ ଚଳିତମାସରେ ହିଁ ସଂସଦରେ ବିଲ୍ ଅଣାଯିବ । ଏହା ଗୃହୀତ ହେଲେ ଆସନ୍ତା ସେପ୍ଟେମ୍ବର ମାସରୁ ତାହା କାର୍ଯ୍ୟକାରୀ କରାଯିବ । ସେହିଭଳି ବର୍ତ୍ତମାନ ପ୍ରାଥମିକ ଓ ମାଧ୍ୟମିକ ପିଲାଙ୍କ ଲାଗି ମୋବାଇଲ ଫୋନ୍ ବ୍ୟାନ କରାଯାଇଥିଲା ବେଳେ ଆଗକୁ ହାଇସ୍କୁଲ ପିଲାଙ୍କ ଲାଗି ମଧ୍ୟ ତାହା ନିଷିଦ୍ଧ କରାଯିବାର ଯୋଜନା ରହିଛି । ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଅଷ୍ଟ୍ରେଲିଆ ପିଲାଙ୍କ ପାଇଁ ସୋସିଆଲ ମିଡିଆ ଉପରେ ବ୍ୟାନ ଲଗାଇଛି । ଦେଶରେ ୧୬ ବର୍ଷରୁ କମ୍ ସମୟର ପିଲାମାନେ ସୋସିଆଲ ମିଡିଆ ବ୍ୟବହାର କରିପାରିବେ ନାହିଁ । ଫ୍ରାନ୍ସ ୨୦୨୩ ମସିହାରେ ଏକ ଆଇନ ପ୍ରଣୟନ କରିଥିଲା ଯେଉଁଥିରେ ୧୫ ବର୍ଷରୁ କମ୍ ବୟସର ପିଲା ଆକାଉଣ୍ଟ ଖୋଲେ ତେବେ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ପିତାମାତାଙ୍କ ସମ୍ମତି ନେବାକୁ ପଡିବ। କିନ୍ତୁ, ବୈଷୟିକ ଚ୍ୟାଲେଞ୍ଜ ଯୋଗୁଁ, ଏହି ଆଇନ ସଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରି ନାହିଁ। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ପ୍ରାୟତଃ ଯୁବପିଢ଼ିଙ୍କ ମଧ୍ୟରେ ହିଂସା ପାଇଁ ସୋସିଆଲ ମିଡିଆକୁ ଦାୟୀ କରିଛନ୍ତି । ତାଙ୍କ ନୂତନ ବର୍ଷର ଅଭିଭାଷଣରେ, ସେ ଲୋକମାନଙ୍କୁ ସେମାନଙ୍କ ପିଲାମାନଙ୍କୁ ସୋସିଆଲ ମିଡିଆ ଏବଂ ସ୍କ୍ରିନରୁ ସୁରକ୍ଷା ଦେବାକୁ ଅନୁରୋଧ କରିଥିଲେ ।

# ଖାମେନେଇଙ୍କୁ ତଡିବାକୁ ଆନ୍ଦୋଳନ

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ୨୦୨୨ ପରେ ପରେ ଇରାନରେ ପୁଣି ଥରେ ବ୍ୟାପକ ବିରୋଧ ପ୍ରଦର୍ଶନ ହୋଇଛି । ଉଚ୍ଚ ମୁଦ୍ରାସ୍ଫୀତି ଏବଂ ବେକାରୀ ପ୍ରତିବାଦରେ ରାସ୍ତାକୁ ଓହ୍ଲାଇଛନ୍ତି ଇରାନ ବାସୀ । ଦଶଟି ବିଶ୍ୱବିଦ୍ୟାଳୟର ଛାତ୍ର ମଧ୍ୟ ଏହି ପ୍ରତିବାଦରେ ଯୋଗ ଦେଇଛନ୍ତି । ପ୍ରଦର୍ଶନ ଏବେ ଦେଶର ଅନ୍ୟାନ୍ୟ ଅଞ୍ଚଳକୁ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି । ଇରାନରେ ଜାରି ରହିଥିବା ପ୍ରଦର୍ଶନ ବେଳେ ସୁରକ୍ଷା ବଳ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା । ଯେଉଁଥିରେ ଅତିକମରେ ସାତ ଜଣଙ୍କର ମୃତ୍ୟୁ ଘଟିଛି । ଏହି ବିକ୍ଷୋଭ ମୁଖ୍ୟତଃ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ଶାସନ ବିରୋଧରେ କରାଯାଉଛି । ତେବେ ଏହି ବ୍ୟାପକ ଆନ୍ଦୋଳନ ପଛରେ କୌଣସି ଗୋଟିଏ କାରଣ ନାହିଁ, ବରଂ ଅନେକ ବର୍ଷର ଅସନ୍ତୋଷ ଏବେ ଜନତାଙ୍କ ମଧ୍ୟରେ ଆନ୍ଦୋଳନ ଘଟାଇଛି । ଇରାନରେ ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଦେଶର ମୁଦ୍ରା 'ରିଆଲ୍'ର ମୂଲ୍ୟ ଇତିହାସର ସର୍ବନିମ୍ନ ସ୍ତରକୁ ଖସି ଆସିଛି । ୨୦୨୫ ଶେଷ ସୁଦ୍ଧା ମୁଦ୍ରାସ୍ଫୀତି ହାର ୪୨% ରୁ ୪୮% ପର୍ଯ୍ୟନ୍ତ



ବୃଦ୍ଧି ପାଇଛି । ଦୈନନ୍ଦିନ ଖାଦ୍ୟପେୟ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦାମ ସାଧାରଣ ଲୋକଙ୍କ କ୍ରୟ ଶକ୍ତି ବାହାରକୁ ଚାଲିଯାଇଛି । ତେହେରାନର ଗ୍ରାଣ୍ଡ ବଜାରର ବ୍ୟବସାୟୀମାନେ ପ୍ରଥମେ ଦୋକାନ ବଜାର ବନ୍ଦ କରି ଏହି ଆର୍ଥିକ ଅବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ । ଆନ୍ଦୋଳନକାରୀମାନେ କେବଳ ଦରଦାମ ବୃଦ୍ଧି ନୁହେଁ, ବରଂ ଇରାନର ସ୍ଥାପିତ ଇସଲାମିକ ଶାସନ ବ୍ୟବସ୍ଥା ବିରୋଧରେ ନାରାବାଜି କରୁଛନ୍ତି । ବିକ୍ଷୋଭକାରୀମାନେ ଏକଛତ୍ରବାଦୀ ଶାସକଙ୍କ ମୃତ୍ୟୁ ହେଉ ଏବଂ ଖାମେନେଇଙ୍କ ବିରୋଧରେ ସ୍ଲୋଗାନ ଦେଉଛନ୍ତି । ଏହି ଲଢ଼େଇ ଏବେ ଗଣତନ୍ତ୍ର ଏବଂ ବ୍ୟକ୍ତିଗତ ସ୍ୱାଧୀନତା ପାଇଁ ଏକ ବଡ଼ ଆନ୍ଦୋଳନରେ ପରିଣତ ହୋଇଛି । ୨୦୨୨ ମସିହାରେ ମହସା ଅମିନିଙ୍କ ମୃତ୍ୟୁପରେ ହୋଇଥିବା ଆନ୍ଦୋଳନର ନିଆଁ ଏବେ ବି ଲୋକଙ୍କ ମନରେ ରହିଛି । ସେତେବେଳେ ମଧ୍ୟ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା । ବର୍ତ୍ତମାନର ଆନ୍ଦୋଳନରେ ଛାତ୍ରଛାତ୍ରୀ ଏବଂ ଯୁବପିଢ଼ି ବହୁ ସଂଖ୍ୟାରେ ସାମିଲ ହୋଇଛନ୍ତି । ବିଶେଷ କରି ବିଶ୍ୱବିଦ୍ୟାଳୟ ଗୁଡ଼ିକ ଏହି ବିକ୍ଷୋଭର ମୁଖ୍ୟ କେନ୍ଦ୍ର ପାଲଟିଛି ।

# ସ୍ୱିଜରଲ୍ୟାଣ୍ଡ ବାର୍ ବିସ୍ଫୋରଣ ଘଟଣା: ବଢୁଛି ମୃତ୍ୟୁସଂଖ୍ୟା

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ସ୍ୱିଜରଲାଣ୍ଡ କ୍ରାନ୍ସ-ମୋଣ୍ଟାନା ସହରରେ ନବବର୍ଷ ଉତ୍ସବ ପାଳନ ବେଳେ ଏକ ବାରରେ ଭୟଙ୍କର ବିସ୍ଫୋରଣ ଘଟଣାରେ ବଢିଛି ମୃତ୍ୟୁସଂଖ୍ୟା ।୪୭ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୧୫ ରୁ ଅଧିକ ଆହତ ହୋଇଛନ୍ତି । ବିସ୍ଫୋରଣ 'ଲେ କନେଷ୍ଟେଲେସନ୍-ବାର୍ ଆଣ୍ଡ୍ ଲାଉଞ୍ଜ'ରେ ଘଟିଥିଲା । ଏହା କ୍ରାନ୍ସ-ମୋଣ୍ଟାନାର ଅନ୍ୟତମ ପ୍ରଖ୍ୟାତ ବାର୍ । ସ୍ଥାନୀୟ ସମୟ ଅନୁଯାୟୀ ରାତି ୧ଟା ୩୦ ମିନିଟରେ ଏହି ବିସ୍ଫୋରଣ ଘଟିଥିଲା । ଏହି ସମୟରେ ବାରରେ ନବବର୍ଷ ଉତ୍ସବ ଚାଲିଥିଲା ଏବଂ ପ୍ରାୟ ୨ ଶହ ଲୋକ ଉପସ୍ଥିତ ଥିଲେ । ଦୁର୍ଘଟଣା ସମୟର ଅନେକ ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି । ନୂଆବର୍ଷ ସେଲିବ୍ରେସନ ପାଇଁ ବାର୍ ଭିତରେ ଆତସବାଜି ସୋ' କରାଯାଇଥିଲା । ପାଇରୋଟେକନିକ୍ ଆତସବାଜି ବେଳେ ଏହା ବାରର ଛାତରେ ଥିବା ସାଉଣ୍ଡପ୍ରୁଫିଂ କାଠ ସହ ଲାଗି ଅଗ୍ନିକାଣ୍ଡ ଘଟିଥିଲା । ପରେ ପୂରା ବାରକୁ ବ୍ୟାପି ଯାଇଥିଲା ନିଆଁ । ଭିତରେ ଥିବା ଗ୍ୟାସ୍ ଓ ଆଲକୋହଲରେ ନିଆଁ ଲାଗି ଗୋଟିଏ ପରେ ଗୋଟିଏ ବିସ୍ଫୋରଣ ଘଟିଥିଲା । ଲୋକମାନେ ମାତ୍ରାଧିକ ନିଶାରେ ଥିବାରୁ ବାହାରକୁ ଯାଇପାରିନଥିଲେ । ଫଳରେ ଅନେକ ଲୋକ ସେଠାରେ ହିଁ ଜିଅନ୍ତା ଜଳି ଯାଇଥିଲେ । ବିସ୍ଫୋରଣ ପରେ ବାରୁ ଭୀଷଣ ଧୂଆଁ ଉଠୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି । ନବବର୍ଷ ଉତ୍ସବ ଯୋଗୁ ରାତିରେ ବହୁତ ଭିଡ଼ ଥିଲା । କ୍ରାନ୍ସ-ମୋଣ୍ଟାନା ଜିଲ୍ଲାରେ ଅବସ୍ଥିତ ସ୍କି ରିଜର୍ଟ ବ୍ରିଟିସ୍ ଓ ଅନ୍ୟ ୟୁରୋପୀୟ ପର୍ଯ୍ୟଟକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ । ଏଠାରେ ସ୍କିଇଙ୍ଗ୍, ସ୍ନୋ ବୋର୍ଡିଂ ଓ ଗଲ୍ଫ କ୍ରୀଡ଼ା ଭଳି ବ୍ୟବସ୍ଥା ରହିଛି । ଜାନୁଆରି ଶେଷରେ ଏଠାରେ ଏଫ୍ଆଇଏସ୍ ବିଶ୍ୱକପ୍ ସ୍ପିଡ୍ ସ୍କିଇଙ୍ଗ୍ ଇଭେଣ୍ଟ୍ ହେବାର ଯୋଜନା ରହିଛି । ଏହି ବିସ୍ଫୋରଣ ନବବର୍ଷ ଉତ୍ସବକୁ ଅତ୍ୟନ୍ତ ଦୁଃଖଦ କରିଛି । ମୃତାହତଙ୍କ ପରିବାର ପ୍ରତି ସୁଇସ୍ କର୍ତ୍ତୃପକ୍ଷ ଗଭୀର ସମବେଦନା ଜଣାଇଛନ୍ତି ।

# ରାହୁଲ ନୁହଁନ୍ତି ଇଭିଏମ୍ ଉପରେ ଭରସା କରନ୍ତି ଲୋକେ

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (EVM) ଉପରେ ଦୃଢ଼ ବିଶ୍ୱାସ ପ୍ରକାଶ କଲେ ଜନସାଧାରଣ ।୨୦୨୪ରେ ହୋଇଥିବା ଲୋକସଭା ନିର୍ବାଚନ ପାଇଁ କର୍ଣ୍ଣାଟକର କଂଗ୍ରେସ ସରକାର ଦ୍ୱାରା କରାଯାଇଥିବା ଏକ ସର୍ଭେରୁ ଏହା ସ୍ପଷ୍ଟ ହୋଇଛି । ସର୍ଭେ ଫଳାଫଳ ରାହୁଲ ଗାନ୍ଧୀଙ୍କୁ କଡ଼ା ଜବାବ ଦେଇଛି । ଭାରତୀୟ ଜନତା ପାର୍ଟି (BJP) ଉପରେ ଭୋଟତ ଚୋରି କରୁଥିବାର ଅଭିଯୋଗ କରିଆସୁଥିଲେ ରାହୁଲ । ଇଭିଏମରେ ହେରଫେର କରି ବିଜେପି କ୍ଷମତାକୁ ଆସୁଥିବା ଦାବି କରିଥିଲେ କଂଗ୍ରେସ ନେତା । ଏବେ ଲୋକେ ଋଠଗ ଉପରେ ଭରସା କରୁଛନ୍ତି କି ନାହିଁ ସେନେଇ ସର୍ଭେ କରାଯାଇଛି । ଏହି ସର୍ଭେରେ, ୮୩.୬୧% ଲୋକ କହିଛନ୍ତି ଯେ, ସେମାନେ EVMକୁ ନିର୍ଭରଯୋଗ୍ୟ ବୋଲି ଭାବନ୍ତି । ଏହା ସହ ୬୯.୩୯% ଲୋକ ସହମତ ହୋଇଛନ୍ତି ଯେ, EVM ମେସିନଗୁଡ଼ିକ ସଠିକ ନିର୍ବାଚନ ଫଳାଫଳ ପ୍ରଦାନ କରେ । ବାକି ୧୪.୨୨% ଲୋକ EVM କୁ ବିଶ୍ୱାସ



କରୁଥିବା କହିଛନ୍ତି । ଏହି ସର୍ଭେରେ ବେଙ୍ଗାଲୁରୁ, ବେଲଗାବି, କଲବୁର୍ଗୀ ଏବଂ ମହୀସୁରୁ ପ୍ରଶାସନିକ ବିଭାଗର ୧୦୨ବିଧାନସଭା ନିର୍ବାଚନମଣ୍ଡଳୀର ୫,୧୦୦ ଜଣ ଲୋକ ନିଜ ମତ ରଖିଥିଲେ । କର୍ଣ୍ଣାଟକର କଂଗ୍ରେସ ସରକାର ମୁଖ୍ୟ ନିର୍ବାଚନ ଅଧିକାରୀ ଭି. ଅମ୍ବୁକୁମାରଙ୍କ ମାଧ୍ୟମରେ ଏହି ସର୍ଭେ କରିଥିଲେ । ଏହି ସର୍ଭେର ଫଳାଫଳ ଉପରେ ପ୍ରତିକ୍ରିୟା ଦେଇ କର୍ଣ୍ଣାଟକ ବିଧାନସଭାର ବିରୋଧୀ ଦଳ ନେତା ଆର. ଅଶୋକ ଢରେ ପୋଷ୍ଟ କରିଛନ୍ତି ଯେ, ବର୍ଷ ବର୍ଷ ଧରି, ରାହୁଲ ଗାନ୍ଧୀ ସାରା ଦେଶରେ ଭ୍ରମଣ କରି ସମାନ କାହାଣୀ କହୁଛନ୍ତି । ଭାରତର ଗଣତନ୍ତ୍ର ବିପଦରେ ଅଛି, EVM ଉପରେ ବିଶ୍ୱାସ କରାଯାଇପାରିବ ନାହିଁ, ଏବଂ ଆମର ସଂସ୍ଥାଗୁଡ଼ିକ ବିଶ୍ୱସନୀୟ ନୁହେଁ । କିନ୍ତୁ କର୍ଣ୍ଣାଟକ ଏକ ସମ୍ପୂର୍ଣ୍ଣ ଭିନ୍ନ କାହାଣୀ କହୁଛି । କର୍ଣ୍ଣାଟକରେ କଂଗ୍ରେସ ସରକାର ଦ୍ୱାରା କରାଯାଇଥିବା ରାଜ୍ୟସ୍ତରୀୟ ସର୍ଭେ ଦର୍ଶାଉଛି ଯେ, ଲୋକମାନେ ନିର୍ବାଚନ ଉପରେ ବିଶ୍ୱାସ କରନ୍ତି, EVM ଉପରେ ବିଶ୍ୱାସ କରନ୍ତି ଏବଂ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟା ଉପରେ ବିଶ୍ୱାସ କରନ୍ତି । ଏହି ରିପୋର୍ଟ କଂଗ୍ରେସ ଏବଂ ରାହୁଲ ଗାନ୍ଧୀଙ୍କ ମୁହଁରେ ଏକ ଚାପୁଡ଼ା ।

## ବଲୁଚିସ୍ତାନରୁ ଜୟଶଙ୍କରଙ୍କୁ ଚିଠି

**ନୂଆଦିଲ୍ଲୀ,୨।୧(ଏଜେନ୍ସି):**ପାକିସ୍ତାନରେ ନିର୍ଯାତିତ ବଲୋଚ୍ ନେତା ମୀର ୟାର ବାଲୁଚ୍ ଭାରତୀୟ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ଏକ ଲମ୍ବା ଚିଠି ପଠାଇଛନ୍ତି । ଏହି ଚିଠିରେ ପାକିସ୍ତାନର କାପୁରୁଷୋଚିତ କାର୍ଯ୍ୟର ପର୍ଦ୍ଦାଫାସ କରାଯାଇଛି ଏବଂ ଚୀନ୍ ସହିତ ମିଳିତ ଭାବରେ ପାକିସ୍ତାନ କରୁଥିବା ଭାରତ ବିରୋଧୀ ଏକ ଗୁପ୍ତ ଷଡ଼ଯନ୍ତ୍ରର ବିବରଣୀ ଦିଆଯାଇଛି । ଏହି ଚିଠିରେ, ବଲୋଚ୍ ନେତା ଖୋଲାଖୋଲି ଭାବରେ ଭାରତକୁ ସମର୍ଥନ କରନ୍ତି ଏବଂ ପାକିସ୍ତାନକୁ ପରାସ୍ତ କରିବାକୁ ଆହ୍ୱାନ କରନ୍ତି । ଚିଠିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନାମ ନେଇ ସାହାଯ୍ୟ ପାଇଁ ମଧ୍ୟ ଆବେଦନ କରାଯାଇଛି । ୧ ଜାନୁଆରୀ, ୨୦୨୬ ରେ, ମୀର ୟାର ବାଲୁଚ୍ ସାମାଜିକ ଗଣମାଧ୍ୟମରେ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ସମ୍ବୋଧିତ ଏକ ଚିଠି ସେୟାର କରିଥିଲେ । ଏହିଚିଠିରେ, ମୀର ୟାର ବାଲୁଚ୍ ବଲୋଚ୍ ସଂଗଠନ, ବଲୁଚିସ୍ତାନ ଗଣରାଜ୍ୟ ପକ୍ଷରୁ ଭାରତକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରିଥିଲେ ଏବଂ ଭାରତ ସହିତ ସମ୍ପର୍କ ମଜବୁତ କରିବାକୁ ଅନୁରୋଧ କରିଥିଲେ ।ଚିଠିରେ, ସେ ପ୍ରକାଶ କରିଥିଲେ ଯେ ପାକିସ୍ତାନ ଏବଂ ଚୀନ୍ ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର ମାଧ୍ୟମରେ ଭାରତ ବିରୁଦ୍ଧରେ ଷଡ଼ଯନ୍ତ୍ର କରୁଛନ୍ତି ।ଏହା ବଲୋଚ୍ ଲୋକଙ୍କ ସହିତ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିପଦ ସୃଷ୍ଟି କରୁଛି । ସେ ଭୟ କରୁଛନ୍ତି ଯେ ଭବିଷ୍ୟତରେ ଚୀନ୍ ସାମରିକ ବାହିନୀକୁ ସିଧାସଳଖ ବଲୁଚିସ୍ତାନରେ ନିୟୋଜିତ କରାଯାଇପାରେ ।

# ବନ୍ଦ ହୋଇଯିବ ୫୦୦ ଟଙ୍କିଆ ନୋଟ୍ !

**ନୂଆଦିଲ୍ଲୀ,୨।୧(ଏଜେନ୍ସି):**ସମ୍ପ୍ରତି, ୫୦୦ ଟଙ୍କିଆ ନୋଟ୍ ସମ୍ପର୍କରେ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ପ୍ରସାରିତ ଏକ ଦାବି ଦୃଷ୍ଟି ଆକର୍ଷଣ କରିଛି। ଦାବି ଅନୁଯାୟୀ, ଭାରତୀୟ ରିଜର୍ଭ ବ୍ୟାଙ୍କ ମାର୍ଚ୍ଚ ୨୦୨୬ ସୁଦ୍ଧା ଏଟିଏମ୍ ରୁ ୫୦୦ ନୋଟ୍ ହଟାଇବାକୁ ଯାଉଛି । ଏହି ଦାବି ଫେସବୁକ୍ ଏବଂ ଟ୍ୱିଟର୍ ଭଳି ଅନେକ ପ୍ଲାଟଫର୍ମରେ ଭାଇରାଲ ହୋଇଥିଲା, ଯେଉଁଥିରେ ଦାବି କରାଯାଇଥିଲା ଯେ ୫୦୦ ଟଙ୍କିଆ ନୋଟ୍ ଖୁବ୍ ଶୀଘ୍ର ଅଦୃଶ୍ୟ ହୋଇଯିବ। ତଥାପି, ଚଓଇ ଫ୍ୟାକ୍ଟ ଚେକ୍ ଏହି ଦାବିକୁ ସ୍ପଷ୍ଟ ଭାବରେ ଖଣ୍ଡନ କରିଛି । ସରକାରଙ୍କ ସରକାରୀ ଫ୍ୟାକ୍ଟ-ଚେକିଂ ଶାଖା କହିଛି ଯେ ଏପରି ଖବର ଭ୍ରାମକ ଏବଂ ବାସ୍ତବତା ଉପରେ ଆଧାରିତ ନୁହେଁ ।



ଏହାର ଅର୍ଥ ହେଉଛି ଯେ ମାର୍ଚ୍ଚ ୨୦୨୬ ସୁଦ୍ଧା RBI ୫୦୦ ଟଙ୍କାର ନୋଟ୍ ବିମୁଦ୍ରୀକରଣ ପାଇଁ କୌଣସି ଯୋଜନା ଘୋଷଣା କରିନାହିଁ । ସୋସିଆଲ୍ ମିଡିଆ ବ୍ୟବହାରକାରୀମାନେ ଦାବି କରିଥିଲେ ଯେ ମାର୍ଚ୍ଚ ୨୦୨୬ ପରେ RBI ଏଟିଏମ୍ ରୁ ୫୦୦ ଟଙ୍କାର ନୋଟ୍ ସମ୍ପୂର୍ଣ୍ଣ ଭାବରେ ହଟାଇଦେବ ଏବଂ ଏହି ନୋଟଗୁଡ଼ିକ ଆଉ ବ୍ୟାଙ୍କିଂ ସିଷ୍ଟମରେ ବୈଧ ରହିବ ନାହିଁ । ଏହି ଦାବି ଶୀଘ୍ର ସେୟାର ହେବା ଆରମ୍ଭ ହେଲା, ଯାହା ଅନେକଙ୍କ ମଧ୍ୟରେ ଚିନ୍ତା ଏବଂ ଦ୍ୱନ୍ଦ୍ୱ ସୃଷ୍ଟି କଲା । PIB ଫ୍ୟାକ୍ଟ ଚେକ୍ ତୁରନ୍ତ ଏହି ଦାବିକୁ ଖାରଜ କରିଦେଇଛି ଏବଂ ସ୍ପଷ୍ଟ ଭାବରେ କହିଛି ଯେ ଏହାର କୌଣସି ସରକାରୀ ଆଧାର ନାହିଁ । ସେମାନେ କହିଛନ୍ତି ଯେ RBI ଦ୍ୱାରା ଏପର୍ଯ୍ୟନ୍ତ ନୋଟ୍ ବିମୁଦ୍ରୀକରଣ କିମ୍ବା ବୈଧୀକରଣ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ । ଏହା ସ୍ପଷ୍ଟ ଭାବରେ ସୂଚିତ କରେ ଯେ ୫୦୦ ଟଙ୍କିଆ ନୋଟ୍ ବିଷୟରେ ପ୍ରସାରିତ ଖବର ମିଥ୍ୟା ଏବଂ ଗୁଜବ ଉପରେ ଆଧାରିତ ।

# ଫେବୃଆରୀ ୧ରୁ ମହଙ୍ଗା ହେବ ସିଗାରେଟ୍

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ନୂତନ ବର୍ଷ ଆରମ୍ଭ ହେବା ସହିତ, ତମାଖୁ ଧୂମପାନକାରୀଙ୍କ ପାଇଁ ଏକ ଖବର ଆସିଛି ଯାହାର ସିଧାସଳଖ ପ୍ରଭାବ ସେମାନଙ୍କ ପକେଟ ଉପରେ ପଡ଼ିବ। ପ୍ରତିଦିନର ଅଭ୍ୟାସ ଭାବରେ ପରିଚିତ ସିଗାରେଟ୍ ଆଉ ପୂର୍ବ ପରି ଶସ୍ତା ହେବ ନାହିଁ। ଫେବୃଆରୀ ୧, ୨୦୨୬ ରେ ନୂତନ ଟିକସ ନିୟମ ଲାଗୁ ହେବାକୁ ଯାଉଥିବାରୁ, ପ୍ରତ୍ୟେକ ପଫ୍ ର ମୂଲ୍ୟ ବୃଦ୍ଧି ପାଇବ । ପ୍ରଶ୍ନ କେବଳ ସିଗାରେଟ୍ କେତେ ମହଙ୍ଗା ହେବ ତାହା ନୁହେଁ, ବରଂ ୨୦ ଟଙ୍କାର ସିଗାରେଟ୍ କେତେ



ହେବ ତାହା ମଧ୍ୟ ପ୍ରଶ୍ନ ସୃଷ୍ଟି କରିଛି। କେନ୍ଦ୍ର ସରକାର ସିଗାରେଟ୍, ଗୁଟଖା ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଉପରେ ଉତ୍ପାଦ ଶୁଳ୍କ ବୃଦ୍ଧି କରିବା ପାଇଁ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ନୂତନ ଟିକସ ବ୍ୟବସ୍ଥା ୧ ଫେବୃଆରୀ, ୨୦୨୬ ରୁ ସାରା ଦେଶରେ କାର୍ଯ୍ୟକାରୀ ହେବ । ସରକାର ଯୁକ୍ତି ଦେଉଛନ୍ତି ଯେ ତମାଖୁ ସମ୍ବନ୍ଧୀୟ ରୋଗର ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ବଜେଟ୍ ଉପରେ ଚାପ ନିରନ୍ତର ବୃଦ୍ଧି ପାଉଛି, ଯେତେବେଳେ ଟିକସ ଫାଙ୍କି ରୋକିବା ପାଇଁ ଟିକସ ଢାଞ୍ଚାରେ ପରିବର୍ତ୍ତନ ମଧ୍ୟ ଜରୁରୀ ହୋଇପଡ଼ିଛି। ନୂତନ ନିୟମ ଅନୁଯାୟୀ, ସିଗାରେଟ୍ ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ ହେବ । ଏହି ଶୁଳ୍କ ପୂର୍ବରୁ କାର୍ଯ୍ୟକାରୀ ହେଉଥିବା ୪୦ ପ୍ରତିଶତ GST ସହିତ ଅତିରିକ୍ତ ହେବ । ଅର୍ଥ ମନ୍ତ୍ରଣାଳୟ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ଆଇନରେ ସଂଶୋଧନ କରି ସିଗାରେଟର ଲମ୍ବ ଉପରେ ନିର୍ଭର କରି ପ୍ରତି ୧୦୦୦ ସିଗାରେଟ୍ ପାଇଁ ୨୦୫୦ ଟଙ୍କାରୁ ୮୫୦୦ ଟଙ୍କା ପର୍ଯ୍ୟନ୍ତ ଉତ୍ପାଦ ଶୁଳ୍କ ସ୍ଥିର କରିଛି । ଏହା ପ୍ରତ୍ୟେକ ସିଗାରେଟର ଖୁଚୁରା ମୂଲ୍ୟକୁ ସିଧାସଳଖ ପ୍ରଭାବିତ କରିବ । ସରକାର ଏହି ଟିକସକୁ ସିଗାରେଟର ଲମ୍ବ ଏବଂ ବର୍ଗ ସହିତ ଯୋଡ଼ିଛନ୍ତି । ୬୫ ମିଲିମିଟର ଲମ୍ବ ପର୍ଯ୍ୟନ୍ତ ଛୋଟ ଅଣ-ଫିଲ୍ଟର ସିଗାରେଟ ପାଇଁ ପ୍ରତି କାଠି ପାଇଁ ପ୍ରାୟ ୨.୦୫ ଟଙ୍କା ଅତିରିକ୍ତ ଟିକସ ଦେବାକୁ ପଡିବ । ସମାନ ଲମ୍ବ ବିଶିଷ୍ଟ ଫିଲ୍ଟର ସିଗାରେଟ ପାଇଁ ପ୍ରତି କାଠି ପାଇଁ ପ୍ରାୟ ୨.୧୦ ବୃଦ୍ଧି ପାଇବ ।

# କାଶ୍ମୀର ଜାତୀୟ ରାଜପଥରେ ବଡ ଧରଣର ଭୂସ୍ଖଳନ, ଯାତାୟାତ ଠପ୍

**ନୂଆଦିଲ୍ଲୀ,୨।୧(ଏଜେନ୍ସି):**ଆଜି କାଶ୍ମୀରର ଉରି ଠାରେ ଘଟିଛି ବଡ ଅଘଟଣ । ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲେ ଲୋକେ । ମିଳିଥିବା ସୂଚନାନୁଯାୟୀ, ଆଜି ଅପରାହ୍ନରେ କାଶ୍ମୀରର ଶ୍ରୀନଗର-ବାରାମୁଲା ଜାତୀୟ ରାଜପଥରେ ଅଚାନକ ପାହାଡ ଉପରୁ ପଥର ଖସିବା ପରେ ସେଠାରେ ଆତଙ୍କ ଖେଳିଯାଇଥିଲା । ଉପରୁ ପାହାଡ ଖସିବା ଦେଖି ସେଠାରେ ଉପସ୍ଥିତ ଥିବା ଲୋକେ ଭୟରେ ଏଣେ ତେଣେ ଦୌଡିଥିଲେ। ଯାହାର ଏକ ଭିଡିଓ ସୋସିଆଲ ମିଡିଆରେ



ଭାଇରାଲ ମଧ୍ୟ ହୋଇଛି । ଯେଉଁଥିରେ ଦେଖାଯାଇଛି ଯେ କିପରି ଭୂସ୍ଖଳନ ଯୋଗୁଁ ପାହାଡ ଉପରୁ ପଥର ଖସି ରାସ୍ତା ଜାମ ହୋଇଯାଇଥିଲା । ଆଉ ଶ୍ରୀନଗର-ବାରାମୁଲା ଜାତୀୟ ରାଜପଥ ନିକଟରେ ଥିବା ଇକୋ ପାର୍କ ସ୍ଥାନରେ ଯାତାୟାତ ପୁରାପୁରି ଠପ୍ ହୋଇଯାଇଥିଲା । କାଶ୍ମୀରରେ ହୋଇଥିବା ଭୂସ୍ଖଳନ ଯୋଗୁଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ତେବେ ଘଟଣାସ୍ଥଳରେ ଥିବା ଲୋକଙ୍କ କେଣସି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି । କିନ୍ତୁ ଭୂସ୍ଖଳନ ଯୋଗୁଁ ଏବେ ବି ଲୋକଙ୍କ ମଧ୍ୟରେ ଭୟର ବାତାବରଣ ରହିଥିବା ସୂଚନା ମିଳିଛି । କାରଣ ଏବେ ବି ପାହାଡ ଉପରୁ ପଥର ଖଣ୍ଡ ଖସୁଥିବା ନେଇ ସୂଚନା ମିଳୁଛି । କାରଣ ସେଠାରେ ପ୍ରବଳ ମାତ୍ରାରେ ତୁଷାରପାତ ହେଉଥିବାରୁ କାଶ୍ମୀରକୁ ଜାମ୍ମୁ ସହ ସଂଯୋଗ କରୁଥିବା ମୁଗଲରୋଡ ଓ ସିଂଥନ ଟାଁପ ରୋଡ ବନ୍ଦ ହୋଇପଡିଛି । ଟ୍ରାଫିକ ପୋଲିସଙ୍କ କହିବାନୁଯାୟୀ, ପ୍ରବଳ ତୁଷାରପାତ ଯୋଗୁଁ ମୁଗଲରୋଡ ଓ ସିଂଥନ ଟାଁପ ରୋଡକୁ ବନ୍ଦ କରାଯାଇଛି । ସେପଟେ ଲୋକଙ୍କୁ ସତର୍କ ସୂଚନା ଦିଆଯାଇ କୁହାଯାଇଛି ଯେ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ରୂପେ ଠିକ୍ ନ ହୋଇଛି ସେ ଯାଏଁ ଗାଡି ଚଳାଚଳ ବନ୍ଦ ରହିବ । ତୁଷାରପାତ କମିଲେ ଯାତାୟାତ ପାଇଁ ରାସ୍ତାଗୁଡିକୁ ଖୋଲାଯିବ ।

# ଡବଲ ଇଞ୍ଜିନକୁ ରାହୁଲଙ୍କ କଡ଼ା ସମାଲୋଚନା

**ନୂଆଦିଲ୍ଲୀ,୨।୧(ଏଜେନ୍ସି):**ମଧ୍ୟପ୍ରଦେଶରର ଇନ୍ଦୋରରେ ବିଷାକ୍ତ ପାଣି ପାଇଁ ୧୫ ଜଣଙ୍କ ଜୀବନ ଯାଇଥିବାବେଳେ ୧୪ଶହରୁ ଅଧିକ ଲୋକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ତେବେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ହେଉଥିବାବେଳେ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ରାହୁଲ ସୋସିଆଲ ମିଡିଆ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରି ସମାଲୋଚନା କରିଛନ୍ତି । ସେ ପ୍ରଶାସନ, ସରକାର ଏବଂ ନେତାଙ୍କୁ ଦୋଷ ଦେଇଛନ୍ତି । ଏଭଳି ଏକ ଦୁଃଖଦ ସମୟରେ ବିଜେପି ନେତା ଅହଂକାରୀ ବୟାନ ଦେଉଛନ୍ତି ବୋଲି ମଧ୍ୟ ସେ କହିଛନ୍ତି। ରାହୁଲ ନିଜର ପୋଷ୍ଟରେ ଅନେକ ପ୍ରଶ୍ନ ମଧ୍ୟ କରିଛନ୍ତି, ସେ ପଚାରିଛନ୍ତି ପାନୀୟ ଜଳରେ କେମିତି ମିଳିଲା ନର୍ଦ୍ଦମା ପାଣି ? କାହିଁକି ସଠିକ୍ ସମୟରେ ଯୋଗାଣ ବନ୍ଦ କରାଗଲା ନାହିଁ ? ଏହି ଘଟଣାରେ ଦାୟୀ ଅଧିକାରୀ ଏବଂ ନେତାଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ? ରାହୁଲ ନିଜର ପୋଷ୍ଟରେ କଡ଼ା ପ୍ରଶ୍ନ କରିଥିବାବେଳେ ଡବଲ ଇଞ୍ଜିନ ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି । କହିଛନ୍ତି କି, ମଧ୍ୟପ୍ରଦେଶରେ ଏବେ ଅରାଜକତା ବଢ଼ିବାରେ ଲାଗିଛି । କେତେବେଳେ କଫସିରପ୍ ପାଇଁ ମୃତ୍ୟୁ ହେଉଛି ତ ଆଉ କେତେବେଳେ ମେଡିକାଲରେ ଅକାରଣରେ ଜୀବନ ଯାଉଛି । ସବୁଥର ଭଳି ଏଥର ମଧ୍ୟ ସରକାର କାହିଁକି ଚୁପ୍ ବସିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ସେପଟେ ରାହୁଲଙ୍କ ସହ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି । ୧୧ ବର୍ଷ ଧରି ସରକାର ଖାଲି ବାଃ ବାଃ ନେଉଛନ୍ତି । ସେପଟେ ମନ୍ତ୍ରୀଙ୍କୁ ସାମ୍ବାଦିକ ପ୍ରଶ୍ନ କରୁଥିବାବେଳେ ସେ ଅଶାଳୀନ ଭାଷା ପ୍ରୟୋଗ କରୁଛନ୍ତି । ଜଳ ଜୀବନ ଯୋଜନାରେ ଅନେକ ଘୋଟାଲା ହୋଇଥିବା ମଧ୍ୟ ସେ ଲେଖିଛନ୍ତି । ତେବେ ଇନ୍ଦୋରରେ ବିଷାକ୍ତ ପାଣି ପାଇଁ ୧୫ ଜୀବନ ଯାଇଥିବାବେଳେ ଏବେ ଅନେକ ଆକ୍ରାନ୍ତ ମେଡିକାଲରେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତିୟ। ଯାହାକୁ ନେଇ ବିରୋଧୀମାନେ ସରକାରଙ୍କୁ ଟାର୍ଗେଟ କରୁଛି । ଅନ୍ୟପଟେ ସରକାରଙ୍କ ପକ୍ଷରୁ କୁହାଯାଇଛି କି, ବିରୋଧୀମାନେ ଅଯଥା ଯୁକ୍ତି କରୁଛନ୍ତି ।

# ଆମକୁ ଖରାପ ପଡୋଶୀ ମିଳିଛନ୍ତି

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ଆମକୁ ଖରାପ ପଡୋଶୀ ମିଳିଛନ୍ତି। ଏଭଳି କହି ପାକିସ୍ତାନକୁ ଟାର୍ଗେଟ କଲେ ଭାରତର ବେଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର । ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ପାକିସ୍ତାନକୁ, ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଏକ ଖରାପ ପଡ଼ୋଶୀ ବୋଲି କହି ସ୍ପଷ୍ଟ କରିଛନ୍ତି ଯେ, ଭାରତକୁ ନିଜ ସୁରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି । ଆଇଆଇଟି ମାଡ୍ରାସରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଜୟଶଙ୍କର ଏଭଳି କହିଛନ୍ତି । ତାଙ୍କ କହିବା ମୁତାବକ, ଭାରତ ତାର ସୁରକ୍ଷା ଏବଂ ଜାତୀୟ ସ୍ୱାର୍ଥକୁ ରକ୍ଷା କରିବ ଏବଂ ଆତଙ୍କବାଦର ମୁକାବିଲା କରିବା ପାଇଁ କୌଣସି ବାହ୍ୟ ଚାପ କିମ୍ବା ପରାମର୍ଶ ଗ୍ରହଣ କରିବ ନାହିଁ। ଯେତେବେଳେ ଏକ ପଡ଼ୋଶୀ ଦେଶ ନିରନ୍ତର ଆତଙ୍କବାଦକୁ ପ୍ରୋତ୍ସାହିତ କରେ, ସେତେବେଳେ ନିଜ ଲୋକଙ୍କୁ ସୁରକ୍ଷା ଦେବାର ସମ୍ପୂର୍ଣ୍ଣ ଅଧିକାର ଭାରତର ଅଛି । ଆମେ ଯାହା ଆବଶ୍ୟକ ତାହା କରିବୁ । ଆମ ଦେଶରେ ଆତଙ୍କବାଦ ପ୍ରସାର କରି ଆମ ସହିତ ପାଣି ବାଣ୍ଟିବାର ଆଶା ତୁମେ ରଖିପାରିବ ନାହିଁ। ଆତଙ୍କବାଦ ପ୍ରତି ଭାରତର ପ୍ରତିକ୍ରିୟା କ'ଣ ହେବ, ତାହା କେବଳ ଭାରତ ସ୍ଥିର କରିବ । ଆମେ ଆମର ଅଧିକାର କିପରି ବ୍ୟବହାର କରିବୁ ସେ ନିଷ୍ପତ୍ତି ଆମର ହେବ । ଆମେ କ'ଣ କରିବା ଉଚିତ କିମ୍ବା ନ କରିବା ଉଚିତ ତାହା କେହି କହିପାରିବେ ନାହିଁ । ଆମର ସୁରକ୍ଷା ପାଇଁ ଯାହା ଆବଶ୍ୟକ ତାହା ଆମେ କରିବୁ । ପାକିସ୍ତାନର ନାମ ନନେଇ ଏସ. ଜୟଶଙ୍କର କହିଛନ୍ତି ଯେ, ଅନେକ ଦେଶକୁ ନିଜ ଖରାପ ପଡ଼ୋଶୀଙ୍କ ସାମ୍ନା କରିବାକୁ ପଡୁଛି । କିନ୍ତୁ ଭାରତର ପରିସ୍ଥିତି ଅଧିକ ଗମ୍ଭୀର କାରଣ ଭାରତର ପଡୋଶୀ ଦେଶ ଆତଙ୍କବାଦକୁ ରାଷ୍ଟ୍ର ନୀତି ଭାବରେ ବ୍ୟବହାର କରୁଛି । ଯଦି କୌଣସି ଦେଶ ଜାଣିଶୁଣି ଏବଂ ନିରନ୍ତର ଭାବରେ ଆତଙ୍କବାଦକୁ ପ୍ରୋତ୍ସାହିତ କରେ, ତେବେ ଆମର ଆମର ଲୋକଙ୍କୁ ସୁରକ୍ଷା ପାଇଁ କିଛି ବି କରିପାରିବୁ ।

# ଅସମ୍ଭାଳ ଜାଡ଼ରେ ଥରୁଛି ଉତ୍ତର ଭାରତ

**ନୂଆଦିଲ୍ଲୀ,୨।୧(ଏଜେନ୍ସି):** ନବବର୍ଷର ପ୍ରଥମ ଦିନରେ ଉତ୍ତରଭାରତର ଅଧିକାଂଶ ଅଂଚଳରେ ଭୀଷଣ ଶୀତ ଲହର ଜାରି ରହିଛି । କାଶ୍ମୀରରେ ପ୍ରବଳ ତୁଷାରପାତ ହୋଇଥିବା ବେଳେ ଦିଲ୍ଲୀ ଛଅ ବର୍ଷର ରେକର୍ଡ ଭାଙ୍ଗି ଡିସେମ୍ବରରେ ସବୁଠାରୁ ଶୀତଳ ଦିନ ଅନୁଭବ କରିଛି । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପୂର୍ବାନୁମାନ କରିଛି ଯେ ଦିଲ୍ଲୀ-ଏନ୍ସିଆର୍, ପଞ୍ଜାବ ଓ ହରିୟାଣାରେ ଶୀତର ପ୍ରକୋପ ଆହୁରି ବଢ଼ିବ। ଉତ୍ତର-ପଶ୍ଚିମ ଭାରତରେ ପୂର୍ବ ଦିଗରୁ ପ୍ରବଳ ବାୟୁ ପ୍ରବାହ ଯୋଗୁଁ ରାଜସ୍ଥାନର ଉତ୍ତର-ପଶ୍ଚିମରେ ମେଘୁଆ ପାଗ ଏବଂ ବଜ୍ରପାତ ହେବା ସମ୍ଭାବନା ରହିଛି। ଏହା ଦିଲ୍ଲୀ-ଏନ୍ସିଆର୍, ହରିୟାଣା ଓ ପଞ୍ଜାବକୁ ପ୍ରଭାବିତ କରିବ । ଜାନୁଆରି ୩ରୁ ହିମାଳୟରୁ ଆସିବାକୁ ଥିବା ଅଧିକ ଥଣ୍ଡା ବାୟୁ ଯୋଗୁଁ ଦିଲ୍ଲୀର ସର୍ବନିମ୍ନ ତାପମାତ୍ରା ଆହୁରି ଖସିବ । ଡିସେମ୍ବର ୩୧ରେ ଦିଲ୍ଲୀର ସର୍ବାଧିକ ତାପମାତ୍ରା ୧୪.୨ ଡିଗ୍ରି ସେଲ୍ସିୟସ୍ ରହିଥିଲା, ଯାହା ଛଅ ବର୍ଷରେ ସର୍ବନିମ୍ନ। ଏହା ପୂର୍ବରୁ ଡିସେମ୍ବର ୩୧, ୨୦୧୯ରେ ସର୍ବାଧିକ ତାପମାତ୍ରା ୯.୪ ଡିଗ୍ରି ସେଲ୍ସିୟସ୍ ଥିଲା । ରାଜଧାନୀରେ ଘନ ଧୂଆଁ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଥିବା ବେଳେ ବାୟୁ ଗୁଣବତ୍ତା 'ଅତ୍ୟନ୍ତ ଖରାପ' ରହିଛି। ହିମାଚଳ ପ୍ରଦେଶର କୁଲୁ ଜିଲ୍ଲାର ରୋହତାଙ୍ଗ ପାସ୍, ଲାହୁଲ୍ ଓ ସ୍ପିଟିରେ ହାଲୁକା ତୁଷାରପାତ ହୋଇଛି। ସିମଲା, ମନାଲି, ଧରମଶାଳା, କସୌଲି ଓ ଡାଲହାଉସି ଭଳି ପର୍ଯ୍ୟଟନ ସ୍ଥଳରେ ତୁଷାରପାତ ନହେବାରୁ ପର୍ଯ୍ୟଟକମାନେ ନିରାଶ ହୋଇଛନ୍ତି । ଆଇଏମ୍ଡି ଆଗାମୀ ଦୁଇ ଦିନରେ ହାଲୁକା ତୁଷାରପାତ ଓ ବର୍ଷାର ପୂର୍ବାନୁମାନ କରିଛି। କାଶ୍ମୀରର ଗୁରେଜ୍, ଗୁଲମାର୍ଗ ଓ ସୋନମାର୍ଗରେ ନୂଆ ବରଫ ପଡ଼ିଛି । ଏହା 'ଚିଲ୍ଲାଇ-କଲାନ୍' ଅବଧିରେ ଘଟିଛି, ଯାହା ୪୦ ଦିନର କଠୋର ଶୀତର ସମୟ । ଗୁଲମାର୍ଗର ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରି ସେଲ୍ସିୟସ୍, ଶ୍ରୀନଗରର ୨.୩ ଡିଗ୍ରି ସେଲ୍ସିୟସ୍ ଓ ପାହଲଗାମର -୨ ଡିଗ୍ରି ସେଲ୍ସିୟସ୍ ରହିଛି। ମୁମ୍ବାଇରେ ନବବର୍ଷ ବର୍ଷାରେ ଭିଜିଛି। ଅନେକ ଅଞ୍ଚଳରେ ବର୍ଷା ହୋଇଥିବାରୁ ପ୍ରଦୂଷଣ ସ୍ତର ଯଥେଷ୍ଟ ହ୍ରାସ ପାଇଛି। କୋଲକାତାରେ ଅସ୍ୱାଭାବିକ ଶୀତ ଅନୁଭୂତ ହୋଇଛି ଏବଂ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରି ସେଲ୍ସିୟସରୁ କମ୍ ରହିଛି । ଏହା ଆଗାମୀ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ ବୋଲି ପୂର୍ବାନୁମାନ କରାଯାଇଛି । ଦାର୍ଜିଲିଂରେ ସର୍ବନିମ୍ନ ତାପମାତ୍ରା ୩.୪ ଡିଗ୍ରି ସେଲ୍ସିୟସ୍ ରହିଛି ।



# କଟକ ମାରୱାଡ଼ି ସମାଜ ଓ ଯୁବାମଞ୍ଚ ପକ୍ଷରୁ ନେଚୁରାଲ ଥେରାପି କ୍ୟାମ୍ପ




**କଟକ, ୨।୧ (ନି.ପ୍ର):** କଟକ ମାରୱାଡ଼ି ସମାଜ ଏବଂ ମାରୱାଡ଼ି ଯୁବା ମଞ୍ଚ - କଟକ ବିକାଶର ସଂଯୁକ୍ତ ତତ୍ତ୍ୱାବଧାନରେ ଏକ ୬ ଦିବସୀୟ ନ୍ୟାଚୁରାଲ୍ ଥେରାପି ଟ୍ରିଟମେଣ୍ଟ କ୍ୟାମ୍ପର ଶୁଭ ଆରମ୍ଭ ହୋଇଛି । ଏହି କ୍ୟାମ୍ପ ୨ ଜାନୁଆରୀରୁ ୭ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ମାରୱାଡ଼ି କ୍ଲବର ଯୋଗା ହଲ୍ରେ ଚାଲିବ, ଯେଉଁଥିରେ ପଞ୍ଜୀକରଣ ଏକମାତ୍ର ୫୦ ଟଙ୍କା ଶୁଳ୍କରେ ହେବ । କ୍ୟାମ୍ପର ସମୟ ସକାଳ ୧୦ ଘଟାରୁ ଦନ୍ତକାଳୀନ ୨ ଘଟା ପର୍ଯ୍ୟନ୍ତ ଏବଂ ସନ୍ଧ୍ୟା ୪ ଘଟାରୁ ରାତି ୭ ଘଟା ପର୍ଯ୍ୟନ୍ତ ରହିବ । ଚିକିତ୍ସକ ମାନଙ୍କ ନିର୍ଦ୍ଦେଶନା ରାଜସ୍ଥାନର ହନୁମାନଗଡ଼ରୁ ପଧାରଣ କରିଥିବା ବିଶିଷ୍ଟ ଚିକିତ୍ସକ ଡକ୍ଟର ଦେବ ରାଠୌଡ଼, ଡକ୍ଟର ମହେନ୍ଦ୍ର କୁମାର ଏବଂ ଡକ୍ଟର କୈଲାଶ ସୁରାଣାଙ୍କ ନିର୍ଦ୍ଦେଶନାରେ ସମସ୍ତ ପ୍ରକାରର ରୋଗର ନେଚୁରାଲ୍ ଥେରାପି ଦ୍ୱାରା ଚିକିତ୍ସା କରାଯିବ ।

ଉଦଘାଟନ କ୍ୟାମ୍ପର ଉଦଘାଟନ ଆଜି ସକାଳ ୧୦:୩୦ ଘଟାରେ କଟକ ମାରୱାଡ଼ି ସମାଜର ଅଧ୍ୟକ୍ଷ ସଞ୍ଜୟ ଶର୍ମା, ମାରୱାଡ଼ି ଯୁବା ମଞ୍ଚ କଟକ ବିକାଶର ଅଧ୍ୟକ୍ଷ ଗୋପାଳ କୃଷ୍ଣ ଟିବରୱାଲ୍ ଏବଂ ସମାଜର ଉପାଧ୍ୟକ୍ଷ ଦେବକୀନନ୍ଦନ ଜୋଷୀଙ୍କ ଦ୍ୱାରା ଗଣେଶ ବନ୍ଦନା ଓ ଦୀପ ପ୍ରଜ୍ଜ୍ୱଳନ ସହିତ କରାଯାଇଥିଲା । ଅଶୋକ ଚୌବେ, କିଶନ ଶର୍ମା, ନନ୍ଦକିଶୋର ଜୋଷୀ, ରଶ୍ମି ମିତ୍ତଲ୍, ପିଙ୍କି ମୋଡ଼ା, ମିଶ୍ରୀ ମିତ୍ତଲ୍, ମନୋଜ ଶର୍ମା, ପ୍ରୀତମ ହଲଭାଇ, ରାଜେଶ ଶର୍ମା, ପ୍ରେମ ପାରୀକ୍, ପବନ ଚୌଧରୀ, ଜୋଗେନ୍ଦ୍ର ଅଗ୍ରୱାଲ୍, ରାଜେଶ କମାନୀ ଆଦି ଅନେକ ସଦସ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ ।

କଟକ ମାରୱାଡ଼ି ସମାଜର ଅଧ୍ୟକ୍ଷ ସଞ୍ଜୟ ଶର୍ମା ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରିଛନ୍ତି ଯେ କ୍ୟାମ୍ପର ବିଶେଷତା ଓ ଚିକିତ୍ସା ପ୍ରଣାଳୀର ସୂଚନା ସମାଜର ଅଧିକରୁ ଅଧିକ ଲୋକଙ୍କୁ ପହଞ୍ଚାନ୍ତୁ, ଯାହା ଦ୍ୱାରା ଅଧିକ ସଂଖ୍ୟକ ପୀଡ଼ିତ ସମାଜବନ୍ଧୁ କ୍ୟାମ୍ପରେ ଆସି ଲାଭ ନେବେ୍ୟ ସଞ୍ଜୟଙ୍କ ନେତୃତ୍ୱରେ ସମାଜ ଏଭଳି ସମାଜୋପଯୋଗୀ ଆୟୋଜନ କରି ଆସିଛି ଏବଂ ଭବିଷ୍ୟତରେ ମଧ୍ୟ ଏଭଳି ଆୟୋଜନ ଚାଲୁ ରହିବ ।

# ବର୍ଷ ଆରମ୍ଭରୁ ଅଘଟଣ
## ବଣଭୋଜିରେ ସାମାନ୍ୟ ବଚସାରୁ
# ବିଅର ବୋତଲ ଭାଙ୍ଗି ଯୁବକଙ୍କୁ ହତ୍ୟା

**କାକଟପୁର ୨/୧(ନି.ପ୍ର):** ନୂଆବର୍ଷ ଆରମ୍ଭରୁ କାକଟପୁର ଥାନା ଅଞ୍ଚଳରେ ଘଟିଯାଇଛି । ଏକ ଅଭାବନୀୟ ଘଟଣା, କାକଟପୁର ଥାନା ଅଧିନସ୍ଥ ରାମେଶ୍ୱର ମନ୍ଦିର ନିକଟସ୍ଥ ଜଙ୍ଗଲରେ ନୂଆବର୍ଷ ଦିନ ମୁରୁଡ଼ା ଗ୍ରାମର ପିଣ୍ଟୁ ରାଉତ ତାଙ୍କର ସାଥି ମାନଙ୍କ ସହିତ ଭୋଜି କରିବାକୁ ଆସିଥିବା ସମୟରେ ନୟାହାଟ ନିକଟସ୍ଥ ଧୂମାଳ ଗ୍ରାମର ସୂର୍ଯ୍ୟକାନ୍ତ ମିଶ୍ର ଓରଫ ମୁନୁ ଏବଂ ସିଂଘିପାନିଆ । ଗ୍ରାମର କ୍ଷୀରୋଦ ନାୟକ ଓରଫ ପୁପୁଲୁ ଉକ୍ତ ଭୋଜି ନିକଟରେ ମଦ ପିଉଥିଲେ । ଏହି ସମୟରେ ପିଣ୍ଟୁ ରାଉତ ଏବଂ କ୍ଷୀରୋଦ ନାୟକ ଙ୍କ ମଧ୍ୟରେ ବଚସା ଏବଂ ଧକ୍କାପେଲା ହେବାପରେ କ୍ଷୀରୋଦ ନାୟକ ଉତକ୍ଷିପ୍ତ ହୋଇ ଏକ ବିଅର ବୋତଲ ଭାଙ୍ଗି ପିଣ୍ଟୁ ରାଉତ ଙ୍କ ବେକ ଏବଂ ତଳି ପେଟ ରେ ପୁରାଇ ଦେଇଥିଲେ । ତେବେ ଘଟଣା ସ୍ଥଳରେ ପିଣ୍ଟୁ ଛଟପଟ ହେଉଥିବା ସମୟରେ ତାଙ୍କର ସାଥିମାନେ ପ୍ରଥମେ ଚରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ନେଇଥିଲେ । ତେବେ ଶୁକ୍ରବାର ପିଣ୍ଟୁ ଙ୍କର ଚିକିତ୍ସାଧୀନ ଅବସ୍ଥା ରେ ମୃତ୍ୟୁ ଘଟିବା ପରେ ଘଟଣା ଭିନ୍ନ ମୋଡ଼ ନେଇଛି କ୍ଷ ଅଭିଯୁକ୍ତ କ୍ଷୀରୋଦ ଏବଂ ସୂର୍ଯ୍ୟକାନ୍ତ କୁ କାକଟପୁର ପୋଲିସ ଗିରଫ କରି ପଚରାଉଚରା କରିବା ପରେ ଥାନାରେ ଅଟକ ରଖିଛି । ନୂଆବର୍ଷ ପ୍ରାରମ୍ଭରେ ଏଭଳି ବିଭତ୍ସ ହତ୍ୟାକୁ ନେଇ ଅଞ୍ଚଳ ରେ କୋକୁଆ । ଭୟ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତ ରେ କାକଟପୁର ଥାନାରେ ଏକ ହତ୍ୟା ମାମଲା ରୁଜୁ କରାଯିବା ସହିତ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦଫା ୧୦୩ (୧), ୧୧୨(୨), ୧୧୮ (୧), ୧୧୮(୨), ୩୪ ଧାରାରେ ମାମଲା ଦାୟର କରାଯାଇଛି । ଥାନା କେଶ ନମ୍ବର ୧/୨୦୨୬ । ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବା ସହିତ ଘଟଣା ର ଅଧିକ ତଦନ୍ତ ଚାଲୁ ରହିଛି ବୋଲି ତଦନ୍ତକାରୀ ଅଧିକାରୀ ତଥା ଆଇଆଇସି ବସନ୍ତ କୁମାର ସାହୁ ସୂଚନା ଦେଇଛନ୍ତି ।

# ଅବକାରୀ ବିଭାଗର ଚଢ଼ାଉ : ୩ ଗିରଫ



**ଯୋଡ଼ା, ୨।୧ (ନି.ପ୍ର):** କେନ୍ଦୁଝର ଜିଲ୍ଲା ମୁଖ୍ୟ ଅବକାରୀ ଅଧିକାରୀ ତେଜ ରାଜ ଯାନୀ ଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ । ଉପଖଣ୍ଡ ଅବକାରୀ ନିରୀକ୍ଷକ ଇନ୍ସପେକ୍ଟର ଏଚ.ଜଗା ରାଓ ଙ୍କ ତତ୍ତ୍ୱାବଧାନ ରେ ଯୋଡ଼ା ଅବକାରୀ ଓ.ଆଇ.ସି ସୁଭ୍ରମ ବିଶ୍ୱାଳ, ଏ.ଏସ.ଆଇ ପ୍ରଶାନ୍ତ କୁମାର ପରିଡ଼ା ଏବଂ ସହକର୍ମୀ ଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ସମବାର ଦିନ ବାମୋରୀ ଥାନା ଅନ୍ତର୍ଗତ ବନ୍ଧୁଆବେଡ଼ା, ବାମୋରୀ, ପଳସା , ଜୁରୁଡ଼ି, ପଳସା(କ) ଗ୍ରାମରେ ଅଚାନକ ଚାଉ ହୋଇଥିଲା । ତେବେ ଚଢ଼ାଉ ବେଳେ ୨ ଜଣ ଙ୍କୁ ଦେଶୀ ମଦବିକ୍ରୀ ଏବଂ ଜଣଙ୍କୁ ଚୋରା ମଦ ଚାଲାଣ ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତ ମାନେ ହେଲେ ବାମୋରୀ ଅଞ୍ଚଳର ବିଜୟ ମହାକୁଡ଼(୩୯) ବତୀ ମୁଣ୍ଡା (୩୫) ଏବଂ ଜୁରୁଡ଼ି ଅଞ୍ଚଳର ବିକାଶ ନାଏକ (୨୨) ବୋଲି ଜଣା ପଡିଛି । ଦେଶୀ ମଦ ଏବଂ ନକଲି ମଦ କୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଅବକାରୀ ବିଭାଗ ର ସ୍ପେସିଆଲ ଡ୍ରାଇଭ ଚାଲୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବନ୍ଧୁଆବେଡ଼ା ଅଞ୍ଚଳରେ ଅଭିଯୁକ୍ତ ବିଜୟ (ଓଡ଼ି.୦୯ଇ୫୫୭୨)ରେ ଦେଶୀ ମଦ ଚାଲାଣ କରୁଥିବା ବେଳେ ଗିରଫ କରିବା ସହ ବାଇକ କୁ ଜବତ କରିଥିଲେ । ସେହିପରି ବେଆଇନ ଭାବେ ଦେଶୀ ମଦ ଚାଲାଣ କରୁଥିବା ବେଳେ ବତୀ ମୁଣ୍ଡା ଏବଂ ବିକାଶ ନାଏକ କୁ ବାମୋରୀ ଅଞ୍ଚଳରୁ ଗିରଫ କରିବା ସହ ଚଢ଼ାଉ ବେଳେ ପ୍ରାୟ ୫୦୦କେ.ଜି ମହୁଲି ପଚ ନଷ୍ଟ କରିବା ସହ ୨୫୦ ଲିଟର ମଦ ଜବତ ହୋଇଥିବା ନେଇ ଏଚ.ଜାଗା.ରାଓ ସୂଚନା ଦେଇଛନ୍ତି ।

# ଋଷିକୂଲ ଯୋଗପୀଠ ଦ୍ୱାରା ଯୋଗଶ୍ରୀ ଉପାଧିରେ ବିଭୂଷିତ ହେଲେ ସାଧକ ତାପସ ପତି

**ପାରାଦୀପ, ୨।୧ (ନି.ପ୍ର):** ଭାରତ ସରକାରଙ୍କ ଖୁଦ୍ର , ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଓ କର୍ପୋରେଟ ଅଫେଆର୍ ମନ୍ତ୍ରାଳୟ ଏବଂ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଉତ୍ତରପ୍ରଦେଶ ର ଋଷିକୁଲ୍ ଯୋଗପୀଠ ଦ୍ୱାରା ଯୋଗଶ୍ରୀ ଉପାଧିରେ ବିଭୂଷିତ ହୋଇଛନ୍ତି ଶ୍ରୀଶ୍ରୀ ରବିଶଙ୍କର ଙ୍କ ପ୍ରମୁଖ ଶିଷ୍ୟ ତଥା ବରିଷ୍ଠ ଯୋଗଗୁରୁ, ଜ୍ୟୋତିଷଶାସ୍ତ୍ରୀ ଏବଂ ପ୍ରସିଦ୍ଧ କଥାବାଚକ ପାରାଦୀପ ଅଞ୍ଚଳର ସୁନାମଧନ୍ୟ ପଣ୍ଡିତ ଶ୍ରୀ ତାପସ ରଂଜନ ପତି । ଯୋଗ ,ପ୍ରାକୃତିକ ଚିକିତ୍ସାକୁ ଭାରତରେ ପ୍ରତ୍ୟେକ ରାଜ୍ୟରେ ପହଞ୍ଚାଇବାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି ରିଷିକୁଲ ବିଦ୍ୟାପୀଠ । ମାତ୍ର କିଛି ବର୍ଷ ଭିତରେ ୨୦୦୦ ରୁ ଉର୍ଦ୍ଧ ବ୍ୟକ୍ତିଙ୍କୁ ଯୋଗପାଠ୍ୟକ୍ରମ ଶିକ୍ଷା ଓ ପ୍ରାକୃତିକ ଚିକିତ୍ସା ସହ ୧୦୦ରୁ ଉର୍ଦ୍ଧ କେନ୍ଦ୍ର ପ୍ରତିଷ୍ଠା କରିପାରିଛନ୍ତି ବୋଲି କହିଛନ୍ତି ଏହାର ମୁଖ୍ୟ ସଂସ୍ଥାପକ ଡ଼ଃ. ଡି.ଏନ. ଶୁକ୍ଳ । ଏହି ଋଷିକୁଳ ବିଦ୍ୟାପୀଠ ଦ୍ୱାରା ଭୁବନେଶ୍ୱର ର ଗୀତଗୋବିନ୍ଦ ସଦନ ଠାରେ ଆୟୋଜିତ ଜାତୀୟ ସ୍ତରର ଏକ କାର୍ଯ୍ୟକ୍ରମରେ ଯୋଗଗୁରୁ ପଣ୍ଡିତ ଶ୍ରୀ ତାପସ ପତି ଙ୍କୁ ସମ୍ମାନୀତ କରାଯାଇଥିଲା । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ ଜ୍ୟୋତିଷ ସେବା ,୨୦ ବର୍ଷରୁ ଉର୍ଦ୍ଧ୍ ଯୋଗ ସେବା ଏବଂ ବିଭିନ୍ନ ସାମାଜିକ ସେବା ପାଇଁ କେବଳ ଓଡ଼ିଶାରେ ନୁହେଁ ଓଡ଼ିଶା ବାହାରେ ମଧ୍ୟ ସେ ବେଶ୍ ଜଣା ଶୁଣା ଯଶ୍ରୀଶ୍ରୀ ରବିଶଙ୍କର ଙ୍କ ଆର୍ଟ ଅଫ ଲିଭିଙ୍ଗ ମାଧ୍ୟମରେ ସାଧକ ଶ୍ରୀ ତାପସ ୨୦ ବର୍ଷରୁ ଉର୍ଦ୍ଧ୍ୱ ଯୋଗ ,ଧ୍ୟାନ ଆଦି ଆଧ୍ୟାତ୍ମିକ ସାଧନା ପ୍ରଶିକ୍ଷଣ ଦେଉଛନ୍ତି । ନିଜ ମାତାପିତାଙ୍କ ଆଶୀର୍ବାଦ । ଗୁରୁକୃପା ଯୋଗୁଁ ଏହା ସମ୍ଭବ ହୋଇଛି



ବୋଲି ସେ ସ୍ୱୀକାର କରିବା ସହିତ ତାଙ୍କ ଜୀବନରେ ପାରାଦୀପ ବନ୍ଦର ର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି । ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ତାଙ୍କୁ ଯୋଗ ସେବା ପାଇଁ ସୁଯୋଗ ଦେଇଥିବାରୁ ଶ୍ରୀ ପତି ବନ୍ଦର ଅଧ୍ୟକ୍ଷ ଙ୍କୁ କୃତଜ୍ଞତା ଜଣାଇବା ସହ ବନ୍ଦରର ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ମଧ୍ୟ ସେ ଧନ୍ୟବାଦ୍ ଜଣାଇଛନ୍ତି ।

# ନାବାଳିକା ଦୁଷ୍କର୍ମ ଘଟଣା ଅଭିଯୁକ୍ତ କୋର୍ଟଚାଲାଣ

**ଡେଲାଙ୍ଗ,୨।୧ (ନି.ପ୍ର):** ଡେଲାଙ୍ଗ ଅଂଚଳର ଜଣେ ନାବାଳିକାକୁ ଜଣେ ବିବାହିତ ପୁରୁଷ ଭୁବନେଶ୍ୱରକୁ ନେଇ ଏକ ଭଡାଘରେ ଦୁଷ୍କର୍ମ କରିଥିବା ନାବାଳିକା ଜଣକ ଥାନାରେ ଅଭିଯୋଗ କରିଥିଲେ । ଡେଲାଙ୍ଗ ପୋଲିସ ମାମଲା ରୁଜୁ କରିବାରେ ବିଳମ୍ବ କରିଥିଲେ ସୁଧା ଅଭିଯୋଗ କୁ ଭିତିକରି ଏନେଇ ୪୭୩୨୫ରେ ମାମଲା ରୁଜୁ ହୋଇଥିଲା । ୩ଦିନ ତଳେ ଅଭିଯୁକ୍ତକୁ ପୋଲିସ ଗିରଫ କରିଥିବା ବେଳେ ଆଜି ପୁରୀ ପୋକ୍ସ କୋର୍ଟରେ ହାଜର କରିଥିବା ପୋଲିସ ଠାରୁ ସୁଚନା ମିଳିଛି । ଗିରଫ ଅଭିଯୁକ୍ତ ହେଲେ ନୟାଗଡ ଜିଲ୍ଲା ଇଟାମାଟି ଅଂଚଳ ଆଶୁତୋଷ ମଲ୍ଲିକ ବୋଲି ପୋଲିସ କହିଛି । ମାନ୍ୟବର କୋର୍ଟ ଜାମିନି ନାମାଞ୍ଜୁର କରିବା ପରେ ଅଭିଯୁକ୍ତ କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି । ତେବେ ମିଳିଥିବା ପୋଲିସ ସୁଚନା ମୁତାବକ ଉଭୟଙ୍କ ଡାକ୍ତରୀ ମାଇନା ସରିଥିବା ବେଳେ ନାବାଳିକାକୁ ଶୁଶୁ ସୁରକ୍ଷା ମଙ୍ଗଳ କମିଟି ବିଭାଗରେ ରଖାଯାଇଛି । ଶନିବାର ଦିନ ନାବାଳିକାର ବୟାନ ରେକର୍ଡ କରାଯିବ ବୋଲି ଥାନା ଅଧିକାରୀ ଶ୍ୟାମଘନ ବାରିକ ସୁଚନା ଦେଇଛନ୍ତି ।

# ଉଦୟବଟ ମହନ୍ତ ଲକ୍ଷ୍ମୀଧର ଦାସଙ୍କ ଶ୍ରାଦ୍ଧଉତ୍ସବ ପାଳିତ

**ପାରାଦୀପ, ୨।୧ (ନି.ପ୍ର):** ମାଳିକା ବର୍ଣ୍ଣିତ ପାରାଦୀପ ପ୍ରସିଦ୍ଧ ଆଧ୍ୟାତ୍ମିକ କ୍ଷେତ୍ର ଉଦୟବଟ ର ପ୍ରାକ୍ତନ ମହନ୍ତ ସ୍ୱର୍ଗତଃ ଲକ୍ଷ୍ମୀଧର ଦାସ ଙ୍କ ଶ୍ରାଦ୍ଧ ଉତ୍ସବ ମହାପୁରୁଷ ରାଜୀବ ଲୋଚନ ଦାସ ଙ୍କ ସମାଧିପୀଠ ଉଦୟବଟ ଠାରେ ଗତ ଡିସେମ୍ବର ୩୧ ତାରିଖ ବୁଧବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ ଉଦୟବଟ ପରିଚାଳନା କମିଟିର ସଭାପତି ମିହିର ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତି ଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ତଥା ଓଡିଶା ସାହିତ୍ୟ ଏକାଡେମୀ ର ପ୍ରାକ୍ତନ ସଦସ୍ୟ ଅକ୍ଷୟ କୁମାର ରାଉତ ଯୋଗ ଦେଇ ମହନ୍ତ ଲକ୍ଷ୍ମୀଧର ଦାସ ଙ୍କ ତ୍ୟାଗ ପୁତ ଜୀବନ ଓ ସମାଜର ସେବା ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିବାସହ କଳିଯୁଗ ରେ ଉଦୟବଟ ଧାମ ର ଗୁପ୍ତ ଲୀଳା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ସଭ୍ୟ ମନୋରଞ୍ଜନ ମହାନ୍ତି, ସୁକାନ୍ତ କୁମାର ଦାସ, ଡା.ରବୀନ୍ଦ୍ର କୁମାର ସ୍ୱାଇଁ, ସମାଜସେବୀ ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ସିଦ୍ଧ ସାଧୁ ମହାପୁରୁଷ ରାଜୀବ ଲୋଚନ ଦାସ ଙ୍କ ସେବାରେ ସ୍ୱର୍ଗତ ମହନ୍ତ ଲକ୍ଷ୍ମୀଧର ଦାସ ନିଜ ଜୀବନକୁ ଉତ୍ସର୍ଗୀକୃତ କରିଥିଲେ ଏବଂ ପଞ୍ଚସଖା ମାନଙ୍କ ମଧ୍ୟରୁ ରାଜିବ ଲୋଚନ ଦାଶ ଅନ୍ୟତମ ବୋଲି ମତ ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ଅକ୍ଷୟ ମହାପାତ୍ର, ରମେଶ ବେହେରା, ପ୍ରମୋଦ କୁମାର ଜେନା, ସୁଶାନ୍ତ କୁମାର ସାମଲ, ଚିତ୍ତ ରଞ୍ଜନ ନାୟକ, ମହନ୍ତ ଶତ୍ରୁଘନ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ପ୍ଲାଷ୍ଟିକ ପଲିଥିନ ମୁକ୍ତ ହେବ ହୁମା ବଜାର



**ଗଞ୍ଜାମ,୨/୧ (ନି.ପ୍ର):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ହୁମା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ଥାନୀୟ ଅଞ୍ଚଳର ମୁଖ୍ୟ ହୁମା ବଜାର ପଲିଥିନ ପ୍ଲାଷ୍ଟକ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ । ହୁମା ସମିତି ସଭ୍ୟ ଧ୍ରୁବ ଚରଣ ପଲାଇ, ସରପଞ୍ଚ ଜାନକୀ ଦାସଙ୍କ ସମେତ ପଞ୍ଚାୟତର ବିଭିନ୍ନ ଗ୍ରାମର ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ । ପରେ ବିଧାୟକ ନାୟକ ହୁମା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଆୟୁର୍ବେଦିକ ଚିକିତ୍ସାଳୟ ପରିଦର୍ଶନ କରି ଲୋକଙ୍କ ମୌଳିକ ସମସ୍ୟା ତଥା ସ୍ୱାସ୍ଥ୍ୟ ସେବା ଠିକ ଚାଲିଛି ନା ନାହିଁ ପଚାରି ବୁଝିଥିଲେ । ଏଥିସହ ଉକ୍ତ ପଞ୍ଚାୟତର ବିଭିନ୍ନ ଗ୍ରାମ ଗୁଡିକରେ ଚାଲିଥିବା ନିର୍ମାଣଧୀନ ପ୍ରକଳ୍ପ ବୁଲି ଦେଖିଥିଲେ । ପ୍ରତ୍ୟେକ ପ୍ରକଳ୍ପ କାର୍ଯ୍ୟ ଉଚ୍ଚ ମାନର କରିବାକୁ ବିଧାୟକ ନାୟକ କଡା ଚେତାବନୀ ଦେଇଥିଲେ । ଏଥିସହ ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ନିମନ୍ତେ ହୁମା ବଜାରରେ ଥିବା ସମସ୍ତ ଦୋକାନୀ ମାନଙ୍କୁ ଡଷ୍ଟବିନ ପ୍ରଦାନ କରାଯାଇଥିଲା ।

# ଖଣି ଏବଂ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ ୨୦୨୬ ର ଚତୁର୍ଥ ସଂସ୍କରଣ ଆୟୋଜନ କରିବ ଓଡ଼ିଶା

- ବିଶ୍ୱ ଖଣିପ୍ରଦର୍ଶନୀ, କନକ୍ଲେଭ ଏବଂ ସମ୍ମିଳନୀ ପାଇଁ ଓଡ଼ିଶାକୁ ପସନ୍ଦିତ ସ୍ଥାନ
- ଭାରତର ଖଣି ପାୱାର ହାଉସ୍ ଏବଂ ଇନୋଭେସନ୍ ହବ ଭାବରେ ଓଡ଼ିଶାକୁ ସ୍ଥାନିତ କରିବାକୁ ଲକ୍ଷ୍ୟ
- ଅତ୍ୟାଧୁନିକ ନବସୃଜନ, ପ୍ରଯୁକ୍ତିବିଦ୍ୟା ଏବଂ ଉପକରଣ ପ୍ରଦର୍ଶନ ଏବଂ ସ୍ଥାୟୀଖଣିକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ
- ଓଡ଼ିଶାର ଉଦ୍ୟୋଗୀ, ଷ୍ଟାର୍ଟ-ଅପ୍ ଏବଂ ଯୁବବୃତ୍ତିଗତ ମାନଙ୍କୁ ବିଶ୍ୱ କମ୍ପାନୀ ଏବଂ କର୍ପୋରେଟ ତାଙ୍କ ସହିତ ସଂଯୋଗ କରିବ ଏହି ଏକ୍ସପୋ
- ବିଶ୍ୱ ଖଣି ଏବଂ ସହଯୋଗୀ ଶିଳ୍ପ ପାଇଁ ଉତ୍ସର୍ଗୀକୃତ ଏକ ସ୍ୱତନ୍ତ୍ର ଅନ୍ତର୍ଜାତୀୟ ବି୨ବି ବାଣିଜ୍ୟ ପ୍ରଦର୍ଶନୀ

**ଭୁବନେଶ୍ୱର,୨।୧ (ନି.ପ୍ର):** ଭାରତର ଖଣିଜ କେନ୍ଦ୍ର ଭାବରେ ପରିଚିତ ଓଡ଼ିଶା, ଜାନୁଆରୀ ୮ ରୁ ୧୧ ତାରିଖ, ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱରର ବରମୁଣ୍ଡା ଗ୍ରାଉଣ୍ଡରେ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ଏକ୍ସପୋ ୨୦୨୬ ର ଚତୁର୍ଥ ସଂସ୍କରଣ ଆୟୋଜନ କରି ଖଣି ଏବଂ ଶିଳ୍ପ କ୍ଷେତ୍ରରେ ଏହାର ନେତୃତ୍ୱକୁ ବଜାୟ ରଖିବାକୁ ପ୍ରସ୍ତୁତ ହୋଇଯାଇଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଦ୍ୱାରା ବିକାଶିତ ଓଡ଼ିଶା ଦୃଷ୍ଟିକୋଣ ୨୦୩୬ ଏବଂ ୨୦୪୭ ଉନ୍ମୋଚନ ପରେ, ଖଣି ଶିଳ୍ପର ବିକଶିତ ଦୃଷ୍ଟିକୋଣକୁ ବାସ୍ତବରେ ପରିଣତ କରିବା ପାଇଁ ଉପଯୁକ୍ତ ଇକୋ ସିଷ୍ଟମକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଆନ୍ତର୍ଜାତୀୟ ଏକ୍ସପୋ ଏକ ସଠିକ ପଦକ୍ଷେପ । ପରିବେଶ ଅନୁକୂଳ ଖଣି ପ୍ରଯୁକ୍ତି ବିଦ୍ୟା ଏବଂ ଉପକରଣ, ସ୍ଥାୟୀ ଖଣି ଅଭ୍ୟାସ ଏବଂ ବିଶ୍ୱ ଚିନ୍ତାଧାରା ନେତୃତ୍ୱ ଉପରେ ଧ୍ୟାନ କେନ୍ଦ୍ରିତ କରି, ଏହି ଏକ୍ସପୋ ଓଡ଼ିଶାକୁ ଏସିଆର ଖଣିଜ କ୍ଷେତ୍ରର ଏକ ଅଗ୍ରଣୀ ରାଜ୍ୟ ଭାବରେ ପ୍ରତିଷ୍ଠା କରିବା ପାଇଁ ଉଦ୍ଦିଷ୍ଟ । ଖଣି କ୍ଷେତ୍ର ନବସୃଜନ, ସ୍ଥାୟୀତ୍ୱ ଏବଂ ଭବିଷ୍ୟତ ଚିନ୍ତାଧାରା ନୀତି ଦ୍ୱାରା ପରିଚାଳିତ ହେବାକୁ ପ୍ରସ୍ତୁତ । ରାଜ୍ୟର ଏହି ସ୍ଥିତିକୁ ଅନୁସରଣ କରି, ପ୍ରଦର୍ଶନୀ ଖଣି ପ୍ରଯୁକ୍ତି ବିଦ୍ୟା, ଯନ୍ତ୍ରପାତି, ଉପକରଣ ଏବଂ ସେବାରେ ସର୍ବଶେଷ ଉନ୍ନତି, ବିଶ୍ୱ ସ୍ତରରେ ଶିଳ୍ପପତି, ନବସୃଜନକାରୀ ଏବଂ ନିଷ୍ପତ୍ତି ଗ୍ରହଣକାରୀଙ୍କ ସହିତ ନେଟୱାର୍କିଂ ପ୍ରଦର୍ଶନ କରେ । ଭାରତର ସର୍ବବୃହତ ଖଣି ପ୍ରଦର୍ଶନୀ ଭାବରେ, ଏହା ବଜାର ବିସ୍ତାର, ପ୍ରଯୁକ୍ତି ବିଦ୍ୟା ଆବିଷ୍କାର ଏବଂ ବ୍ୟବସାୟ ଅଭିବୃଦ୍ଧି ପାଇଁ ଅତୁଳନୀୟ ସୁଯୋଗ ପ୍ରଦାନ କରୁଛି ।

ଆଗାମୀ ଚତୁର୍ଥ ସଂସ୍କରଣ ଓଡ଼ିଶା ମାଇନିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଇଣ୍ଟରନ୍ୟାସନାଲ ଏକ୍ସପୋ ୨୦୨୬ ଘୋଷଣା କରି, ଫ୍ୟୁଚରେକ୍ସଟ୍ରେଡେ ଫୟାର ଆଣ୍ଡ ଇଭେଣ୍ଟସ୍ପ୍ରାଇଭେଟ ଲିମିଟେଡର ଅଧ୍ୟକ୍ଷ ସ୍ୱାମୀ ପ୍ରେମ ଅନନ୍ୱେଶୀ କହିଛନ୍ତି, ଗତ ତିନି ବର୍ଷ ଧରି, ମାଇନିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର ଇଣ୍ଟରନ୍ୟାସନାଲଏକ୍ସପୋ ଭାରତ ଏବଂ ବାହାରେ ଖଣିର ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ଉତପ୍ରେରକ ଭାବରେ ଉଭା ହୋଇଛି । ଏଫଡିଆଇ ସମେତ ନିବେଶକ ମାନଙ୍କ ପାଇଁ ଓଡ଼ିଶା ହେଉଛି ପସନ୍ଦର ସ୍ଥାନ । ରାଜ୍ୟ ସରକାର ବହୁ ବଡ଼ ପ୍ରକଳ୍ପକୁ ଅନୁମୋଦନ କରୁଛନ୍ତି, ଯାହା ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ହଜାର ହଜାରରୁ ଅଧିକ ନିଯୁକ୍ତି ସୃଷ୍ଟି କରି ଶିଳ୍ପ ନିବେଶ ପାଇଁ ଓଡ଼ିଶାର ଆକର୍ଷଣକୁ ପ୍ରଦର୍ଶନ କରିଛି । ଆଜି, ମୁଁ ଭୁବନେଶ୍ୱରରେ ଆଗାମୀ ମାଇନିଂ ଏକ୍ସପୋ ଘୋଷଣା କରି ଖୁସି, ଯାହା ସ୍ଥାୟୀ ଖଣି ପ୍ରଯୁକ୍ତି ବିଦ୍ୟା ଏବଂ ଉପକରଣ ପ୍ରଦର୍ଶନ କରିବ ଏବଂ ନୀତି, ନବସୃଜନ, ସ୍ଥାୟୀତ୍ୱ ଏବଂ ଭବିଷ୍ୟତ ଅଭ୍ୟାସ ଉପରେ ଆଲୋଚନା ଆରମ୍ଭ କରିବ । ଏହି ଚିନ୍ତାଧାରାର ଆଦାନ ପ୍ରଦାନ କେବଳ ଅର୍ଥପୂର୍ଣ୍ଣ ଆଲୋଚନାର ଆରମ୍ଭ କରିବ ନାହିଁ ବରଂ ବିଶ୍ୱ ବଜାରର ବିକଶିତ ଚାହିଦା ଏବଂ ଆଶା ସହିତ ସମନ୍ୱୟ ରଖି ଭାରତୀୟ ଖଣି ଶିଳ୍ପ ପାଇଁ ଏକ ଏକୀକୃତ ରୋଡମ୍ୟାପ ସୃଷ୍ଟି କରିବାରେ ମଧ୍ୟ ସାହାଯ୍ୟ କରିବ ।




ନାଲକୋର ପୂର୍ବତନ ଅଧ୍ୟକ୍ଷ ଏବଂ ଏମଡ଼ି ତଥା ଏକ୍ସପୋ ଆୟୋଜନ କମିଟିର ଅଧ୍ୟକ୍ଷ ଶ୍ରୀ ତପନ କୁମାର ଚନ୍ଦ କହିଛନ୍ତି, ଚତୁର୍ଥ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ଏକ୍ସପୋ ୨୦୨୬ର ମୁଖ୍ୟ ଲକ୍ଷ୍ୟ ହେଉଛି ସ୍ଥାୟୀ ଖଣି, ଶୂନ୍ୟ ନେଟ ଖଣିକୁ ପ୍ରୋତ୍ସାହିତ କରିବା, ବିଶ୍ୱ ଖଣିକ୍ଷେତ୍ରର ଭବିଷ୍ୟତ ଗଠନ ପାଇଁ କନକ୍ଲେଭ ଏବଂ ସମ୍ମିଳନୀ ଗୁଡ଼ିକରେ ନୀତି ଆଲୋଚନା ପାଇଁ ଓଡ଼ିଶାକୁ ବିଶ୍ୱ ଖଣି କେନ୍ଦ୍ରସ୍ତରକୁ ନେଇ ଯିବା ଏବଂ ବିଶ୍ୱ ସଂଯୋଗ ସ୍ଥାପନ ପାଇଁ ଯୁବ ଉଦ୍ୟୋଗୀ, ଷ୍ଟାଷ୍ଟାର୍ଟଅପକୁ ସଶକ୍ତ କରିବା । ଡକ୍ଟର ଚନ୍ଦ ସୂଚନାଦେଇଛନ୍ତି ଯେ: ଚତୁର୍ଥ ସଂସ୍କରଣରେ ଭାରତ ଏବଂ ବିଦେଶର ୩୦୦+ କମ୍ପାନୀ ସାମିଲ ହେବେ । ବିଶ୍ୱସ୍ତରୀୟ ଉପକରଣ ନିର୍ମାତା ମାନେ ସେମାନଙ୍କର ଉପକରଣ ଏବଂ ପ୍ରଯୁକ୍ତି ବିଦ୍ୟା ପ୍ରଦର୍ଶନ ପାଇଁ ଓଡ଼ିଶାକୁ ଆସୁଥିବାରୁ, ମୁଁ ନିଶ୍ଚିତ ଯେ ସେମାନେ ଖଣି ଉପକରଣ ନିର୍ମାଣ ଏବଂ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ଉତ୍ପାଦନ କେନ୍ଦ୍ର ଭାବରେ ବାଛିବେ । ଭାରତ, ଜର୍ମାନୀ, ଆମେରିକା, ୟୁକେ, ଅଷ୍ଟ୍ରେଲିଆ, ବ୍ରାଜିଲ, ଚିଲି ଏବଂ ଅନ୍ୟାନ୍ୟ ପ୍ରମୁଖ ଖେଳାଳି ମାନଙ୍କ ସମେତ ୨୫ରୁ ଅଧିକ ଦେଶକୁ ବ୍ୟାପିଥିବା ଏକ ବିଶ୍ୱସ୍ତରୀୟ ସ୍ପର୍ଶ ସହିତ, ଏହି ଏକ୍ସପୋ ଅନ୍ତର୍ଜାତୀୟ ଦୃଷ୍ଟି ଆକର୍ଷଣ ଏବଂ ଅଂଶଗ୍ରହଣ କରିବାକୁ ଲକ୍ଷ୍ୟ ରଖିଛି ।

ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା, ଅଭିନବ ସମାଧାନ ଏବଂ ଭବିଷ୍ୟତ ଚିନ୍ତାଧାରା ବ୍ୟବହାର କରି ଏକ ବିଶ୍ୱ ଖଣି ଏବଂ ଶିଳ୍ପ କେନ୍ଦ୍ର ହେବା ଦିଗରେ ଓଡ଼ିଶାର ପରିବର୍ତ୍ତନ କାରୀ ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଂଶ ହେବାକୁ ମୁଁ ଆପଣଙ୍କୁ ସାଦର ଆମନ୍ତ୍ରଣ କରୁଛି । ଏହି ସମ୍ମିଳନୀ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଅଭିମୁଖେ ଯାତ୍ରାକୁ ଉର୍ଜିତ କରିବ । ଏହି ଏକ୍ସପୋକୁ ୮ ଜାନୁଆରୀରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କୁମ୍ଭମପାଟିଙ୍କୁ ଉଦଘାଟନ କରିବାକୁ ନିମନ୍ତ୍ରଣ କରାଯାଇଛି । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ଆଇନ, କାର୍ଯ୍ୟ ଏବଂ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀ ରାଜ ହରିଚନ୍ଦନ ଏବଂ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ହେମନ୍ତ ଶର୍ମା ଉପସ୍ଥିତ ରହିବେ ।

୯ ଜାନୁଆରୀ ୨୦୨୬ରେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏକ୍ସପୋ ପରିଦର୍ଶନ କରିବା ସହ ତାଙ୍କ ଉପସ୍ଥିତିରେ ଖଣି କ୍ଷେତ୍ରରେ ସଫଳ ମହିଳାଙ୍କୁ ପୁରସ୍କାର ପ୍ରଦାନ କରାଯିବ ।

୧୦ ଜାନୁଆରୀ ୨୦୨୫ରେ ଓଡ଼ିଶା ସରକାରଙ୍କ ଇସ୍ପାତ ଏବଂ ଖଣି ମନ୍ତ୍ରୀ, ବିଭୂତି ଭୂଷଣ ଜେନା ଏବଂ ବିଜେପି ଓଡ଼ିଶା ରାଜ୍ୟ ସଭାପତି, ଶ୍ରୀ ମନମୋହନ ସାମଲ ଏକ୍ସପୋ ପରିଦର୍ଶନ କରିବେ ଏବଂ ରାଜ୍ୟରେ ବୈଷୟିକ ଏବଂ ପରିଚାଳନା ଶିକ୍ଷାର ଉତ୍କର୍ଷତାରେ ଅବଦାନ ରଖିଥିବା ବୃତ୍ତିଗତ ପ୍ରତିଷ୍ଠାନ ଗୁଡ଼ିକୁ ପୁରସ୍କାର ପ୍ରଦାନ କରିବେ ।

୧୧ ଜାନୁଆରୀ ୨୦୨୬ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବରେ ବିଦାୟ ସମାରୋହରେ ଯୋଗଦେବେ ଏବଂ ଶ୍ରେଷ୍ଠ ସିଇଓ ଏବଂ ସର୍ବଶ୍ରେଷ୍ଠ ଅବଦାନ ପାଇଁ ପୁରସ୍କାର ପ୍ରଦାନ କରିବେ ।

ଏହି ଅବସରରେ ଉପସ୍ଥିତ ଥିବା ଫ୍ୟୁଚରେକ୍ସ ବାଣିଜ୍ୟ ମେଳା ଏବଂ ଇଭେଣ୍ଟସ୍ପ୍ରାଇଭେଟ୍ଲିମିଟେଡର ନିର୍ଦ୍ଦେଶକ ନମିତ ଗୁପ୍ତା କହିଛନ୍ତି, ଗତ ତିନି ବର୍ଷ ଧରି, ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ଏକ୍ସପୋ ଭାରତ ଏବଂ ବାହାରେ ଖଣିର ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ଉତ୍ତେଜକ ଭାବରେ ଉଭା ହୋଇଛି । ୨୦୨୬ ସଂସ୍କରଣ ଏହି ଗତିକୁ ଜାରି ରଖିଛି, ଏକ ଚାରି ଦିନିଆ । ବିଶ୍ୱସ୍ତରୀୟ ପ୍ଲାଟଫର୍ମ ପ୍ରଦାନ କରୁଛି ଯେଉଁଠାରେ ନୀତି ନିର୍ଦ୍ଧାରକ, ନିବେଶକ, ନିର୍ମାତା ଏବଂ ଖଣି ବୃତ୍ତିଗତ ମାନେ ଭାରତର ଶିଳ୍ପ ବିକାଶର ମୂଳ ଦୁଆ । ଅନୁସନ୍ଧାନ କରିବା ପାଇଁ ଏକତ୍ରିତ ହୁଅନ୍ତି । ପ୍ରଯୁକ୍ତି ବିଦ୍ୟା ସମନ୍ୱୟ, ଦକ୍ଷତା ବିକାଶ ଏବଂ ରପ୍ତାନି-ମୁଖୀ ଅଭିବୃଦ୍ଧି ଉପରେ ଦୃଢ଼ ଧ୍ୟାନ ସହିତ, ଏହି ଏକ୍ସପୋ ୨୦୩୦ ସୁଦ୍ଧା ଓଡ଼ିଶା ସରକାରଙ୍କ ନମ୍ବର ୧ ଖଣି ରାଜସ୍ୱ ସୃଷ୍ଟିକାରୀ ରାଜ୍ୟ ହେବା ଦୃଷ୍ଟିକୋଣକୁ ସମର୍ଥନ କରିବା ସହ , ଯାହା ଗୁରୁତ୍ୱ ପୂର୍ଣ୍ଣ ଖଣିଜ ପଦାର୍ଥ, ବିରଳ ପୃଥିବୀ ଏବଂ ରଣନୈତିକ ଖଣିଜ କ୍ଷେତ୍ରରେ ବିପୁଳ ସମ୍ଭାବନାକୁ ଉନ୍ମୋଚନ କରୁଛି ।

ପୂର୍ବ ସଫଳତା ଉପରେ ଆଧାରକରି, ଫ୍ୟୁଚରେକ୍ସଟ୍ରେଡ୍ଫେୟାର ଆଣ୍ଡ ଇଭେଣ୍ଟସ୍ପ୍ରାଇଭେଟ୍ଲିମିଟେଡ ଭାରତ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରୁ ଖଣି ଯନ୍ତ୍ରପାତି, ଉପକରଣ, ଉନ୍ନତ ପ୍ରଯୁକ୍ତି ବିଦ୍ୟା ସମାଧାନ, ସେବା ଏବଂ ଯୋଗାଣ କ୍ଷେତ୍ରରେ ନୂତନତମ ଉଦ୍ଭାବନକୁ ପ୍ରଦର୍ଶିତ କରିବା ପାଇଁ ଓଡ଼ିଶା ମାଇନିଂ ଆଣ୍ଡ୍ ଇନଫ୍ରାଷ୍ଟ୍ରକ୍ଚର ଇଣ୍ଟରନ୍ୟାସନାଲ୍ ଏକ୍ସପୋ ୨୦୨୬ ଆୟୋଜନ କରୁଛି ।

ଏହି ଅବସରରେ ଲୁମିନସ୍ଇନଫୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀମତୀ ଜୟଶ୍ରୀ ମହାନ୍ତି, ଜ୍ୟୋତିଷ ସୂଚନା, ରୋଟାରୀ କ୍ଲବର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର, ଆସ୍ଥା ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ, କୃପାଚୌଧୁରୀ , ଲଘୁ ଉଦ୍ୟୋଗ ଭାରତୀର ଗୋପାଳଦାସ ଅଗ୍ରୱାଲ, , ୱାଲେଟ୍୪ ୱେଲଥ୍ ପରିଚାଳନାନିର୍ଦ୍ଦେଶକତ୍ରିନାଥଲେଙ୍କା, ଅବିନାଶପଟ୍ଟନାୟକ (ବିଜେପି), ଆୟୋଜକକମିଟିର ଉପାଧ୍ୟକ୍ଷ, ସୁଦର୍ଶନସେଖରମହାନ୍ତି, ଇକ୍ୟୁପେଜ୍ଇନଫ୍ରାକୋର ପ୍ରାଇଭେଟଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ, ସଞ୍ଜୀବନାୟକ, କେ.ସି.ସି.ଏଲ୍ ର ପରିଚାଳନା ନିର୍ଦ୍ଦେଶକ ଡକ୍ଟର ଏସ୍ଆରସାମଲ, ଫ୍ୟୁଚରଏକ୍ସର ନିର୍ଦ୍ଦେଶକ ନିଧିଶର୍ମା, ଫ୍ୟୁଚରଏକ୍ସର ପ୍ରୋଜେକ୍ଟ ନିର୍ଦ୍ଦେଶକ ସୌମୋରା ଆଦି ଉପସ୍ଥିତଥିଲେ ।

ତୃତୀୟ ଓଡ଼ିଶା ଖଣି ଏବଂ ଭିତ୍ତିଭୂମି ଆନ୍ତର୍ଜାତୀୟ ଏକ୍ସପୋ୨୦୨୫ରେ ବ୍ୟବସାୟ ସୃଷ୍ଟିରେ ଉଲ୍ଲେଖନୀୟ ଅଭିବୃଦ୍ଧି ଦେଖାଯାଇଥିଲା । ଏକ୍ସପୋରେ ୩୦% ବୃଦ୍ଧି ମଧ୍ୟ ଦେଖା ଯାଇଥିଲା, ଯାହା ଶିଳ୍ପ ପତି, ସରକାରୀ ପ୍ରତିନିଧି ଏବଂ ନୀତିନିର୍ଦ୍ଧାରକଙ୍କ ସମେତ ୧୫,୦୦୦+ ବ୍ୟବସାୟିକ ପରିଦର୍ଶକଙ୍କୁ ଆକର୍ଷିତ କରିଥିଲା ।



# ଜଳେଶ୍ୱର ଷ୍ଟେସନ ଛକରେ ଋହାରେ ଚର୍ଚ୍ଚା କାର୍ଯ୍ୟକ୍ରମ



**ଜଳେଶ୍ୱର, ୨/୧ (ନିପ୍ର)-** ନୂତନ ବର୍ଷରେ ଜଳେଶ୍ୱର ଷ୍ଟେସନ ଛକରେ ଋହା ଚର୍ଚ୍ଚା କାର୍ଯ୍ୟକ୍ରମରେ ଜଳେଶ୍ୱର ସଚେତନ ନାଗରିକଙ୍କ ଯୋଗଦାନ କରିଥିଲେ। ଋହା ଚର୍ଚ୍ଚା କାର୍ଯ୍ୟକ୍ରମରେ ସମାଜସେବୀ ସତ୍ୟେନ ଶ୍ୟାମ ନାଗ, ହାଇକୋର୍ଟ ଆଇନଜୀବୀ ରାମଚନ୍ଦ୍ର ଜେନା, ଦିଗମ୍ବରୀଦେବୀ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି, ଜଳେଶ୍ୱର ରେଲ ୟୁଜର୍ସ କମିଟି ସଭାପତି ସୁକୁମାର ରଣା,ସାଇ ସାରଳା ଫାର୍ମାସୀ କଲେଜର ସମ୍ପାଦିକା ମଧୁଛନ୍ଦା ମହାନ୍ତି,ସମିଜସେବୀ ସିଦ୍ଧାର୍ଥ ଶଙ୍କର ପାଳ, ବରିଷ୍ଠ ସାମ୍ବାଦିକ ରବିନ୍ଦ୍ର ନାଥ ସେନାପତି, ସମାଜସେବୀ ନବୀନ ଜେନା,ସେକ ହାକିମ, ପୂର୍ବତନ ସମିତି ସଭ୍ୟ ଭୋଳାନାଥ ଗିରି , ରୋଟରିଆନ ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ରହି ଜଳେଶ୍ୱର ଷ୍ଟେସନର ନିର୍ମାଣ କାର୍ଯ୍ୟ ତଥା ଜଳେଶ୍ୱର ଅଞ୍ଚଳର ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

# ଅନୁଗୁଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ବୈଠକ

**ଅନୁଗୁଳ, ୨୧ (ନି.ପ୍ର):** ଶିଳ୍ପ ସମୃଦ୍ଧ ଅନୁଗୁଳ ଜିଲ୍ଲାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ସେବା, ପ୍ରଦୂଷଣ ଭଳି ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ ଚଳାଇ ରଖିଥିବା ଅନୁଗୁଳ ଜିଲ୍ଲା ଜନ ଜୀବନ ସୁରକ୍ଷା କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ୩୧ ଡିସେମ୍ବର ୨୦୨୫ ଅପରାହ୍ନରେ ସ୍ଥାନୀୟ ଶିକ୍ଷକପଡାସ୍ଥ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି । କମିଟିର ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟତମ ଆବାହକ ରବୀନ୍ଦ୍ର ପ୍ରସାଦ ପଟ୍ଟନାୟକ, ଅଭିମନ୍ୟୁ ସ୍ୱାଇଁ, ବ୍ରଜବନ୍ଧୁ ସାହୁ, ଦାମୋଦର ଦାସ, ତୀର୍ଥବାସୀ ଭୋଇ, ତ୍ରେତାନନ୍ଦ ସାମନ୍ତ, ନିରୋଦ ଚନ୍ଦ୍ର ପାଳ, ପଠାଣୀ ବାରିହା, ମାନସ



ପାଳ, ତ୍ରିଲୋଚନ ଜେନା, ଅଶୋକ କୁମାର ପ୍ରଧାନ, ନବକିଶୋର ପ୍ରଧାନ, ପ୍ରଦୀପ କୁମାର ମାଝୀ, ନିରୂପମା ପ୍ରଧାନ ପ୍ରମୁଖ ଯୋଗଦେଇ ଜିଲ୍ଲାର ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରିବା, ଟ୍ରମା କେୟାର ସେଣ୍ଟର, ଆଇ.ସି.ୟୁ, ବର୍ଣ୍ଣ ୟୁନିଟ୍ କାର୍ଯ୍ୟକ୍ଷମ କରିବା, ସପ୍ତାହକୁ ଥରେ ଆସୁଥିବା ସୁପର ସ୍ପେସିଆଲିଷ୍ଟ ଡାକ୍ତରମାନଙ୍କୁ ନିୟମିତ ଭାବେ ନିଯୁକ୍ତି ଦେଇ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଧାଡି ଯନ୍ତ୍ରଣାରୁ ମୁକ୍ତି ପାଇଁ ଅନ୍‌ଲାଇନ୍ ଟିକେଟ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା, ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଆମିଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା, ପ୍ରଦୂଷଣ ବିଷ ବଳୟରେ ଜର୍ଜରିତ ଜିଲ୍ଲାବାସୀଙ୍କୁ ୩୦୦ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଦ୍ୟୁତ୍ ଯୋଗାଇଦେବା, ଜନସ୍ୱାର୍ଥ ବିରୋଧୀ ସ୍ମାର୍ଟ ମିଟର ବସାଇବା ଓ ଅତରିକ୍ତ ସୁରକ୍ଷା ଜମା ଆଦାୟ ତୁରନ୍ତ ବନ୍ଦ କରିବା, ଶିଳ୍ପ, କୋଇଲା ଖଣି ପ୍ରଦୂଷଣକୁ ବୈଜ୍ଞାନିକ ପଦ୍ଧତିରେ ନିୟନ୍ତ୍ରଣ କରିବା ପ୍ରଭୃତି ଦାବିରେ ଜିଲ୍ଲାବ୍ୟାପୀ ଜନଆନ୍ଦୋଳନ ଗଢ଼ି ତୋଳିବା ଉପରେ ମତବ୍ୟକ୍ତ କରିଥିଲେ । ଜିଲ୍ଲାବ୍ୟାପୀ ଜନଆନ୍ଦୋଳନ ଗଢ଼ି ତୋଳିବା ପାଇଁ ୧୮ଜାନୁୟାରୀ ୨୦୨୬ରେ ଅନୁଗୁଳ ଜିଲ୍ଲା ଜନ ଜୀବନ ସୁରକ୍ଷା କମିଟିର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ କରି ପରବର୍ତ୍ତୀ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ବୈଠକରେ ସର୍ବସମ୍ମୁଖ ନିଷ୍ପତି ଗୃହୀତ ହୋଇଛି ବୋଲି କମିଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ସଡ଼କ ସୁରକ୍ଷା ସପ୍ତାହ ପାଳିତ

**ଯାଜପୁର, ୨୧ (ନି.ପ୍ର):** ସମଗ୍ର ରାଜ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ସଡ଼କ ସୁରକ୍ଷା ପାଇଁ ପାଳିତ ହେଉଛି ସଡ଼କ ସୁରକ୍ଷା ମାସ । ଆଜି ଯାଜପୁର ସଦର ମହକୁମାରେ ଜିଲା ପରିବହନ ବିଭାଗ ପକ୍ଷରୁ ନିଆରା ଢଙ୍ଗରେ ଏହା ପାଳିତ ହୋଇଯାଇଛି । ଯମରାଜ ବେଶରେ ଆସିଥିବା ବ୍ୟକ୍ତି ଗାଡିଚାଳକ ମାନଙ୍କୁ ସଡ଼କ ସୁରକ୍ଷାମାନି ଗାଡି ଚଳାଇବାକୁ ସଚେତନ କରିବା ସହ ଅମାନୀୟା ଗାଡି ଚାଳକ ମାନଙ୍କୁ ତାଗିଦ କରୁଥିବା ଦେଖିବାକୁ ମିଳିଥିଲା । ଏକ ଶୋଭାଯାତ୍ରା ମାଧ୍ୟମରେ ସ୍ଥାନୀୟ ଜନସାଧାରଣ ମାନଙ୍କୁ ଟ୍ରାଫିକ ନିୟମ ମାନି ଗାଡି ଚଳାଇବା କୁ ସଚେତନ କରାଯାଇଥିଲା। ଏହି ଶୋଭାଯାତ୍ରାଟି ଯାଜପୁର ଜିଲ୍ଲାପାଳଙ୍କ ଅଫିସ ଠାରୁ ବାହାରି ସମ୍ପୂର୍ଣ୍ଣ ସହର ପରିକ୍ରମା କରିବା ପରେ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ରେ ଉଦଯାପିତ ହୋଇଥିଲା । ଯାଜପୁର ପରିବହନ ଅଧିକାରୀଙ୍କ ଧୀରେନ୍ଦ୍ର କୁମାର ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାକୁ ଯାଜପୁର ଜିଲାପାଳ ଅମ୍ବର କୁମାର କର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଶୋଭାଯାତ୍ରା ରେ ବହୁ ସ୍କୁଲ କଲେଜ ର ଛାତ୍ରଛାତ୍ରୀ, ସ୍କାଉଟ ଗାଇଡଙ୍କ ସମେତ ଏମଭିଆଇ ରଞ୍ଜିତା ମଲ୍ଲିକ, ଅତିରିକ୍ତ ଏମଭିଆଇ ପ୍ରଦୀପ୍ତ କିଶୋର ବେହେରା ଏବଂ ପରିବହନ ବିଭାଗ ର ଅଧିକାରୀ ଓ ଯାଜପୁର ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ କୁଳୁତା ସମାଜର ପରିବେଶ ସୁରକ୍ଷା



**ବଲାଙ୍ଗିର, ୨୧ (ନି.ପ୍ର):** ନୂତନ ବର୍ଷ ଅବସରରେ ସମସ୍ତେ ନିଜ ପରିବାର, ସାଙ୍ଗ ସାଥୀଙ୍କ ଗହଣରେ ଆନନ୍ଦ ଉଲ୍ଲାସରେ ମସଗୁଲ ରହିଥାନ୍ତି । ଠିକ୍ ଏତିକି ବେଳେ କିଛି ଯୁବକ ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିଥିବା ଦେଖିବାକୁ ମିଳିଛି । ସୂଚନା ଅନୁସାରେ ରାଜ୍ୟ ସରକାର ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ସଂଗଠନ ବଲାଙ୍ଗିର ଜିଲ୍ଲା ଯୁବ କୁଳୁତା ସମାଜ ତରଫରୁ ଲୋଇସିଂହା ବ୍ଲକ ଉଛବପାଲି ଗ୍ରାମ ୟୁ.ପି. ସ୍କୁଲ ଓ ଗ୍ରାମ ବନ୍ଧଆଡିରେ ୩୦ଟି ଗଛ ଲଗାଯାଇଛି । ଏହି ଅବସରରେ ଯୁବ କୁଳୁତା ସମାଜ ସଭାପତି ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ କୈଳାସ ବରିହା ଯୋଗ ଦେଇଥିଲେ। ପରିବେଶ ସୁରକ୍ଷା କରିବା, ଜଙ୍ଗଲରେ ନିଆଁ ନ ଲଗାଇବା, ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ କରିବା ପାଇଁ ସମାଜସେବୀ ଅସୀମ ଭୋଇ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଯୁବ ସଂଗଠନ ର ଉପଦେଷ୍ଟା ବଶିଷ୍ଟ ପ୍ରଧାନ, କୋଷାଧ୍ୟକ୍ଷ ଆକାଶ ବିଶ୍ୱାଳ, ଜିଲ୍ଲା ସଦସ୍ୟ ବୃନ୍ଦାବନ ବେହେରା, ଧବଳେଶ୍ୱର ବେହେରା, ରୁନା ପାତ୍ର, ଗୋବର୍ଦ୍ଧନ ବେହେରା, ରଂଜିତ ପାତ୍ର, ପୁରନ ପାତ୍ର, ତପନ ପାତ୍ର, ରଂଜନ ପାତ୍ର, ନିତ୍ୟାନନ୍ଦ ବେହେରା ଓ ଜଙ୍ଗଲ ବିଭାଗର ମୁନା ଗଡତ୍ୟା ସହଯୋଗ କରିଥିଲେ। ପ୍ରକାଶ ଥାଉ କି ନୂତନ ବର୍ଷ ଅବସରରେ ପରିବେଶ ପ୍ରେମୀ ଅସୀମ ଭୋଇ ନିଜ ଖର୍ଚ୍ଚରେ ପୃଥ୍ୱୀରାଜ ହାଇସ୍କୁଲ ପଡିଆରେ ଗଛ ଲଗାଇଛନ୍ତି । ଏ ଅବସରରେ ଯୁବ କୁଳୁତା ସମାଜର ସକ୍ରିୟ ସଦସ୍ୟ ବୃନ୍ଦାବନ ବେହେରା ଉଛବପାଲି ଗ୍ରାମରୁ ଆସି ଶ୍ରୀ ଭୋଇଙ୍କ ଉପସ୍ଥିତିରେ ଭୀମଭୋଇ ରକ୍ତଭଣ୍ଡାର ରେ ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି ।

# ଲକ୍ଷ୍ମୀସାଗର ମେଲଣ ପଡିଆରେ ସାଇଭଜନ ସଂନ୍ଧ୍ୟା ଅନୁଷ୍ଠିତ

**ଭୁବନେଶ୍ୱର,୨୧(ନି.ପ୍ର):** ଗତକାଲି ପ୍ରତିବର୍ଷଭଳି କେ-୧ ଏଣ୍ଟରଟେନ୍ ମେଣ୍ଟ ତରଫରୁ ଅନୁଷ୍ଠାନର ଅଧ୍ୟକ୍ଷ ମାନସ ଚୌଧୁରୀଙ୍କ ଆବାହକତ୍ୱରେ ୧୫ତମ ବିଶାଳ ସାଇ ଭଜନ ସଂନ୍ଧ୍ୟା ଭୁବନେଶ୍ୱର ଲକ୍ଷ୍ମୀସାଗର ମେଲଣ ପଡିଆରେ ଅନୁଷ୍ଠିତ ହୋଇଥିଲା। ସଂନ୍ଧ୍ୟା ୫.୧୫ ମିନିଟରେ ସଂନ୍ଧ୍ୟା ଆରତି ଏବଂସଂନ୍ଧ୍ୟା ୬ ଘଟିକା ସମୟରେ ଭଜନ ଆରମ୍ଭ ହୋଇଥିଲା। ରାତି ୧୦.୩୦ ମିନିଟ୍ ପର୍ଯ୍ୟନ୍ତ ଏହି ଭଜନ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ଯେଉଁଥିରେ ହଜାର ହଜାର ସାଇ ଭକ୍ତ ଅଂଶ ଗ୍ରହଣ କରି ସାଇ ଭଜନ ଶ୍ରବଣରେ ନିଜକୁ ହଜାଇ ଦେଇଥିଲେ ଏବଂ ହଜାର ହଜାର ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟାପକ ବ୍ୟବସ୍ଥା ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ପିସିସ ସଭାପତି ଭକ୍ତଚରଣ ଦାସ ମୁଖ୍ୟ ଅତିଥି ଭାବରେ ଯୋଗ ଦେବା ସହିତ ତାଙ୍କର ସହଧର୍ମଣୀ ସୁନନ୍ଦା ଦାସ ମଧ



ଯୋଗ ଦେଇଥିଲେ। ମେଫେୟାର ଗ୍ରୁପର ଡାଇରେକ୍ଟର ପୂଜା ରାୟ ମଧ ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସଭାପତି ନିରଜ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିଧାୟକ ସମୀର ରାଉତରାୟ, ମଧ୍ୟମ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା, କର୍ପୋରେଟର ଭରତ କୁମାର ଲେଙ୍କା, ମୁ ପରିଡା, ନବଜ୍ୟୋତି ପଟ୍ଟନାୟକ, ବିଶ୍ୱଜିତ ଦାସ, ରଣଜିତ ପାତ୍ର, ଯାସିର ନଓ୍ୱାଜ, ସିଦ୍ଧାର୍ଥ ଦାସ, ଅମୀୟ ପାଣ୍ଡବ,ମିଲନ ପଟ୍ଟନାୟକ, ସଂଜୟତ୍ରିପାଠୀ, ମହମ୍ମଦ ପରଭେଜ, ମନୋଜ ବିଶ୍ୱାଳ, ଶିଶିର ରଥ, ଲଳିତେନ୍ଦୁ ଶତପଥି, ବଟକୃଷ୍ଣ ରାଉତରାୟ ପ୍ରମୁଖ ଯୋଗ ଦେଇ ସାଇଭଜନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

ଜୱାନ କ୍ଲବର ସଭାପତି ମାନସ ରାଉତ, ଗୋପବନ୍ଧୁ କ୍ଲବ ସଭାପତି ଶରତ ଚନ୍ଦ୍ର ସାହୁ, ଲକ୍ଷ୍ମୀସାଗର ମେଲଣ ସଭାପତି ରମେଶଚନ୍ଦ୍ର ନାୟକ ଓ ସମାଜସେବୀ ଶ୍ରୀନିବାସ ରାଉତ, ସମୀର ରାଉତ ଓ ଜ୍ୟୋତ୍ସ୍ନା ସେନାପତିଙ୍କୁ ଭଜନ ସଂନ୍ଧ୍ୟାକାର୍ଯ୍ୟକ୍ରମ ସୂଚାରୁ ରୂପେ ସମ୍ପାଦନ ପାଇଁ ସହଯୋଗ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଭଜନ ସଂନ୍ଧ୍ୟା କାର୍ଯ୍ୟକ୍ରମକୁ ଡ. ମିଲନ ପରିଚାଳନ କରିଥିବା ବେଳେ ଖ୍ୟାତନାମ କଣ୍ଠଶିଳ୍ପୀ ଗଗନ ବିହାରୀ ହରିଶର୍ମା, ଦିପ୍ତିମୟୀ ଦାସ, ସନତ ପାଣିଗ୍ରାହୀ, ପ୍ରଜ୍ଞାହୋତା, ପ୍ରଦିପ ପଲାଇ, ମୋନାଲି ମଧୁସ୍ମିତା, ଅଭିରାମ ଖଟୁଆ ଭାଗପୂର୍ଣ୍ଣ ସାଇଭଜନ ଗାନ କରି ଭକ୍ତଙ୍କ ମନ ଛୁଇଁଥିଲେ। ସାଇ ପୂଜା କାର୍ଯ୍ୟକ୍ରମକୁ ପବିତ୍ର ସାମଲ ଓ ପ୍ରଦୀପ କୁମାର ମହାନ୍ତି ସମ୍ପାଦନ କରିଥିଲେ।

# ଯାଜପୁର ମେଡିକାଲ ରେ ରୋଗୀଙ୍କୁ ଫଳ ବଣ୍ଟନ

**ଯାଜପୁର, ୨୧ (ନି.ପ୍ର):** ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ରେ ରୋଗୀଙ୍କୁ ଫଳ ବଣ୍ଟନ କରି ନବ ବର୍ଷର ଶୁଭାରମ୍ଭ କାଲେ ସମାଜସେବି । ଯାଜପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାନବ ସେବା ଫାଉଣ୍ଡେସନ ପକ୍ଷରୁ ଆଜି ରୋଗୀଙ୍କୁ ଫଳ ବଣ୍ଟନ କରି ନିଆରା ଢଙ୍ଗରେ ନବବର୍ଷ ପାଳନ କରିଥିଲେ। ମାନବ ସେବା ଫାଉଣ୍ଡେସନ ର ସଭାପତି ତାପସ ରଞ୍ଜନ ପରିଡାଙ୍କ ନେତୃତ୍ୱରେ ସମ୍ପାଦକ ସରୋଜ କୁମାର ରାଉତ ରାୟ, କୋଷାଧ୍ୟକ୍ଷ ସାଇ ସୁନ୍ଦର ରାଉତରାୟ, ଜ୍ଞାନରଞ୍ଜନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଜିଲା ମୁଖ୍ୟ ଚିକିତ୍ସାଳୟ ରେ ପହଞ୍ଚି ସମସ୍ତ ରୋଗୀ ମାନଙ୍କୁ ଫଳ ବଣ୍ଟନ କରିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ। ଏହି ଅବସର ରେ ଫାଉଣ୍ଡେସନ ପକ୍ଷରୁ ବରିଷ୍ଠ ସଦସ୍ୟ ରଜନୀକାନ୍ତ ବେହେରା, କାଳନ୍ଦି ସାହୁ, ଧୀର ମହାନ୍ତି, ଚିତ୍ତ ରଞ୍ଜନ ଜେନା, ନଳିନୀ ରାଉତରାୟ, ସତ୍ୟ ସାଗର ମହାପାତ୍ର, ବାବୁଲି, ପାପୁ, ଗୁଲୁ, ଶିବୁନୁ ପ୍ରମୁଖ ଯୋଗ ଦେଇ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ସଙ୍ଗଠନର ଏପରି କାର୍ଯ୍ୟକ୍ରମ କୁ ସାଧାରଣ ରେ ବେଶ ପ୍ରଶଂସା କରାଯାଇଛି ।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗ, ଅଭିଯୁକ୍ତ ଗିରଫ

**ବୁଗୁଡା, ୨୧ (ନି.ପ୍ର):** ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଅରଖପୁର ଗ୍ରାମରେ ଜନୈକ ଯୁବକକୁ ଆକ୍ରମଣ କରି ଆହତ କରିବା ଅଭିଯୋଗରେ ସେହି ଗ୍ରାମର ଜଣେ ମଦୁଆକୁ ପୋଲିସ ଗିରଫ ସହ କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଆହତ ଯୁବକ ଜଣକ ହେଲେ ବେଲଗୁଣ୍ଠା ଗ୍ରାମର କାହ୍ନୁ ଚରଣ ପତି(୨୧) ଏବଂ ଗିରଫ ଅଭିଯୁକ୍ତ ଜଣକ ହେଲେ ଅରଖପୁର ଗ୍ରାମର ପ୍ରଭାତ ଭୂୟାଁ। ଏ ନେଇ ପୋଲିସରେ ଅଭିଯୋଗ ପରେ କେସ୍ ନଂ ୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, କାହ୍ନୁ ନୂଆଁ ବର୍ଷର ପହିଲି ଦିନରେ ତାଙ୍କର ବଡମାଆ। ଘର ଅରଖପୁର ଗାଁକୁ ଯାଇଥିଲେ। ସେହି ଗାଁରେ ମାତାଲ ଅବସ୍ଥାରେ ଥିବା ପ୍ରଭାତ ତାଙ୍କୁ ଅଯଥାରେ ଅଭଦ୍ର ଭାଷାରେ ଗାଳି ଗୁଲଜ କରିଥିଲା। କାହ୍ନୁ ଏହାର ପ୍ରତିବାଦ କରିବାରୁ ପ୍ରଭାତ ତାଙ୍କର ସାର୍ଟ କଲର ଧରି ଘୋଷାରି ନେଇ ତଳେ ପକାଇ ଛାତି ଉପରେ ବସି ମୁହଁକୁ ବାରମ୍ବାର ମୁଥ ମାଡ କରିଥିଲା। ଏହା ଫଳରେ କାହ୍ନୁ ଆହତ ହୋଇ ଚିତ୍କାର କରିବାରୁ ଆଖପାଖରେ ଥିବା କିଛି ଲୋକ ସେଠାରେ ପହଞ୍ଚିବାରୁ ମାତାଲ ପ୍ରଭାତ ଦୌଡି ପଳାଇଥିଲା। ଏ ନେଇ ଆହତ କାହ୍ନୁ ପୋଲିସରେ ଅଭିଯୋଗ କରିବା ପରେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡିଙ୍କ ଦ୍ୱାରା ଘଟଣାର ତଦନ୍ତ କରଯାଇ ଅଭିଯୁକ୍ତକୁ ଗିରଫ କରାଯାଇଥିଲା।

# ନୂତନ ଅଭିଲେଖାଗାର ଗୃହ ଏବଂ କମ୍ପ୍ୟୁଟର ପ୍ରକୋଷ୍ଠ ଉଦଘାଟିତ

**ଯାଜପୁର, ୨୧ (ନି.ପ୍ର):** ବିଞ୍ଝାରପୁର ବ୍ଲକ୍ ମାଂସଡ଼ାଠାରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଏକ ନୂତନ ଅଭିଲେଖାଗାର ଗୃହ ଏବଂ କମ୍ପ୍ୟୁଟର ପ୍ରକୋଷ୍ଠକୁ ଯାଜପୁର ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଉଦଘାଟନ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ତଥା ଜିଲ୍ଲା ରେଜିଷ୍ଟ୍ରାର ଶ୍ରୀ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ସବରେଜିଷ୍ଟ୍ରାର ହରପ୍ରିୟା ପୃଷ୍ଟି, ବିଂଝାରପୁର ଭାରପ୍ରାପ୍ତ ତହସିଲଦାର ଶ୍ରୀ ରବିନାରାୟଣ ପାଢ଼ୀ ଏବଂ ମାଂସଡ଼ା ଉପନିବନ୍ଧକ ଶ୍ରୀ ସୁବ୍ରତ କୁମାର ବାରିକ ଯୋଗ ଦେଇଥିଲେ। ଉଦଘାଟନ କରିବା ସହ ଜିଲ୍ଲାପାଳ ଶ୍ରୀ କର ବିଭାଗୀୟ ଅଧିକାରୀମାନଙ୍କ ସହ ନୂତନ ଅଭିଲେଖ ଗୃହ ଓ କମ୍ପ୍ୟୁଟର ପ୍ରକୋଷ୍ଠ ପରିଦର୍ଶନ କରିଥିଲେ। ମୋଟ ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ନୂତନ ଗୃହ ନିର୍ମାଣ କାର୍ଯ୍ୟ ନଭେମ୍ବର ମାସରେ ଶେଷ ହୋଇଥିଲା। ଏଥିରେ ଆଧୁନିକ ରେକର୍ଡ ରୁମ୍ ସହ ସ୍ୱତନ୍ତ୍ର ଇ-ରେଜିଷ୍ଟ୍ରେସନ୍ କାଉଣ୍ଟର ରହିଛି। ନୂତନ ଅଭିଲେଖାଗାରରେ ଜନସାଧାରଣଙ୍କ



ବହୁମୂଲ୍ୟ ଦସ୍ତାବିଜ, ଦଲିଲ୍ ଏବଂ ନଥିପତ୍ର ସୁରକ୍ଷିତ ଭାବେ ରହିପାରିବ। ଏହାସହ କମ୍ପ୍ୟୁଟର ପ୍ରକୋଷ୍ଠ ଓ ଇ-ରେଜିଷ୍ଟ୍ରେସନ୍ କାଉଣ୍ଟର ସୁବିଧା ଉପଲବ୍ଧ ହେବା ଯୋଗୁଁ ଲୋକେ ସହଜରେ ତଥା ଶୀଘ୍ର ସେବା ପାଇପାରିବେ ଏବଂ ନୂତନ ଗୃହ ନିର୍ମାଣ ହେବା ପରେ ସୁରୁଖୁରୁରେ ସେବା ମିଳିପାରିବ।

# ୟୁନିକ କ୍ରିକେଟ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ବାରବାଟି କ୍ରିକେଟ୍ ଟିମ କୁ ହରାଇ ଶିମିଳିସାହି ଚମ୍ପିୟାନ

**ନୂଆଗାଁ, ୨୧ (ନି.ପ୍ର):** ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଦୁରୁଦୁରା ପଞ୍ଚାୟତ ର ଶିମିଳିସାହି ଠାରେ ୟୁନିକ କ୍ରିକେଟ କ୍ଲବ୍, ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାରବାଟି କ୍ରିକେଟ୍ ଟିମ କୁ ହରାଇ ଶିମିଳିସାହି କ୍ରିକେଟ୍ ଟିମ୍ ଚମ୍ପିୟାନ ହୋଇ ହାସଲ କରିଛି ଚମ୍ପିୟାନ ଟ୍ରଫିଁସୂଚନା ଅନୁଯାୟୀ ୟୁନିକ କ୍ରିକେଟ କ୍ଲବ୍, ଶିମିଳିସାହି, ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡିଆ। ଠାରେ ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ତା ୦୧/୦୧/୨୦୨୬ ରିଖ ଗୁରୁବାର ଦିନ ଉଦଯାପିତ ହୋଇଥିବା ବେଳେ, ଆଜି ଖେଳର ଶେଷ ଦିବସରେ ଶିମିଳିସାହି କ୍ରିକେଟ୍ ଟିମ୍ ଓ ବାରବାଟି କ୍ରିକେଟ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଶିମିଳିସାହି ଟିମ ଟସ୍ ଜିତି



ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ରେ ୨୮୮ ରନ କରିଥିଲା ଏବଂ ତାର ଜବାବରେ ବାରବାଟି ଟିମ୍ ତାର ସମସ୍ତ ଖେଳାଳିଙ୍କୁ ହରାଇ ମାତ୍ର ୧୯୦ ରନ ସଂଗ୍ରହ କରିଥିଲା। ଫଳରେ ଶିମିଳିସାହି ଟିମ୍ ମ୍ୟାଚ୍ ଜିତି ଚମ୍ପିୟାନ ହୋଇ ଥିଲା ଓ ବାରବାଟି ଟିମ୍ ରନର୍ସଅପ ହୋଇଥିଲା। ଆଜି ଟୁର୍ଣ୍ଣାମେଣ୍ଟର ର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର, ଆଦର୍ଶ କୃଷକ ତଥା ସମାଜସେବୀ ଶ୍ରୀ ସୂର୍ଯ୍ୟନାରାୟଣ ସାହୁ,ସମ୍ମାନିତ ଅତିଥି ଭାବେ ଦୁରୁଦୁରା ଗ୍ରାମପଞ୍ଚାୟତ ସରପଞ୍ଚ ସଞ୍ଜୟ କୁମାର ସାହୁ, ସମିତିସଭ୍ୟ ଗଗନ ବିହାରୀ ମହାପାତ୍ର, ଶିମିଳିସାହି ପ୍ରାଥମିକ କୃଷି ସମବାୟ ସମିତି ର ସଂପାଦକ ବିଶ୍ୱମୋହନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥଲେ। ଫାଇନାଲ ମ୍ୟାଚରେ ଉପସ୍ଥିତ ଅତିଥି ମାନେ ଚମ୍ପିୟାନ ହୋଇଥିବା ଶିମିଳିସାହି କ୍ରିକେଟ ଟିମ କୁ ଚମ୍ପିୟାନ ଟ୍ରଫି ଏବଂ ବାରବାଟି ଟିମ୍ କୁ ରନର୍ସଅପ ଟ୍ରଫି ପ୍ରଦାନ କରିବା ସହ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ୟୁନିକ୍ କ୍ରିକେଟ କ୍ଲବ୍ ପକ୍ଷରୁ ଅନୁଷ୍ଠିତ ଏହି କ୍ରିକେଟ ଖେଳ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଖେଳପ୍ରେମି ଦର୍ଶକ ମାନେ ଉପସ୍ଥିତ ଥିଲେ।

# ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ରକ୍ତଦାନ ଶିବିର ଆୟୋଜିତ



**ଅନୁଗୋଳ, ୨୧ (ନି.ପ୍ର) :** ସଚେତନତାରୁ ସୁରକ୍ଷା, ପ୍ରଯୁକ୍ତିରୁ ପରିବର୍ତ୍ତନର ବାର୍ତ୍ତା ନେଇ 'ଜାତୀୟ ସଡ଼କ ସୁରକ୍ଷା ମାସ ୨୦୨୬' ଜାନୁୟାରୀ ୧ ରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି। ଏହି ଅବସରରେ ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାହୁଲ ଜୈନ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଉଦୟ କୁମାର ମହାପାତ୍ର, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସମ୍ବିତ କୁମାର ପଟ୍ଟନାୟକଙ୍କ ସମେତ ପୋଲିସ ବିଭାଗର ବିଭିନ୍ନ ଅଧିକାରୀ, ଟ୍ରକ୍ ବସ୍ ମାଲିକ ସଂଘର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ରକ୍ତଦାନ ଶିବିରରେ ୯୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

# 'ଆଗେଇବା' ଖବର କାଗଜ ଦୈନିକ ପ୍ରକାଶନର ପ୍ରଥମ ବାର୍ଷିକୀ ଉତ୍ସବ ଓ ସ୍ୱାଭିମାନ ଦିବସ ପାଳିତ

**ଅନୁଗୋଳ, ୨୧ (ନି.ପ୍ର) :** ଆଗେଇବା ଖବର କାଗଜ ଦୈନିକ ପ୍ରକାଶନର ପ୍ରଥମ ବାର୍ଷିକୀ ଉତ୍ସବ ଓ ସ୍ୱାଭିମାନ ଦିବସ ଏୟୁସିସି ବ୍ୟାଙ୍କ୍ ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଅଛି। ଆଗେଇବା ସମ୍ପାଦକ ତଥା ପୂର୍ବତନ ସାଂସଦ ମହେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରତିନିଧି ପର୍ଶୁରାମ ଦାଶ ମଞ୍ଚ ପରିଚାଳନା କରିଥିଲେ ଯ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଅନୁଗୋଳ ପୌରପାଳିକା ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଯୋଗଦେଇଥିଲେ। ୧୯୮୧ ମସିହା ଠାରୁ ପାକ୍ଷିକ ଓ ପରେ ସାପ୍ତାହିକ ଖବର କାଗଜ



ପ୍ରକାଶନ ପରେ ଲୋକଙ୍କ ସ୍ୱର ହୋଇ ଛିଡା ହେବାର ପରିକଳ୍ପନାରେ ଏହା ୨୦୨୫ ମସିହା ଜାନୁଆରୀ ୧ ତାରିଖ ଦିନ ଦୈନିକ ପ୍ରକାଶନର ମାନ୍ୟତା ପାଇଥିଲା ବୋଲି ସମ୍ପାଦକ ମହେଶ ସାହୁ ପ୍ରକାଶ କରିଥିଲେ। ଘାତ ପ୍ରତିଘାତ ଦେଇ ୪୫ ବର୍ଷ ଧରି ଅଦ୍ୟାବଧି ଅଣ୍ଟାଭିଡି ଛିଡ଼ା ହୋଇ ଲୋକଙ୍କୁ ଖବର ପହଞ୍ଚାଇ ପାରୁଥିବାରୁ ଏହାର ଅତିଥି ମାନେ ଏହାର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଅନୁଗୋଳରେ ବଢୁଥିବା ପ୍ରଦୂଷଣ ପ୍ରସଙ୍ଗରେ ସଭାଗୃହ ମଧ୍ୟର ଉଦବେଗ ପ୍ରକାଶ ପାଇଥିଲା। ଯେଉଁଥିରେ ସାମ୍ବାଦିକ ଓ ଓକିଲ ମାନଙ୍କ ନେତୃତ୍ୱରେ ଜନସାଧାରଣଙ୍କୁ ସାମିଲ କରାଯାଇ ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ନିମନ୍ତେ ଆଲୋଚନା ହୋଇଥିଲା । ୧୯୭୫ ମସିହା ଆପାତ କାଳୀନ ସମୟରେ ଏହା ବିରୋଧରେ ଆନ୍ଦୋଳନ କରି କେନ୍ଦ୍ର ସରକାର ଦ୍ୱାରା ଗିରଫ ହୋଇ ବର୍ଷାଧିକ କାଳ କାରାବରଣ କରିଥିବା ଓ ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଅନୁଗୋଳରେ ଦୁଇଜଣ ଲୋକତନ୍ତ୍ର ସେନାନୀ ତ୍ରିଲୋଚନ ପ୍ରଧାନ ଓ ବିଶ୍ୱନାଥ ପଣ୍ଡାଙ୍କ କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଯୋଗଦେଇଥିବା ବେଳେ ଶେଷରେ ସମାଜସେବୀ ବିମଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପାରଳାଖେମୁଣ୍ଡି ସହରରେ ଘନ କୁହୁଡି : ଯାତାୟାତ ବାଧାପ୍ରାପ୍ତ



**ଗଜପତି, ୨୧ (ନି.ପ୍ର) :** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ରେ କିଛି ଦିନ ହେଲା। ଘନ କୁହୁଡି ହଉଛି। ଯାହା ଫଳ ରେ ଯାତାୟାତ ରେ ଅସୁବିଧା ସମ୍ମୁଖୀନ ହଉଛି। ଲୋକେ ପ୍ରାୟତ ଭ୍ରମଣ କରିବ ବେଳେ ଅସୁବିଧା ହଉଛି ଏପରିକି ଦିନ ଦଶ ଘଣ୍ଟା ପରେ ବି କୁହୁଡି ହଟୁ ନାହିଁ। ଯାନବାହାନ ଚଳାଚଳ ରେ ଅସୁବିଧା ସମ୍ମୁଖୀନ ହଉଛି। ଶୀତ କମିଛି କିନ୍ତୁ କୁହୁଡି ବଢୁଛି ।

# ବରିଷ୍ଠ ଓକିଲ ସୁବାସ ଚନ୍ଦ୍ର ସାହୁ ଜିପି ଭାବେ ଦାୟିତ୍ୱ ଗ୍ରହଣ



ଅନୁଗୁଳ,୨।୧(ନି.ପ୍ର.): : ଅନୁଗୁଳ ଜିଲ୍ଲାର ସରକାରୀ ଓକିଲ (ଜିପି) ଭାବରେ ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ସାହୁ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଗତ ୨୪ ତାରିଖରେ ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶପାଇଥିବା ବେଳେ ଦୁଇ ଦିନ ତଳେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ସାହୁ ଦୀର୍ଘ ୪୫ ବର୍ଷ ଧରି ଓକିଲାତି କରିଆସୁଛନ୍ତି। ସରକାରଙ୍କ ସମସ୍ତ ମକଦ୍ଦମାକୁ ଜନସ୍ୱାର୍ଥ ସମ୍ବନ୍ଧିତ ରାୟ ପ୍ରଦାନକ୍ଷେତ୍ରରେ ନିରନ୍ତର ପ୍ରୟାସ କରିବେ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ତାଙ୍କୁ ଜିପି ଭାବରେ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଓ ପାଲଲହଡା ବିଧାୟକ ଅଶୋକ ମହାନ୍ତି ପ୍ରମୁଖଙ୍କୁ ଶ୍ରୀ ସାହୁ କୃତଜ୍ଞତା ଜଣାଇଛନ୍ତି ।

# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ରେକର୍ଡ ପଣ୍ୟ ପରିବହନ

ଭୁବନେଶ୍ୱର,୨।୧(ନି.ପ୍ର.) ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ର ପ୍ରଥମ ତିନି ତ୍ରୈମାସିକରେ ପଣ୍ୟ ପରିବହନ ଏବଂ ଟ୍ରାଫିକ୍ ପରିଚାଳନାରେ ଉଲ୍ଲେଖନୀୟ ପ୍ରଦର୍ଶନ ରେକର୍ଡ କରିଛି ଯାହା ନିରନ୍ତର ଅଭିବୃଦ୍ଧି, ଅଧିକ ୱାଗନ୍ ବ୍ୟବହାର ଏବଂ ବର୍ଦ୍ଧିତ କାର୍ଯ୍ୟକ୍ଷମତାକୁ ପ୍ରତିଫଳିତ କରୁଅଛି ।

୨୦୨୫ ଏପ୍ରିଲରୁ ଡିସେମ୍ବର ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୩୦.୩୬ ନିୟୁତ ଟନ୍ ପଣ୍ୟ ପରିବହନ କରିଛି ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୧୧୯.୫୬ ନିୟୁତ ଟନ୍ ପଣ୍ୟ ପରିବହନ ତୁଳନାରେ ୯% ବୃଦ୍ଧି କରି ଗତ ବର୍ଷ ତୁଳନାରେ ୧୦.୮୦ ନିୟୁତ ଟନ୍ ଅଧିକ ପଣ୍ୟ ବୋଝେଇ କରିପାରିଛି ।



ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ସମୁଦାୟ ୨୦୯.୯୭ ନିୟୁତ ଟନ୍ ପଣ୍ୟ ପରିବହନ କରି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ପଣ୍ୟ ପରିବହନ ୧୮୮.୬୪ ନିୟୁତ ଟନ୍ ତୁଳନାରେ ୧୧.୩% ପ୍ରଭାବଶାଳୀ ଅଭିବୃଦ୍ଧି ହାସଲ କରିଛି ଯାହା ଅତିରିକ୍ତ ୨୧.୩୩ ନିୟୁତ ଟନ୍ ଅଧିକ ବୋଝେଇ ହାସଲ କରିଛି ।କେବଳ ଡିସେମ୍ବର ୨୦୨୫ ରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୧୫.୨୩ ନିୟୁତ ଟନ୍ ପଣ୍ୟ ପରିବହନ କରିଥିଲା ଯାହା ଡିସେମ୍ବର ୨୦୨୪ ର ପଣ୍ୟ ପରିବହନ ୧୪.୭୩ ନିୟୁତ ଟନ୍ ବୋଝେଇ ତୁଳନାରେ ୩% ବୃଦ୍ଧି ପାଇଛି । ସେହିପରି, କେବଳ ଡିସେମ୍ବର ମାସରେ ପୂର୍ବ ତଟ ରେଳପଥ ପୂର୍ବ ଆର୍ଥିକ ବର୍ଷ ପଣ୍ୟ ବୋଝେଇ ୨୩.୨୭ ନିୟୁତ ଟନ୍ ତୁଳନାରେ ୨୫.୨୫ ନିୟୁତ ଟନ୍ ପଣ୍ୟ ପରିବହନ କରି ୯% ଅଭିବୃଦ୍ଧି ଆଣିପାରିଛି ।

ଏପ୍ରିଲ ରୁ ଡିସେମ୍ବର ୨୦୨୫ ସମୟ ମଧ୍ୟରେ, ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପ୍ରତିଦିନ ହାରାହାରି ୭୦୬୮ ୱାଗନ୍ ବ୍ୟବହାର କରିଥିଲା ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୬୫୯୬ ୱାଗନ୍ ବ୍ୟବହାର ଠାରୁ ୭% ଅଧିକ ଅଟେ । ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ପ୍ରତିଦିନ ହାରାହାରି ୧୧,୩୮୯ ୱାଗନ୍ ବ୍ୟବହାର କରିଥିଲା ଯାହା ପୂର୍ବ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୧୦୪୧୫ ୱାଗନ୍ ବ୍ୟବହାର ଠାରୁ ୯% ଅଭିବୃଦ୍ଧି କରିପାରିଛି ।

କେବଳ ଡିସେମ୍ବର ୨୦୨୫ ରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପ୍ରତିଦିନ ହାରାହାରି ୭,୩୩୧ ୱାଗନ୍ ବ୍ୟବହାର ହାସଲ କରି ଡିସେମ୍ବର ୨୦୨୪ ରେ ହାରାହାରି ଦୈନିକ ୭,୦୮୮ ୱାଗନ୍ ବ୍ୟବହାର ତୁଳନାରେ ୩% ବୃଦ୍ଧି ଆଣିପାରିଛି । ଏହି ମାସରେ ପୂର୍ବତଟ ରେଳପଥ ଦୈନିକ ହାରାହାରି ୧୨,୧୧୨ ୱାଗନ୍ ବ୍ୟବହାର କରି ଗତ ଆର୍ଥିକ ବର୍ଷର ସମାନ ସମୟ ମଧ୍ୟରେ ୱାଗନ୍ ବ୍ୟବହାର ୧୧୨୫୦ ତୁଳନାରେ ୮% ଅଭିବୃଦ୍ଧି ପଞ୍ଜୀକରଣ କରିଅଛି ।

ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ବିଭିନ୍ନ ସାମଗ୍ରୀରେ ଯଥେଷ୍ଟ ପଣ୍ୟ ପରିବହନ ରେକର୍ଡ କରିଅଛି ଯାହା ମୁଖ୍ୟତଃ ଶିଳ୍ପ ଏବଂ ଅତ୍ୟାବଶ୍ୟକୀୟ ଯୋଗାଣକୁ ସମର୍ଥନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଲ୍ଲେଖ କରିଅଛି । ପଣ୍ୟ ବୋଝେଇରେ ୧୧୭.୮୩ ନିୟୁତ ଟନ୍ କୋଇଲା, ଷ୍ଟିଲ୍ ପ୍ଲାଣ୍ଟ ପାଇଁ ୭.୮୯ ନିୟୁତ ଟନ୍ କଞ୍ଚାମାଲ, ୧୯.୭୬ ନିୟୁତ ଟନ୍ ଲୁହା ଏବଂ ଇସ୍ପାତ, ୨୭.୫୧ ନିୟୁତ ଟନ୍ ଲୁହା ପଥର, ୦.୭୫ ନିୟୁତ ଟନ୍ ସିମେଣ୍ଟ, ୨.୪୩ ନିୟୁତ ଟନ୍ ଖାଦ୍ୟଶସ୍ୟ, ୭.୨୨ ନିୟୁତ ଟନ୍ ସାର, ୨.୪୩ ନିୟୁତ ଟନ୍ ଖଣିଜ ତୈଳ ଏବଂ ୪.୦୩ ନିୟୁତ ଟନ୍ କଣ୍ଟେନରରେ ପରିବହନ ହେଉଥିବା ସାମଗ୍ରୀ ଅନ୍ତର୍ଭୁକ୍ତ ଅଟେ । ଏହା ବ୍ୟତୀତ, ୨୦.୧୩ ନିୟୁତ ଟନ୍ ଅନ୍ୟାନ୍ୟ ସାମଗ୍ରୀ ବୋଝେଇ କରାଯାଇଥିଲା ଯେଉଁଥିରେ ଇସ୍ପାତ କାରଖାନା ପାଇଁ କଞ୍ଚାମାଲ, ଆଲୁମିନା, ବକ୍ସାଇଟ୍, କଷ୍ଟିକ୍ ସୋଡା, ଜିପସମ୍, କ୍ୱାର୍ଟଜାଇଟ୍, ଫ୍ଲାଏ ଆସ୍, ମାଙ୍ଗାନିଜ୍ ଇତ୍ୟାଦି ଅନ୍ତର୍ଭୁକ୍ତ ଅଟେ ଯାହା ଶିଳ୍ପ ଅଭିବୃଦ୍ଧି ଏବଂ ଜାତୀୟ ଲଜିଷ୍ଟିକ୍ସରେ ପୂର୍ବତଟ ରେଳପଥର ଦୃଢ଼ ଅବଦାନକୁ ରେଖାଙ୍କିତ କରୁଅଛି ।

ପଣ୍ୟ ପରିବହନ, ୱାଗନ୍ ବ୍ୟବହାର ଏବଂ ରୋଜଗାରରେ ସ୍ଥିର ଅଭିବୃଦ୍ଧି ପଣ୍ୟ ପରିବହନ କାର୍ଯ୍ୟକୁ ବୃଦ୍ଧି କରିବା, ବନ୍ଦର-ରେଳ ସଂଯୋଗକୁ ସୁଦୃଢ଼ କରିବା ଏବଂ ଦେଶର ଲଜିଷ୍ଟିକ୍ସ ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବା ପାଇଁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରିଆସୁଅଛି ।

# ରାଜ୍ୟର ୫ ସହରରେ ଏକ୍ୟୁଆଇ ୩୦୦ ପାର୍

ଭୁବନେଶ୍ୱର,୨।୧(ନି.ପ୍ର.): ରାଜ୍ୟରେ ପ୍ରଦୂଷଣ ବିଷ ମାଡିଚାଲିଛି। କୁହୁଡି ଆସ୍ତରଣ ଭିତରେବାୟୁରେ ଧୂଳିକଣା ଯେମିତି ଜମାଟବାନ୍ଧି ଦେଇଛି। ୮ଟି ସହରରେଲଗାତାର ଭାବେ ପ୍ରଦୂଷଣସ୍ତର ଚିନ୍ତାଜନକ । ୫ଟି ସହରରେଏକ୍ୟୁଆଇ ୩୦୦ ପାର୍ କରିଛି । ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣବୋର୍ଡ ତଥ୍ୟ ଅନୁଯାୟୀ ଗତ ୨୪ଘଣ୍ଟାରେ ବାଲେଶ୍ୱରରେ ବାୟୁର ମାନ



(ଏକ୍ୟୁଆଇ) ୩୩୭ ଥିଲା । ବାରିପଦା ଏକ୍ୟୁଆଇ ୩୧୯, ତାଳଚେର ୩୧୦, ଭୁବନେଶ୍ୱର ୩୦୫, କଟକ ୩୦୪, ଅନୁଗୁଳ ୨୯୬, ବ୍ୟାସନଗର ୨୮୩, କେନ୍ଦୁଝର ୨୭୭ ଛୁଇଁଥିଲା । ଲଗାତାରଭାବେ ଓଡିଶାରେ ଏଭଳି ବାୟୁପ୍ରଦୂଷଣ ପୂର୍ବରୁ କେବେ ନଥିଲା। ଏହାକୁ ନେଇ ପାଣିପାଗ ବିଶେଷଜ୍ଞଓ ପରିବେଶ ପ୍ରେମୀ ଚିନ୍ତା ପ୍ରକଟକରିଛନ୍ତି। ସକାଳ ଓ ସନ୍ଧ୍ୟା ସମୟରେବାୟୁ ପ୍ରଦୂଷଣ ଦ୍ରୁତ ଗତିରେ ବଢ଼ୁଛି ।

# ଜିଲ୍ଲାସ୍ତରୀୟ ଓବିସି ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର,୨।୧(ନି.ପ୍ର.):: ଓବିସି ସମାଜର ଅଧିକାର ପାଇଁ ସଚେତନତା ବଢ଼ାଇବାକୁ ଜିଲ୍ଲାସ୍ତରୀୟ ଓବିସି ମଞ୍ଚର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ଶଙ୍କର ପାତ୍ରଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସମ୍ପାଦକ ପ୍ରଦେଶୀ ବିଶ୍ୱାଳ ଓବିସି ବର୍ଗର ଲୋକମାନେ ଶିକ୍ଷା, ଚାକିରି ଏବଂ ରାଜନୀତିରେ ସମାନୁପାତିକ ସଂରକ୍ଷଣ ନ ପାଇବା ଉପରେ କ୍ଷୋଭ ପ୍ରକାଶ କରିଛନ୍ତି।

ଉଚ୍ଚ ନ୍ୟାୟାଳୟ, ସର୍ବୋଚ୍ଚ ନ୍ୟାୟାଳୟ ଏବଂ ସରକାରୀ ବରିଷ୍ଠ ପଦବୀରେ ଓବିସି ପ୍ରାର୍ଥୀଙ୍କୁ ସଂରକ୍ଷଣ ନ ଦିଆଯିବା ଉପରେ ବିଶ୍ୱାଳ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓବିସିଙ୍କ ସାମ୍ବିଧାନିକ ଅଧିକାର ସଚେତନତା ପାଇଁ ଜିଲ୍ଲାର ସମସ୍ତ ଗ୍ରାମାଞ୍ଚଳକୁ ଯାଇ ସଚେତନତା ଅଭିଯାନ 'ଗାଁ କୁ ଚାଲ' କରିବାକୁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଏହି ଅଭିଯାନ ମାଧ୍ୟମରେ ଓବିସି ସମାଜର ଲୋକଙ୍କୁ ସଚେତନ କରାଯିବ ଏବଂ ସଂରକ୍ଷଣ ଦାବିକୁ ଜୋରଦାର କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହାଛଡ଼ା କମିଟିର ଯୌଥ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା ଦାୟିତ୍ୱ ସମ୍ପାଦକ ପ୍ରଦେଶୀ ବିଶ୍ୱାଳ ଏବଂ କୋଷାଧ୍ୟକ୍ଷ ମଧୁସୂଦନ ଖେତୀଙ୍କୁ ସର୍ବସମ୍ମତିକ୍ରମେ ଅର୍ପଣ କରାଯାଇଛି।

କମିଟିକୁ ପରିବର୍ଦ୍ଧିତ କରି ଅତିରିକ୍ତ ଭାବେ ପଞ୍ଚାନନ ସାଙ୍କୁ ଯୁବ ସଂଗଠନ ଦାୟିତ୍ୱ ପ୍ରଦାନ କରାଯାଇଛି। ବୈଠକରେ ପ୍ରଦୀପ କୁମାର ବେହେରା, ରାମଚନ୍ଦ୍ର ବେହେରା, ଉତ୍ତମ ଖମାରୀ, ମଧୁସୂଦନ ଖେତୀ, ଶୁଶାନ୍ତ କଲତା, ଟଙ୍କଧର ଗଡ଼ନାୟକ, ବ୍ରଜଭୂଷଣ ସାଏ, ନିରଞ୍ଜନ ଡାଙ୍ଗ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ମଞ୍ଜରୀ ପଟେଲ, ସସ୍ମିତା ମେହେର, ଲକ୍ଷ୍ମୀ ଜୁଏଡ଼, ସୁବାସିନୀ ସାହୁ, ଆନନ୍ଦ ପଧାନ, କିଶୋର ଚନ୍ଦ୍ର ସାଏ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଓବିସି ମଞ୍ଚ ସଂଯୋଜକ ସରୋଜ କୁମାର ମେଶ୍ୱାସଭା ପରିଚାଳନା କରିଥିଲେ।

# ବନ୍ଧାହେଲେ ଫରେଷ୍ଟର

ଭବାନୀପାଟଣା,୨।୧(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଥୁଆମୂଳ ରାମପୁର ରେଞ୍ଜର ପୂର୍ବତନ ଫରେଷ୍ଟର ଜୟ କୁମାର ଜୁଆଡ଼ଙ୍କୁ ୫୫ଲକ୍ଷ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଗତ ୨୦୨୪-୨୫ରେ ବୃକ୍ଷରୋପଣ ନାଁରେ ନକଲି ମଷ୍ଟର ରୋଲ୍ ଓ ଜବ କାର୍ଡ ଦେଖାଇ ଏହି ଟଙ୍କାକୁ ସେ ଆତ୍ମସାତ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ସେ ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ରେଞ୍ଜରେ ହାତୀର ଗତିବିଧି ତଦାରଖ କରିବା ପାଇଁ ନିୟୋଜିତ ଥିଲେ।

# ଯୁବକଙ୍କୁ ଦଳିଦେଲା ହାତୀ

ଖୋର୍ଦ୍ଧା,୨।୧(ନି.ପ୍ର): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଭୂଆସୁଣି ପାଟଣା ଗାଁରେ ଯୁବକଙ୍କୁ ଜଣେ ଯୁବକଙ୍କୁ ଏକ ଦନ୍ତା ଦଳି ଦେଇଛି। ମୃତକ ହେଲେ ପ୍ରିୟବ୍ରତ ପରିଡା ।ସୂଚନା ଅନୁଯାୟୀ ତିନି ଦିନ ଧରି ବେଗୁନିଆ ଅଞ୍ଚଳର ଆଖପାଖ ଜଙ୍ଗଲରେ ୧୫ଟିକିଆ ହାତୀ ପଲ ବୁଲୁଛନ୍ତି। ଶୁକ୍ରବାର ସକାଳେ ଭୂଆସୁଣି ପାଟଣା ଗାଁ ମୁଣ୍ଡରେ ଥିବା ଜଙ୍ଗଲରେ ହାତୀପଲଙ୍କୁ ଟ୍ରାକ କରୁଥିବା ବନବିଭାଗ କର୍ମଚାରୀ ଡ଼ାକବାଜି ଯନ୍ତ୍ର ଯୋଗେ ଗାଁ ଲୋକମାନଙ୍କୁ ହାତୀଠାରୁ ଦୂରରେ ରହିବା ପାଇଁ ପରାମର୍ଶ ଦେଇଥିଲେ । ଗାଁ ଚାରିଜଣ ଯୁବକ ଅନ୍ୟ ବାଟରେ ଯାଇ ହାତୀ ଦେଖୁଥିବା ବେଳେ ଜଣେ ଯୁବକଙ୍କୁ ହାତୀ ଦଳି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ବନପାଳ ସୂଚନା ଦେଇଛନ୍ତି। ଘଟଣା ସ୍ଥଳରେ ଚାପା ଉତ୍ତୋଜନା ଦେଖିବାକୁ ମିଳିଥିବା ବେଳେ ବେଗୁନିଆ ପୋଲିସ ସହ ବନବିଭାଗ



ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡିଛି। ହାତୀଟି ମାରିବା ପରେ ମଧ ସେଇ ସ୍ଥାନ ଛାଡି ଯାଇ ନାହିଁ।

# ଏମ୍ସରେ ପ୍ରତିଷ୍ଠା ହେବ କ୍ରିଟିକାଲ୍ କେୟାର୍ ହସ୍ପିଟାଲ୍

ଭୁବନେଶ୍ୱର,୦୨।୦୧( ନି.ପ୍ର.): ଚଳିତ ବର୍ଷ ସ୍ୱାସ୍ଥ୍ୟକ୍ଷେତ୍ରରେ ରାଜଧାନୀ ଭୁବନେଶ୍ୱର ପାଇଁ ଖୁବ ଭଲ ସମୟ ରହିଛି । ଭୁବନେଶ୍ୱରକୁ ଆସୁଥିବା ରୋଗୀମାନଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବାକୁ ରାଜ୍ୟ ସରକାରଙ୍କ ଥିବା ଲକ୍ଷ୍ୟକୁ ଆଉ ପାଦେ ଆଗେଇନେବେ ଭୁବନେଶ୍ୱର ଏମ୍ସ ଓ କ୍ୟାପିଟାଲ ହସ୍ପିଟାଲ । ଗୋଟିଏ ପଟେ କ୍ୟାପିଟାଲ ହସ୍ପିଟାଲ ପରିସରରେ ଟ୍ରମା କେନ୍ଦ୍ର ଲୋକାର୍ପଣ ପାଇଁ ପ୍ରସ୍ତୁତି ସରିଥିବାବେଳେ ଏମ୍ସ ପରିସରରେ ବିଶାଳ କ୍ରିଟିକାଲ କେୟାର ହସ୍ପିଟାଲ୍ ଠିଆ ହେବ । ଗୋଟିଏ ବର୍ଷ ଭିତରେ ଏହି ହସ୍ପିଟାଲ୍ କାମ ସରିବ । ଏଥିରେ ୧୫୦ ଶଯ୍ୟା ବିଶିଷ୍ଟ ଆଇସିୟୁ ରହିବ ।

# ଚିଲିକାରେ ଦିନ ୧୧ଟା ଯାଏ ଚାଲିବନି ଡଙ୍ଗା

କୃଷ୍ଣପ୍ରସାଦ୨।୧( ନି.ପ୍ର.): ଚିଲିକା ପର୍ଯ୍ୟଟକଙ୍କ ପାଇଁ ସତର୍କ ସୂଚନା । ଚିଲିକା ଯିବାକୁ ଚିନ୍ତା କରୁଥିଲେ ଜାଣିରଖନ୍ତୁ ଏହି ଖବର । କୁହୁଡି ପାଇଁ ଚିଲିକାରେ ଡଙ୍ଗା ଚଳାଚଳକୁ ନେଇ ଲାଗିଲା କଟକଣା । ଗତକାଲିର ଅଘଟଣ ପରେ ପୁରୀ ଜିଲ୍ଲାପାଳ କଡା ନିର୍ଦ୍ଦେଶ ଜାରି କରିଛନ୍ତି । ଦିନ ୧୧ଟା ପର୍ଯ୍ୟନ୍ତ ଚିଲିକାରେ କୌଣସି ପ୍ରକାର ଡଙ୍ଗା ଚାଲିବନି। ପର୍ଯ୍ୟଟକଙ୍କ ବୋଟ୍, ଛୋଟ ମଟର, ମାଲ ବାହୀ ଡଙ୍ଗା ଓ ଭସାପୋଲ ସବୁକିଛିରେ କଟକଣା ଲଗାଇଛନ୍ତି ପୁରୀ ଜିଲ୍ଲାପାଳ। ପ୍ରବଳ କୁହୁଡିରେ ଚିଲିକା ଅଞ୍ଚଳରେ ଦୃଶ୍ୟମାନତା କମୁଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏଭଳି କଡା ପଦକ୍ଷେପ ନିଆଯାଇଛି।

କୁହୁଡି ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି ପୁରୀ ଜିଲ୍ଲାପାଳ। ଘନ କୁହୁଡି ସମୟରେ କୌଣସି ବି ପରିବହନ ଯେପରି ନ ହୁଏ ତାକୁ ନଜର ରଖିବେ ପୁଲିସ ଓ ସ୍ଥାନୀୟ ପ୍ରଶାସନ। ଏନେଇ ସ୍ଥାନୀୟ ଲୋକଙ୍କୁ ଡାକ ବାଜି ଯନ୍ତ୍ର ଦ୍ୱାରା ସଚେତନ କରାଇଛନ୍ତି ସ୍ଥାନୀୟ ବିଡିଓ । ଗତକାଲି କୁହୁଡି ଯୋଗୁଁ ଏକ ଭସାପୋଲ ଚିଲିକା ମଝିରେ ଫସିଥିଲା । ସେଥିରୁ ଖସିପଡି ଜଣେ ବ୍ୟକ୍ତିଙ୍କ ଜୀବନ ମଧ ଚାଲି ଯାଇଥିଲା। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ଏ କଡ଼ା ନିଷ୍ପତ୍ତିକୁ ଅମାନ୍ୟ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ।

ଏ ନେଇ ପୁରୀ ଏସପି, ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ ପର୍ଯ୍ୟଟନ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଓ କୋଣାର୍କ ପର୍ଯ୍ୟଟନ ଉନ୍ନୟନ ଅଧିକାରୀଙ୍କୁ ଚିଠି ହୋଇଛି।

ରାଜ୍ୟବାସୀ ଶୀତରୁ ସାମାନ୍ୟ ଆଶ୍ୱସ୍ତି ପାଇଥିବା ବେଳେ ଘନ କୁହୁଡି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହେଉଛି। ଗତକାଲି ନୟାଗଡ, ଅନୁଗୁଳ, ସମ୍ବଲପୁର, ତାଳଚେର, ଢେଙ୍କାନାଳ ଓ ବୌଦ୍ଧରେ ଅତି ଘନକୁହୁଡି ଯୋଗୁଁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖରା ବାହାରି ନଥିଲା। ଏସବୁ ଅଞ୍ଚଳରେ ଦୃଶ୍ୟମାନ ଦୂରତା ୫୦ ମିଟରରୁ ବି କମ୍ ରହିଥିଲା। ଏଥିସହ ଭୁବନେଶ୍ୱର, ପାରାଦୀପ, ଖୋର୍ଦ୍ଧା, କେନ୍ଦୁଝର, ହୀରାକୁଦ, ପାରଳାଖେମୁଣ୍ଡି, ସୋନପୁର ଓ ଫୁଲବାଣୀରେ ଘନ କୁହୁଡି ଦେଖାଯାଇଥିଲା। ତେବେ ଆଜି ବି ରାଜ୍ୟର ବିଭିନ୍ନ ସ୍ଥାନରେ ଘନ କୁହୁଡିର ଦେଖିବାକୁ ମିଳିଛି।

# ହାଇ ରିଟର୍ଣ୍ଣ ଲୋଭ ଦେଖାଇ କୋଟି କୋଟି ଟଙ୍କା ଠକେଇ

ଭୁବନେଶ୍ୱର,୨।୧( ନି.ପ୍ର.): ଗ୍ରାହକଙ୍କୁ ହାଇ ରିଟର୍ଣ୍ଣର ଲୋଭ ଦେଖାଇ ଟଙ୍କା ଠକେଇ କରିଥିବା ଅଭିଯୋଗରେ ରଢ଼ଡ ଶୁକ୍ରବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ପଶ୍ଚିମବଙ୍ଗ ବାଙ୍କୁରାର ଅମିତ ମଣ୍ଡଳ ବୋଲି ଜଣାପଡିଛି।

ସେୟାର ଟେଡ୍ରିଂ ନାଁରେ ଅମିତ ଜମାକାରୀଙ୍କ କୋଟି କୋଟି କୋଟି ଟଙ୍କା ଠକେଇ କରିଥିବା ସୂଚନା ମିଳିଛି। ଓଡ଼ିଶାର ୫୦୦ ଏବଂ ପଶ୍ଚିମବଙ୍ଗରେ ୧୦୦ଜଣ ଜମାକାରୀଙ୍କଠାରୁ ପ୍ରାୟ ୧୨୦ କୋଟି ଟଙ୍କା ଟଙ୍କା ଠକେଇ ହୋଇଛି। ଜମାକାରୀଙ୍କ ଅଭିଯୋଗ ମୁତାବକ, ରଢ଼ଡ ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ତଦନ୍ତ ଆରମ୍ଭ କରିଛି।

# ସକାଳେ ହେଲା ପତିତପାବନଙ୍କ ଆଳତି

ପୁରୀ ୨।୧( ନି.ପ୍ର.): ପୁରୀ ଶ୍ରୀମନ୍ଦିର ନୀତିକ୍ରାନ୍ତିରେ ପୁଣି ବିଭ୍ରାଟ ଦେଖିବାକୁ ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ମହାପ୍ରଭୁଙ୍କ ନୀତିକୁ ଗୁରୁତ୍ୱ ଦେଇ ଆସୁଥିବା ବେଳେ ଅନେକ ସମୟରେ ନୀତିରେ ବିଳମ୍ବ ଦେଖିବାକୁ ମିଳୁଛି। ଯାହାକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖା ଦେଇଛି । ଶୁକ୍ରବାର ବିଳମ୍ବରେ ଶ୍ରୀମନ୍ଦିର ଗୁମୁଟରେ ଥିବା ପତିତପାବନଙ୍କ ଦ୍ୱାର ବିଳମ୍ବରେ ଖୋଲାହେବା ପରେ ଆଳତି ସମ୍ପନ୍ନ କରାଯାଇଛି ।ବିଶ୍ୱାସ ରହିଛି ମହାପ୍ରଭୁଙ୍କ ଦର୍ଶନ ଯେଉଁମାନେ କରି ପାରନ୍ତି ନାହିଁ,



ସେମାନେ ସିଂହଦ୍ୱାର ଗୁମୁଟରେ ଥିବା ପତିତପାବନଙ୍କ ଦର୍ଶନ କରିଥାନ୍ତି । ତେଣୁ ପ୍ରତ୍ୟେକ ଦିନ ସିଂହଦ୍ୱାର ସମ୍ମୁଖରେ ଭକ୍ତମାନେ ଦର୍ଶନ କରି କାର୍ଯ୍ୟ ଆରମ୍ଭ କରିଥାନ୍ତି । ଶ୍ରୀମନ୍ଦିର ଦ୍ୱାର ଖୋଲା ହେବା ପରେ ପତିତପାବନଙ୍କ ମନ୍ଦିର ଦ୍ୱାରା ଖୋଲାଯାଇଥାଏ । ମାତ୍ର ଶୁକ୍ରବାର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ପୂର୍ବାହ୍ନ ୯ ଟା ୪୫ ମିନିଟରେ ପତିତପାବନଙ୍କ ମନ୍ଦିର ଦ୍ୱାର ଖୋଲା ଯାଇ ଆଳତି କରାଯାଇଥିଲା । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପାଳିଆଙ୍କ ବ୍ୟକ୍ତିଗତ କାରଣ ଯୋଗୁ ଏପରି ବିଳମ୍ବ ହୋଇଥିବା ସୂଚନା ମିଳିଛି ।

# ଉନ୍ନୟନ କମିସନର ଭାବେ ଦାୟିତ୍ୱ ଗ୍ରହଣ କଲେ ଦେଓରଞ୍ଜନ

ଭୁବନେଶ୍ୱର,୨।୧(ନି.ପ୍ର.): ନୂତନ ଉନ୍ନୟନ କମିସନର ଭାବେ ଦାୟିତ୍ୱ ଗ୍ରହଣ କଲେ ଦେଓରଞ୍ଜନ କୁମାର ସିଂହ। ପୂର୍ବରୁ ଅନୁ ଗର୍ଗ ଉନ୍ନୟନ କମିସନର ଭାବେ କାର୍ଯ୍ୟ କରୁଥିଲେ। ସେ ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନେବା ପରେ ସେହି ପଦବୀ ଖାଲିପଡିଥିଲା। ୧୯୯୩ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଦେଓରଞ୍ଜନ କୁମାର ସିଂହଙ୍କୁ ଉନ୍ନୟନ କମିସନର ଭାବେ ନିଯୁକ୍ତି ଦିଆଯାଇଥିଲା। ସେ ଯୋଜନା ଓ ସଂଯୋଜନ ବିଭାଗ ସହ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ସମ୍ଭାଳିବେ। ଏହି ଅବସରରେ ସେ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଦେଇଛନ୍ତି। ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

ଏଣେ ୧୯୯୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ତଥା ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ରାଜସ୍ୱ ପର୍ଷଦ ସଦସ୍ୟ ଭାବେ ନିଯୁକ୍ତି ମିଳିଛି। ଶ୍ରୀ ସାହୁଙ୍କ ବ୍ୟାଚ୍‌ର ଅନୁ ଗର୍ଗ ମୁଖ୍ୟ ଶାସନ ସଚିବ ହେଲା ପରେ ଶ୍ରୀ ସାହୁଙ୍କୁ ଲୋକସେବା ଭବନ ବାହାରେ ଦାୟିତ୍ୱ ମିଳିଛି। ଏହି ବ୍ୟାଚ୍‌ର ଆଉ ଦୁଇ ଅଧିକାରୀ ସୌରଭ ଗର୍ଗ ଓ ସଞ୍ଜୟ ରାସ୍ତୋଗୀ ଏବେ କେନ୍ଦ୍ରୀୟ ଡେପୁଟେସନ୍‌ରେ ଅଛନ୍ତି। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ସମ୍ଭାଳିବେ।

# ପୂର୍ବତଟ ରେଳପଥର ନୂତନ ସମୟସାରଣୀ ପ୍ରଚଳନ

ଭୁବନେଶ୍ୱର୨।୧( ନି.ପ୍ର.):ପୂର୍ବତଟ ରେଳପଥ ତରଫରୁ ୧ ଜାନୁଆରୀ ୨୦୨୬ ଠାରୁ ନୂତନ ସମୟସାରଣୀ କାର୍ଯ୍ୟକାରୀ କରାଯାଇଛି । ଏହି ନୂତନ ସମୟସାରଣୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯାତ୍ରୀ ସୁବିଧା ବୃଦ୍ଧି, ଉନ୍ନତ ସଂଯୋଗ, ସମୟନିଷ୍ଠତା, ସୁରକ୍ଷା ଏବଂ ସୁଖଦ ଯାତ୍ରା ଅନୁଭୂତି ପ୍ରଦାନ କରିବା ।ନୂତନ ସମୟସାରଣୀ ଅନୁଯାୟୀ, ରେଳ ସଂଯୋଗ ସୁଦୃଢ଼ କରିବା ପାଇଁ ଛଅଟି ନୂତନ ଟ୍ରେନ (ତିନି ଯୋଡ଼ା) ଚଳାଚଳ ଆରମ୍ଭ କରାଯାଇଛି । ଏହାମାନଙ୍କ ମଧ୍ୟରେ ଉଧନା-ବ୍ରହ୍ମପୁର-ଉଧନା, ସମ୍ବଲପୁର-ବୌଦ୍ଧ-ସମ୍ବଲପୁର ଏବଂ ବୌଦ୍ଧ-ଭୁବନେଶ୍ୱର ନୂଆ-ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ ଅନ୍ତର୍ଭୁକ୍ତ ଅଛି ।

ଏହା ସହିତ, ଚଉଦଟି ଟ୍ରେନ (ସାତ ଯୋଡ଼ା) କୁ ନୂତନ ଗନ୍ତବ୍ୟସ୍ଥଳ ପର୍ଯ୍ୟନ୍ତ ବିସ୍ତାର କରାଯାଇଛି, ଯାହା ଦ୍ୱାରା ଅନ୍ତର୍ନିହିତ ଏବଂ ଅଞ୍ଚଳୀୟ ଅଞ୍ଚଳଗୁଡ଼ିକୁ ଉତ୍ତମ ରେଳ ସଂଯୋଗ ମିଳିବ । ଏମାନଙ୍କ ମଧ୍ୟରେ — ୧୨୮୭୧/୧୨୮୭୨ ହାଓଡ଼ା-ଟିଟିଲାଗଡ଼-ହାଓଡ଼ା ଏକ୍ସପ୍ରେସ୍ ଜୁନାଗଡ଼ ରୋଡ଼ ପର୍ଯ୍ୟନ୍ତ; ୫୮୩୦୫/୫୮୩୦୬, ୫୮୩୦୭/୫୮୩୦୮ ବଲାଙ୍ଗିର-ସୋନପୁର-ବଲାଙ୍ଗିର ପାସେଞ୍ଜର ଏବଂ ୧୨୮୯୩/୧୨୮୯୪ ଭୁବନେଶ୍ୱର-ସୋନପୁର-ଭୁବନେଶ୍ୱର ଇଣ୍ଟରସିଟି ପୁରୁଣାକଟକ ପର୍ଯ୍ୟନ୍ତ;

୨୨୮୨୦/୨୨୮୧୯ ବିଶାଖାପଟଣାମ-ଭୁବନେଶ୍ୱର-ବିଶାଖାପଟଣାମ ଇଣ୍ଟରସିଟି, ୧୭୦୧୫/୧୭୦୧୬ ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ ଏବଂ ୧୧୦୨୦/୧୧୦୧୯ ଭୁବନେଶ୍ୱର-ମୁମ୍ବାଇ CSMT କୋଣାର୍କ ଏକ୍ସପ୍ରେସ୍ କୁ ଭୁବନେଶ୍ୱର ନୂଆ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଅଛି ।

ଯାତ୍ରୀ ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ୧୯୦୨୧/୧୯୦୨୨ ଉଧନା-ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସ୍ ର ଚଳାଚଳ ସାପ୍ତାହିକରୁ ବୃଦ୍ଧି କରି ସପ୍ତାହକୁ ତିନି ଦିନ କରାଯାଇଛି । ଏହା ସହିତ ୨୦୭୦୭/



୨୦୭୦୮ ସିକନ୍ଦରାବାଦ-ବିଶାଖାପଟଣା ବନ୍ଦେ ଭାରତ ଏବଂ ୨୦୮୩୫/୨୦୮୩୬ ରାଉରକେଲା-ପୁରୀ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନର ଚଳାଚଳ ଦିନରେ ପରିବର୍ତ୍ତନ କରାଯାଇଛି । ୧୨୮୯୨/୧୨୮୯୧ ପୁରୀ-ଭଞ୍ଜପୁର-ପୁରୀ ଏକ୍ସପ୍ରେସ୍ ଟ୍ରେନ ନମ୍ବରକୁ ପରିବର୍ତନ କରାଯାଇଅଛି ଯାହା ୧ ଫେବୃଆରୀ ୨୦୨୬ ଠାରୁ କାର୍ଯ୍ୟକାରୀ ହେଉଛି ।ାତ୍ରା ସମୟ କମେଇବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ୧୦ଟି ଟ୍ରେନର ଗତି ବଢ଼ାଯାଇଛି ଯାହା ଦ୍ୱାରା କିଛି ରୁଟରେ ସର୍ବାଧିକ ୩୫ ମିନିଟ୍ ସମୟ ସଞ୍ଚୟ ହେବ । ଯାତ୍ରୀ ସୁରକ୍ଷା ଏବଂ ସୁବିଧା ବୃଦ୍ଧି ପାଇଁ ୪ ଟି ଟ୍ରେନ (ଦୁଇ ଯୋଡ଼ା) କୁ ଖଏଇ କୋଚ୍‌ରେ ପରିବର୍ତ୍ତନ କରାଯାଇଛି ।ନୂତନ ସମୟସାରଣୀ ଅନୁଯାୟୀ ଲୋଇସିଂହା, ନର୍ଲା ରୋଡ଼, ବୋଲଗଡ଼ ଟାଉନ ଚଏି, ସାନପଦର, ତରାବୋଇ, ସାଖୀଗୋପାଳ, ମଞ୍ଚେଶ୍ୱର, ନରାଜ ମାର୍ଥାପୁର, ଭୁସଣ୍ଡପୁର, ବଇଣ୍ଡା, ଅମ୍ଭୋଦଳା, ଥେରୁଭାଲି, ମୁରିବାହାଲ, ଦେଓଗାଁ ରୋଡ଼, ତାଳଚେର ରୋଡ଼ ଓ ନିର୍ଗୁଣ୍ଡି ଷ୍ଟେସନ ମାନଙ୍କ ଠାରେ ମୋଟ ୫୬ଟି ଟ୍ରେନ ଗୁଡିକର ନୂତନ ଷ୍ଟପେଜ୍ ପ୍ରଦାନ କରାଯାଇଛି । ଏହା ସହିତ ୨୫ ଟି ଟ୍ରେନ ର ଉତ୍ପତ୍ତି ଓ ଗନ୍ତବ୍ୟ ସ୍ଥଳ ମଧ୍ୟରେ ସମୟ ହ୍ରାସ କରାଯାଇଅଛି ଯାହାଦ୍ୱାରା ସମୟନିର୍ବର୍ତ୍ତିତା ସହ ଟ୍ରେନ ଚଳାଚଳ ସୁବିଧାଜନକ ହେବ ଏବଂ ଏଥିରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ଅଧୀନର ୩ଟି ଟ୍ରେନ ମଧ୍ୟ ଅନ୍ତର୍ଭୁକ୍ତ ଅଛି । ଟର୍ମିନାଲ ପରିଚାଳନା ସୁଦୃଢ଼ କରିବା ପାଇଁ ୨୭ ଟି ପୂର୍ବତଟ ରେଳପଥ ଅଧୀନ ଟ୍ରେନର ସମୟରେ ପରିବର୍ତ୍ତନ କରାଯାଇଛି । ଏହା ସହିତ ୧୦ ଟି ଟ୍ରେନ ୧ ଜାନୁଆରୀ ୨୦୨୬ ଠାରୁ କିଛି ମଧ୍ୟବର୍ତ୍ତୀ ଷ୍ଟେସନ ମାନଙ୍କ ଠାରେ ବର୍ତ୍ତମାନ ସମୟ ଆଗରୁ ଛାଡ଼ିବେ । ଏହି ଟ୍ରେନ୍ ଗୁଡିକ କିଛି ଷ୍ଟେସନରେ ବର୍ତ୍ତମାନର କାର୍ଯ୍ୟସୂଚୀ ପୂର୍ବରୁ ଛାଡିବ ଓ ଏହି ଟ୍ରେନ୍ ଗୁଡିକ ହେଉଛିଙ୍କ (୧) ୧୨୧୪୫ ଏଲଟିଟି-ପୁରୀ ସାପ୍ତାହିକ ଏକ୍ସପ୍ରେସ ଟିଟିଲାଗଡ, ବଲାଙ୍ଗୀର, ବରଗଡ ରୋଡ, ସମ୍ବଲପୁର, ଅନୁଗୁଳ, ତାଳଚେର, କଟକ, ଭୁବନେଶ୍ୱର ଓ ଖୋର୍ଦ୍ଧା ରୋଡ ଠାରେ; (୨) ୧୮୪୫୧ ହାଟିଆ-ପୁରୀ ତାପସ୍ୱିନି ଏକ୍ସପ୍ରେସ ସମ୍ବଲପୁର, ଅନୁଗୁଳ, ତାଳଚେର, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ ଠାରେ; (୩) ୧୨୮୭୯ ଏଲଟିଟି- ଭୁବନେଶ୍ୱର ଏକ୍ସପ୍ରେସ ସମ୍ବଲପୁର, ଅନୁଗୁଳ ଏବଂ କଟକ ଠାରେ; (୪) ୨୨୮୬୫ ଏଲଟିଟି- ପୁରୀ ଏକ୍ସପ୍ରେସ ସମ୍ବଲପୁର, ଅନୁଗୁଳ ଏବଂ କଟକ ଠାରେ; (୫) ୧୩୩୫୧ ଧାନବାଦ୍-ଆଲେପି ଏକ୍ସପ୍ରେସ ଟିଟିଲାଗଡରେ; (୬) ୨୦୮୦୭ ବିଶାଖାପାଟନମ୍-ଅମୃତସର ହିରାକୁଦ୍ ଏକ୍ସପ୍ରେସ ସମ୍ବଲପୁରରେ; (୭) ୧୮୦୦୫ ହାଓଡ଼ା-ଜଗଦଲପୁର ସମଲେଶ୍ୱରୀ ଏକ୍ସପ୍ରେସ ସମ୍ବଲପୁର, ରାୟାଗଡା, କୋରାପୁଟରେ; (୮) ୧୮୫୨୯ ଦୁର୍ଗ-ବିଶାଖାପାଟନମ୍ ଏକ୍ସପ୍ରେସ୍ ଟିଟିଲାଗଡ, ସିଙ୍ଗାପୁର ରୋଡ୍, ରାୟଗଡା, ପାର୍ବତୀପୁରମ୍, ବବିଲି, କୋଟାଭାଲାସା, ସିମଚାଲମ୍ ଷ୍ଟେସନ ଠାରେ; (୯) ୨୦୮୬୨ ଅହମ୍ମଦାବାଦ-ପୁରୀ ଏକ୍ସପ୍ରେସ ଟିଟିଲାଗଡ, ବଲାଙ୍ଗୀର, ବରଗଡ ରୋଡ, ହିରାକୁଦ, ସମ୍ବଲପୁର, ରେଢ଼ାଖୋଲ ଏବଂ ବୋଇଣ୍ଡା ଠାରେ ଏବଂ (୧୦) ୧୮୪୨୨ ସୋନପୁର-ପୁରୀ ଏକ୍ସପ୍ରେସ ବଲାଙ୍ଗୀର, ବରଗଡ ରୋଡ୍, ହିରାକୁଦ୍, ସମ୍ବଲପୁର, ରେଢ଼ାଖୋଲ ଏବଂ ବୋଇଣ୍ଡା ଷ୍ଟେସନଠାରେ ବର୍ତ୍ତମାନର ସମୟ ସୂଚୀ ପୂର୍ବରୁ ଛାଡିବ ।

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com

● Editor : Sarat Raut

ସଂପାଦକ: ଶରତ ରାଉତ